କଟକ
ସୋମବାର ୨୩ ଫେବ୍ରୁଆରୀ, ୨୦୨୬
ପ୍ରାତଃ ସଂସ୍କରଣ

February 23, 2026 Cuttack
Vol - XXIII, Issue - 324
Price: Rs.5/- ( 8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ


## ଏକାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



## ୰ଶ୍ରୀ କାହ୍ନୁ ଚରଣ ଲେଙ୍କା

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ

ଆବିର୍ଭାବ: ୨୩.୦୭.୧୯୩୯ ● ତିରୋଧାନ: ୧୩.୦୨.୨୦୨୬

ତାଙ୍କର ଦୀର୍ଘ ରାଜନୈତିକ ଯାତ୍ରା ଓଡ଼ିଶାର ବିକାଶ ଓ କଂଗ୍ରେସ ଦଳ ପାଇଁ ଉତ୍ସର୍ଗୀକୃତ ଥିଲା ।

ଓଡ଼ିଶା ଓ ଦେଶ ପାଇଁ ଅତୁଳନୀୟ ଅବଦାନ ସହିତ ନେତାମାନଙ୍କୁ ପରାମର୍ଶ ଦେବାରେ
ତାଙ୍କର ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ ।

ଶୋକସନ୍ତପ୍ତ
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

# ପୁଣି ପ୍ରେମରେ ଉବୁଟୁବୁ ମଲାଇକା



## ରୋମ୍‌ରୁ ଭାଇରାଲ ହେଲା ଡାଇମଣ୍ଡ ମର୍ଚ୍ଚାଣ୍ଟଙ୍କ ସହ ରୋମାଣ୍ଟିକ୍ ଫଟୋ

ବଲିଉଡର ଫିଟନେସ୍ କୁଇନ୍ ତଥା ଖ୍ୟାତନାମା ଆଇଟମ୍ ଗର୍ଲ ମଲାଇକା ଅରୋରା ପୁଣିଥରେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ଅଭିନେତା ଅର୍ଜୁନ କପୁରଙ୍କ ସହ ବ୍ରେକଅପ ପରେ ଏବେ ମଲାଇକାଙ୍କ ନାଁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ସହ ଯୋଡ଼ା ଯାଉଛି। ସେହି ବ୍ୟକ୍ତି ଜଣକ ହେଉଛନ୍ତି ଡାଇମଣ୍ଡ ମର୍ଚ୍ଚାଣ୍ଟ ହର୍ଷ ମେହେଟ୍ଟା। ଏବେ ମଲାଇକା ଏବଂ ହର୍ଷ ଇଟାଲୀର ରୋମ୍‌ରେ ଛୁଟି କଟାଉଥିବାର ଦେଖିବାକୁ ମିଳିଛି।

ସୋସିଆଲ ମିଡିଆରେ ଦୁହିଁଙ୍କର ଏକ ଫଟୋ ବେଶ ଭାଇରାଲ ହେବାରେ ଲାଗିଛି। ରୋମର ପ୍ରସିଦ୍ଧ 'ଟ୍ରେଭି ଫାଉଣ୍ଟେନ' ସମ୍ମୁଖରେ ଦୁହେଁ ଏକାଠି ଫଟୋ ଉଠାଇଛନ୍ତି। ମଲାଇକା ଏକ ବ୍ଲାକ୍ ଟ୍ରେଞ୍ଚ କୋଟ୍ ପିନ୍ଧି ଖୁବ୍ ଗ୍ଲାମରସ୍ ଦେଖାଯାଉଥିବା ବେଳେ ହର୍ଷ ଗ୍ରେ ଜ୍ୟାକେଟରେ ବେଶ ସ୍ମାର୍ଟ ଲାଗୁଛନ୍ତି। ହର୍ଷ ମେହେଟ୍ଟା କୌଣସି ଫିଲ୍ମ ଷ୍ଟାର ନୁହନ୍ତି, ବରଂ ଜଣେ ସଫଳ ବ୍ୟବସାୟୀ। ସେ ଜଣେ ଜଣାଶୁଣା ଡାଇମଣ୍ଡ ମର୍ଚ୍ଚାଣ୍ଟ। ଖବର ଅନୁଯାୟୀ, ସେ 'ସୈଙ୍କସ ମ୍ୟାନେଜମେଣ୍ଟ' ର ମ୍ୟାନେଜିଂ ଡାଇରେକ୍ଟର। କିଛି ସପ୍ତାହ ପୂର୍ବରୁ ଏକ ମ୍ୟୁଜିକ କନସର୍ଟରେ ଦୁହିଁଙ୍କୁ ପ୍ରଥମ ଥର ପାଇଁ ଏକାଠି ଦେଖିବାକୁ ମିଳିଥିଲା, ଯାହା ପରେ ସେମାନଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଅରବାଜ ଖାନଙ୍କ ସହ ଛାଡ଼ପତ୍ର ଏବଂ ଅର୍ଜୁନ କପୁରଙ୍କ ସହ ଦୀର୍ଘ ଦିନର ସମ୍ପର୍କ ପରେ ମଲାଇକା ଏବେ ହର୍ଷଙ୍କ ସହ ନଜର ଆସୁଛନ୍ତି। ଯଦିଓ ପ୍ରଶଂସକମାନେ ଦୁହିଁଙ୍କୁ ଏକାଠି ଦେଖି ଖୁସି ଅଛନ୍ତି, ତଥାପି ମଲାଇକା କିମ୍ବା ହର୍ଷ ଏପର୍ଯ୍ୟନ୍ତ ନିଜ ସମ୍ପର୍କକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ଏହି ଫଟୋଗୁଡ଼ିକ କେବଳ ବନ୍ଧୁତା ନା ଏହାଠାରୁ ଅଧିକ କିଛି, ତାହା ଦେଖିବାକୁ ବାକି ରହିଲା।

## ହୋଲିରେ ଲାଗିବ ଚନ୍ଦ୍ରଗ୍ରହଣ ଏହି ରାଶିର ବ୍ୟକ୍ତି ରୁହନ୍ତୁ ସତର୍କ





ହୋଲିରେ ଚନ୍ଦ୍ରଗ୍ରହଣ ହେବାକୁ ଯାଉଛି । ଏହି ଗ୍ରହଣ କିଛି ରାଶି ପାଇଁ ବିଶେଷ ସତର୍କତା ସୂଚାଇଛି । ଫେବୃଆରୀ ୧୭ ତାରିଖରେ ସୂର୍ଯ୍ୟଗ୍ରହଣ ଭାରତରେ ଦୃଶ୍ୟମାନ ହୋଇନଥିଲା, ତେଣୁ ଏହାର ପ୍ରଭାବ ଏଠାରେ ଅନୁଭୂତ ହୋଇନାହିଁ । ହେଲେ, ଏହି ଚନ୍ଦ୍ରଗ୍ରହଣ ସମସ୍ତ ରାଶି ଉପରେ ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ପ୍ରଭାବ ପକାଇପାରେ । ସିଂହ ରାଶିରେ ଏହି ଗ୍ରହଣରେ ବୃହସ୍ପତିଙ୍କ ନବମ ଦୃଷ୍ଟି ଏହାର ନକାରାତ୍ମକ ପ୍ରଭାବକୁ ଯଥେଷ୍ଟ ହ୍ରାସ କରିବ ବୋଲି ବିଶ୍ୱାସ କରାଯାଏ । ତେବେ ଆସନ୍ତୁ ଜାଣିବା କେଉଁ ରାଶିକୁ ଅଧିକ ସତର୍କ ରହିବାକୁ ପଡିବ ଏବଂ କେଉଁମାନେ ସାଧାରଣ ପ୍ରଭାବ ଅନୁଭବ କରିବେ।

**କର୍କଟ ରାଶି:** କର୍କଟ ରାଶି ପାଇଁ, ଏହି ଗ୍ରହଣ ଅଷ୍ଟମ ଘରେ ହେବ, ଯାହା ଅପ୍ରତ୍ୟାଶିତ ଅସୁବିଧାକୁ ସୂଚାଇଥାଏ । ଶ୍ୱଶୁର ଘର କିମ୍ବା ପୈତୃକ ସମ୍ପତ୍ତିକୁ ନେଇ ଉତ୍ତେଜନା ଦେଖାଦେଇପାରେ । ଘରେ ମତଭେଦ ଦେଖାଦେଇପାରେ ଏବଂ ମାନସିକ ଅସ୍ଥିରତା ଲାଗି ରହିପାରେ । ଆପଣଙ୍କ ବାଣୀକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆଖି ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ । ଏହା ସହିତ, ଆପଣଙ୍କ ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**ବିଛା ରାଶି:** ବିଛା ରାଶି ପାଇଁ, ଏହି ଗ୍ରହଣ ଚତୁର୍ଥ ଘରେ ହେବ, ଯାହାକୁ ମାତୃତ୍ୱ ଏବଂ ମାନସିକ ଶାନ୍ତିର ଘର ବୋଲି ବିବେଚନା କରାଯାଏ । ଘରର ପରିବେଶ ପ୍ରଭାବିତ ହୋଇପାରେ ଏବଂ ମାନସିକ ଚାପ ବୃଦ୍ଧି ପାଇପାରେ । ହୃଦରୋଗୀମାନଙ୍କୁ ବିଶେଷ ସତର୍କ ରହିବା ଆବଶ୍ୟକ । ଆପଣଙ୍କ ମା ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।

**ମୀନ ରାଶି:**ମୀନ ରାଶି ପାଇଁ, ଗ୍ରହଣ ଦ୍ୱାଦଶ ଘରେ ପଡ଼ିବ। ଏହା ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି କରିପାରେ । ସ୍ୱାସ୍ଥ୍ୟ ସମସ୍ୟା, ଅନିଦ୍ରା କିମ୍ବା କୋର୍ଟ ମାମଲା ସହିତ ଜଡିତ ଚାପ ସମ୍ଭବ । ଯଦି ଆପଣଙ୍କ କୁଣ୍ଡଳୀର ଦ୍ୱାଦଶ ଘରେ ପୂର୍ବରୁ ଦୁର୍ବଳ ଅଛି, ତେବେ ଅଧିକ ସତର୍କ ରୁହନ୍ତୁ । ଯୋଗ, ଧ୍ୟାନ ଏବଂ ଧାର୍ମିକ କାର୍ଯ୍ୟକଳାପ ମାନସିକ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିବ । ଏହି ରାଶିଙ୍କ ଉପରେ ରହିବ ସାଧାରଣ ପ୍ରଭାବ।

**ମିଥୁନ ରାଶି:** ମିଥୁନ ରାଶି ପାଇଁ, ଏହି ଗ୍ରହଣ ନବମ ଘରେ ଘଟିବ । ଆପଣଙ୍କ ଶିକ୍ଷକ ଏବଂ ପିତାଙ୍କ ପରାମର୍ଶ ଆପଣଙ୍କ ପରିସ୍ଥିତିକୁ ଉନ୍ନତ କରିପାରିବ । ଧାର୍ମିକ କାର୍ଯ୍ୟକଳାପ ଏବଂ ଦାନ ଲାଭ ଆଣିବ । ପରମ୍ପରାକୁ ସମ୍ମାନ ଦେବା ଦ୍ୱାରା ମାନସିକ ଶାନ୍ତି ବଜାୟ ରହିବ ।

**ତୁଳା ରାଶି:** ତୁଳା ରାଶିରେ, ଏହି ଗ୍ରହଣ ପଞ୍ଚମ ଘରେ ହେବ । ନିଷ୍ପତ୍ତି ନେବା ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ । ଜୁଆ କିମ୍ବା ବିପଦପୂର୍ଣ୍ଣ ନିବେଶରୁ ଦୂରେଇ ରୁହନ୍ତୁ । ପ୍ରେମ ସମ୍ପର୍କରେ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ । ଗର୍ଭବତୀ ମହିଳାମାନେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ।

**ମକର ରାଶି:** ମକର ରାଶି ପାଇଁ, ଏହି ଗ୍ରହଣ ଦ୍ୱିତୀୟ ଘରେ ହେବ, ଯାହା ବାଣୀ ଏବଂ ଧନର ଘର । କଠୋର ଭାଷା ଏବଂ ମିଥ୍ୟା ଠାରୁ ଦୂରେଇ ରୁହନ୍ତୁ । ଖାଦ୍ୟପେୟରେ ଅବହେଳା ଆପଣଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ।

**କୁମ୍ଭ ରାଶି:**କୁମ୍ଭ ରାଶି ପାଇଁ, ଗ୍ରହଣ ଲଗ୍ନ ଘରେ ଘଟିବ । ଏହା ଆପଣଙ୍କ ମନକୁ ଆତ୍ମବିଶ୍ୱାସ ଏବଂ ସନ୍ଦେହ ମଧ୍ୟରେ ଦୋହଲାଇପାରେ । ବ୍ୟକ୍ତିତ୍ୱ ଅସ୍ଥିରତା ଅନୁଭବ ହୋଇପାରେ, ଏବଂ ସମ୍ପର୍କ ତିକ୍ତ ହୋଇପାରେ । ଆତ୍ମବିଶ୍ୱାସ ବଜାୟ ରଖନ୍ତୁ, କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ ଏଡାନ୍ତୁ ।

## ଏହି ସବୁ ଅଭ୍ୟାସ ସ୍କିନ୍ ଓ କେଶ ପାଇଁ କ୍ଷତିକାରକ ହୋଇପାରେ





ପୁରୁଷ ହୁଅନ୍ତୁ କି ମହିଳା ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି । ସୁନ୍ଦର ତ୍ୱଚା ଏବଂ ମଜବୁତ କେଶ ପାଇଁ ମାର୍କେଟରେ ବିକ୍ରି ହେଉଥିବା ଅନେକ ପ୍ରକାରର ବିୟୁଟି ପ୍ରଡକ୍ଟକୁ ଆମେ ବ୍ୟବହାର କରିଥାଉ । କେବଳ ମହଙ୍ଗା ପ୍ରଡକ୍ଟ ବ୍ୟବହାର କଲେ ସୁନ୍ଦର ଦେଖାଯାଇନଥାଏ ବରଂ ଆପଣ ଆପଣଙ୍କ ଘରେ ବ୍ୟବହାର କରୁଥିବା ଜିନିଷ ଉପରେ ମଧ୍ୟ ନିର୍ଭର କରେ। ପ୍ରାୟତଃ ଅଜାଣତରେ କିଛି ଅଭ୍ୟାସ ରହିଛି ଯାହା ଆମ ସ୍କିନ୍ ଏବଂ କେଶ ପାଇଁ କ୍ଷତିକାରକ ହୋଇଥାଏ । ତେଣୁ ଏହି ସବୁ ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ । ଯାହା ଦ୍ୱାରା ଆପଣଙ୍କ ଚର୍ମ ଏବଂ କେଶକୁ ସୁସ୍ଥ ରଖିପାରିବେ। ତେବେ ଆସନ୍ତୁ ସେହି ସବୁ ସମ୍ପର୍କରେ ଜାଣିବା ।

ପ୍ରାୟତଃ ଲୋକମାନେ ହାତ ଗାମୁଛାକୁ ମୁହଁରେ ବ୍ୟବହାର କରିଥାଆନ୍ତି । ଯାହାକୁ ବ୍ୟବହାର କରିବା ଦ୍ୱାରା କ୍ରସ୍-କଣ୍ଟେମିନେସନ୍ ହୋଇପାରେ । ଯାହା ଜଣେ ବ୍ୟକ୍ତିରୁ ଅନ୍ୟ ଜଣଙ୍କୁ ଜୀବାଣୁ ସଂକ୍ରମିତ ହୋଇପାରେ । ଏଥିସହ ବ୍ରଣ, ଫଙ୍ଗାଲ୍ ଇନଫେକ୍ସନ୍ ଭଳି ଚର୍ମରୋଗର ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ଏହି ସବୁ ଅଭ୍ୟାସଠାରୁ ଦୂରେଇ ରହିବାକୁ ଚର୍ମରୋଗ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ମେକଅପ୍ ବ୍ରସ୍ ମଧ୍ୟ ଆମ ସ୍କିନ୍ ପାଇଁ କ୍ଷତିକାରକ ହୋଇଥାଏ । ଯାହା ପଙ୍ଗସ୍ ଭଳି ସମସ୍ୟା ସୃଷ୍ଟି କରିପାରେ । ଏହା ବ୍ୟତୀତ ଲୁଫା କିମ୍ବା ଯେକୌଣସି ବଡି ବ୍ରସ୍ ଆମେ ଅନେକ ସମୟରେ ବ୍ୟବହାର କରିଥାଉ । କିନ୍ତୁ ଏହାର ବ୍ୟବହାର ଆମକୁ ବିପଦରେ ପକାଇପାରେ। ଯାହା ବ୍ରଣ ଏବଂ ସକ୍ରମଣର ଆଶଙ୍କା ବଢାଇପାରେ। ଯାହା ଆମ ସ୍କିନକୁ କ୍ଷତି ପହଞ୍ଚାଇଥାଏ । ତ୍ୱଚାର ଯତ୍ନ ନେବା ପାଇଁ ସଠିକ୍ ଜିନିଷର ବ୍ୟବହାର କରାଯିବା ଉଚିତ୍ । ଯାହା ଆମ ସ୍କିନ୍ କେୟାର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ନଚେତ୍ ଏହି ବ୍ୟବହାର ଆମ ସ୍କିନକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଏହା ବଦଳରେ ନରମ ତଉଲିଆ, ୱାଶକ୍ଲଥ୍ କିମ୍ବା ଏକ୍ସପୋଲିଏଟର ବ୍ୟବହାର କରନ୍ତୁ।

ସେହିପରି କେଶର ଠିକ୍ ଭାବେ ଯତ୍ନ ନନେଲେ ଏହା ଦୁର୍ବଳ ହୋଇଯାଇଥାଏ । କେଶ ଝଡିବା ଏବଂ ପାଚିବା ଭଳି ସମସ୍ୟା ଦେଖାଦେଇଥାଏ । ପ୍ଲାଷ୍ଟିକ୍ ପାନିଆ କେଶକୁ ଖରାପ କରିଦେଇଥାଏ। ଏହି ସବୁ ସମସ୍ୟାକୁ ରୋକିବା ପାଇଁ କାଠ କିମ୍ବା କାର୍ବନ ପାନିଆ ବ୍ୟବହାର କରିବାକୁ ଚର୍ମରୋଗ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଏଥିସହ ଆଣ୍ଟି ହେୟାରଫଲ୍ ସାମ୍ପୁ ବ୍ୟବହାର କରିବାକୁ ମଧ୍ୟ ବାରଣ କରିଥାଆନ୍ତି । ଏହି ସାମ୍ପୁ ବଦଳରେ ଡର୍ମାଟୋଲୋଜିଷ୍ଟ ମାଇଲ୍ଡ, ସଲଫେଟ୍-ଫ୍ରି ସାମ୍ପୁ ବ୍ୟବହାର କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ଅନେକ ଲୋକ ବାରମ୍ବାର କେଶର ରଙ୍ଗ ବଦଳାଇଥାଆନ୍ତି। କିନ୍ତୁ ଏଥିପ୍ରତି ସାବଧାନ ରୁହନ୍ତୁ । ନଚେତ୍ ଏହା ଆପଣଙ୍କୁ ଏହା ବଡ଼ ବିପଦରେ ପକାଇଥାଏ । ଏହା କେବଳ କେଶ ଝଡିବାର କାରଣ ନୁହେଁ ବରଂ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଇପାରେ। ଯଦି ଆପଣ କେଶ ରଙ୍ଗ କରିବାକୁ ଚାହୁଁଛନ୍ତି ତେବେ କେଶରେ ମେହେନ୍ଦି ଏବଂ ଅଁଳା ବ୍ୟବହାର କରିପାରିବେ । ଯାହା ପ୍ରାକୃତିକ ଗୁଣରେ ଭରପୁର । ତେଣୁ ଏହି ସବୁ ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ । ଯାହା ଆପଣଙ୍କ କେଶକୁ ମଜବୁତ କରିବା ସହ ସ୍କିନ ପାଇଁ ମଧ୍ୟ ଲାଭଦାୟକ ହେବ ।

## ରୁଟି ସହ ଭାରତର କ'ଣ ରହିଛି ଲିଙ୍କ୍

ରୁଟି ହେଉଛି ମଣିଷଜାତିର ସବୁଠାରୁ ପୁରୁଣା ଖାଦ୍ୟ ମଧ୍ୟରୁ ଗୋଟିଏ। ଏହା ସଭ୍ୟତାର ଉତ୍ଥାନ ସହିତ ଗଭୀର ଭାବରେ ଜଡିତ। ଆଜି ରୁଟିକୁ ଭାରତୀୟ ଖାଦ୍ୟର ଏକ ମୁଖ୍ୟ ଅଂଶ ଭାବରେ ବିବେଚନା କରାଯାଉଥିବା ବେଳେ, ଫ୍ଲାଟବ୍ରେଡର କାହାଣୀ ଭାରତର ରେକର୍ଡ ହୋଇଥିବା ଇତିହାସର ବହୁ ପୂର୍ବରୁ ଆରମ୍ଭ ହୁଏ। ଫ୍ଲାଟବ୍ରେଡର ଆବିଷ୍କାର ସୂଚିତ କରେ ଯେ କୃଷି ଆରମ୍ଭ ହେବାର ହଜାର ହଜାର ବର୍ଷ ପୂର୍ବରୁ ବିଶ୍ୱର ସବୁଠାରୁ ପୁରୁଣା ରୁଟି ତିଆରି ହୋଇଥିଲା। ତେଣୁ, ପ୍ରଥମ ରୁଟି କେଉଁଠାରେ ତିଆରି ହୋଇଥିଲା ଆସନ୍ତୁ ଜାଣିବା। ବିଶ୍ୱର ସବୁଠାରୁ ପୁରୁଣା ରୁଟି ଫ୍ଲାଟବ୍ରେଡର ଲୋକଙ୍କ ମତରେ, ଜୋର୍ଡାନର ଉତ୍ତର-ପୂର୍ବ ମରୁଭୂମିରେ ବିଶ୍ୱର ସବୁଠାରୁ ପୁରୁଣା ରୁଟିର ଅବଶିଷ୍ଟାଂଶ ମିଳିଛି। ଏହି ଅବଶିଷ୍ଟାଂଶ ପ୍ରାୟ ୧୪,୪୦୦ ବର୍ଷ ପୁରୁଣା, ଯାହା ସଂଗଠିତ କୃଷି ଆରମ୍ଭ ହେବାର ପ୍ରାୟ ୪,୦୦୦ ବର୍ଷ ପୂର୍ବରୁ। ଏହି ରୋଟି ଏକ ପ୍ରକାର ଫ୍ଲାଟବ୍ରେଡର ଥିଲା ଯାହା ଜର୍ଓ୍ୱ, ଓଟ୍ସ ଏବଂ କନ୍ଦ ଭଳି ଜଙ୍ଗଲୀ ଶସ୍ୟକୁ ପିସି ତିଆରି କରାଯାଇଥିଲା। ଏହା ସମ୍ଭବତଃ ଗରମ ପଥରରେ କିମ୍ବା ଆଦିମ ଚୁଲିରେ ରନ୍ଧା ହେଉଥିଲା। ଏହି ଆବିଷ୍କାର ସୂଚାଇ ଦିଏ ଯେ ପ୍ରାରମ୍ଭିକ ମଣିଷମାନେ ବ୍ୟବସ୍ଥିତ କୃଷି ଆରମ୍ଭ ହେବାର ବହୁ ପୂର୍ବରୁ ଶସ୍ୟ ଜାତୀୟ ଖାଦ୍ୟ ସହିତ ପରୀକ୍ଷଣ କରୁଥିଲେ। ସିନ୍ଧୁ ଉପତ୍ୟକା ଏବଂ ପ୍ରାରମ୍ଭିକ ଭାରତୀୟ ରୁଟି ପରମ୍ପରା ଭାରତୀୟ ଉପମହାଦେଶରେ ରୁଟିର କାହାଣୀ ହଜାର ହଜାର ବର୍ଷ ପୁରୁଣା ସିନ୍ଧୁ ଉପତ୍ୟକା ସଭ୍ୟତା ସହିତ ଜଡିତ, ଯାହା ପ୍ରାୟ ୩୦୦୦ ର ଅଟେ। ହରପ୍ପା ଏବଂ ମୋହେଞ୍ଜୋ-ଦାରୋରେ ଖନନରୁ ଗହମ ଏବଂ ଯବ ଶସ୍ୟ ମିଳିଛି ଯାହା ଆଜି ବି ଭାରତରେ ଚାଷ କରାଯାଏ। ଏହି ପ୍ରମାଣ ସୂଚାଇ ଦିଏ ଯେ ଏହି ଅଞ୍ଚଳର ପ୍ରାରମ୍ଭିକ ବାସିନ୍ଦାମାନେ ଶସ୍ୟ ଚାଷ କରୁଥିଲେ ଏବଂ କିଛି ପ୍ରକାରର ଫ୍ଲାଟବ୍ରେଡ ତିଆରି କରୁଥିଲେ। ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ପ୍ରାଚୀନ ଭାରତୀୟ ସାହିତ୍ୟରେ ମଧ୍ୟ ରୁଟି ଏବଂ ଚପାତିର ଉଲ୍ଲେଖ ଅଛି। ଚପାତି ଭଳି ଶବ୍ଦ ସଂସ୍କୃତ ଗ୍ରନ୍ଥ ଏବଂ ମହାଭାରତ ଭଳି ମହାକାବ୍ୟରେ ଦେଖାଯାଏ। ଏହା ବିଶ୍ୱାସ କରାଯାଏ ଯେ ଚପାତି ଶବ୍ଦ ସଂସ୍କୃତ ଶବ୍ଦ କରପତିରୁ ଆସିଛି, ଯାହାର ଅର୍ଥ ଏକ ପତଳା କେକ। ରୁଟି ଶବ୍ଦ ନିଜେ ସଂସ୍କୃତ ଶବ୍ଦ ରୋଟିକାରୁ ଆସିଛି। ମୋଗଲ ଯୁଗ ଏବଂ ରୋଷେଇ ପରିଚୟ ମୋଗଲ ଯୁଗରେ ରୁଟି ଅଧିକ ସ୍ୱୀକୃତି ପାଇଥିଲା। ଏହା ବିଶେଷ ଭାବରେ ୧୬ ଶତାବ୍ଦୀର ଐତିହାସିକ ଦଲିଲ, ଆଇନ-ଇ-ଆକବରୀରେ ଉଲ୍ଲେଖ କରାଯାଇଛି। ଏହା କୋର୍ଟ ପ୍ରଥା ଏବଂ ଖାଦ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ। ମୋଗଲ ସମ୍ରାଟ ଆକବର ବିଭିନ୍ନ ପ୍ରକାରର ରୁଟି ଭଲ ପାଉଥିଲେ।



## କିପରି କଟିବ ଆଜିର ଦିନ

୨୩ ଫେବୃଆରୀ ୨୦୨୬

**ମେଷ:** ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ଗବେଷଣାରୁ ପ୍ରଶଂସିତ ହେବେ।

**ବୃଷ:** ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେନି। ପାରିବାରିକ, ବ୍ୟବସାୟିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନଦେଲେ ଅସୁବିଧାରେ ପଡ଼ିବେ।

**ମିଥୁନ:** ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ ହେବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କର୍କଟ:** ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବର ପାଇବେ।

**ସିଂହ:** ଦୀର୍ଘଦିନରୁ ଅଟକି ରହିଥିବା କାମ ପାଇଁ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କନ୍ୟା:** ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି।

**ତୁଳା:** ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ପାଇବେ।

**ବିଛା:** ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ:** ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର:** ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**କୁମ୍ଭ:** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ମୀନ:** ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବନି। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

ସୋମବାର ୨୩ ଫେବ୍ରୁଆରୀ, ୨୦୨୬

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ୨୬ରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ଭୁବନେଶ୍ୱର,୨୨।୨(ନି.ପ୍ର):** ଆସନ୍ତା ୨୬ ତାରିଖରେ ଓଡିଶା ଗସ୍ତରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍। ଫେବ୍ରୁଆରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୪ ଦିନ ରହିବେ। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ସହ ୧୦ ଜଣିଆ ଟିମ୍ ଆସୁଛନ୍ତି। ଏହି ୪ ଦିନିଆ ଗସ୍ତ ସମୟରେ ସମ୍ବଲପୁର ଓ ଝାରସୁଗୁଡା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ନେଇ ସୂଚନା ମିଳିଛି।

### ବୋଲେରୋକୁ ଧକ୍କା ଦେଲା ଟ୍ରେଲର

# ୫ ପୋଲିସ କର୍ମଚାରୀ ମୃତ, ୩ ଗୁରୁତର





କାଶୀରାମ ଭୋଇ (ଏପିଆର) | ନିରଞ୍ଜନ କୁଜୁର (ଡ୍ରିଲ ସବ୍‌ଇନ୍‌ସପେକ୍ଟର) | ଦେବଦତ୍ତ ସା (ଏପିଆର୍) | ଲିଙ୍ଗରାଜ ଧୃରୁଆ (ଏପିଆର ହାବିଲଦାର) | ଭକ୍ତବନ୍ଧୁ ମିର୍ଦ୍ଧା (ହୋମ ଗାର୍ଡ)

**ଝାରସୁଗୁଡ଼ା,୨୨।୨(ନି.ପ୍ର):** ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ମଧ୍ୟ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତିରେ ରେଙ୍ଗାଲିକୁ ଜଣେ କନଷ୍ଟେବଲଙ୍କ ବାହାଘରର ଭୋଜିକୁ ରିଜର୍ଭ ପୁଲିସର ୮ ଜଣ ପୁଲିସ ଅଧିକାରୀ ଯାଇଥିଲେ। ଭୋରରୁ ଭୋଜି ଖାଇ ଫେରୁଥିବା ସମୟରେ ଏଚ କଟାପାଲି ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରେଲର ସାମ୍ନାପଟୁ ପୋଲିସ ଗାଡ଼ିକୁ ଧକ୍କା ଦେଇଥିଲା। ବୋଲେରୋ ଗାଡ଼ିଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ମୃତଦେହଗୁଡ଼ିକୁ ବାହାର କରିଥିଲେ। ଆହତମାନଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। (ପୃଷ୍ଠା:୫)

### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

## ପ୍ରତି ମୃତକଙ୍କ ପରିବାରକୁ ୫ ଲକ୍ଷ ସହାୟତା

**ଭୁବନେଶ୍ୱର,୨୨।୨(ନି.ପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ସଡ଼କ ଦୁର୍ଘଟଣା ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ଅକାଳ ବିୟୋଗ ଜାଣି ମୁଁ ଗଭୀର ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଅମର ଆତ୍ମାର ସଦଗତି କାମନା କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟମାନଙ୍କର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ଏହାସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପୋଲିସ କର୍ମଚାରୀଙ୍କ ପରିବାରକୁ ୫ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

# ନମୋ ଭାରତ ଓ ମିରଟ ମେଟ୍ରୋର ଶୁଭାରମ୍ଭ କଲେ ମୋଦୀ



**ମିରଟ,୨୨।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ୧୨:୩୦ରେ ଶତାବ୍ଦୀ ନଗର ଷ୍ଟେସନରୁ ବହୁ ପ୍ରତୀକ୍ଷିତ ନମୋ ଭାରତ ଆଞ୍ଚଳିକ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ (ଆରଆରଟିଏସ୍) ଏବଂ ମିରଟ ମେଟ୍ରୋକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ଏହି ସେବାକୁ ଉଦ୍‌ଘାଟନ କରିବା ସହ ନମୋ ଭାରତ ଟ୍ରେନରେ ବସି ମିରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ସେ ଯାତ୍ରା କରିଛନ୍ତି। ଏହି ସମୟରେ ସ୍କୁଲ ପିଲା ଓ ଅଧିକାରୀଙ୍କ ସହିତ ମୋଦୀ ଆଲୋଚନା ମଧ୍ୟ କରିଛନ୍ତି।

'ଆରଆରଟିଏସ୍'କୁ ପତାକା ଦେଖାଇବା ପରେ ପ୍ରଧାନମନ୍ତ୍ରୀ ଦେଶରେ ମେଟ୍ରୋ ନେଟୱାର୍କର ସମ୍ପ୍ରସାରଣରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ। ୨୦୧୪ ପୂର୍ବରୁ ଭାରତରେ ମେଟ୍ରୋ ସମ୍ପ୍ରସାରଣ ବହୁତ ଧୀର ଥିଲା। କଂଗ୍ରେସ ସରକାର ସମୟରେ କେବଳ ପାଞ୍ଚଟି ସହରରେ ମେଟ୍ରୋ ଚାଲୁଥିଲା। ବିଜେପି ସରକାର ସମୟରେ ବର୍ତ୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟୱାର୍କ ମଧ୍ୟ ନିର୍ମାଣ କରିଛି।

ବିଜେପି ସରକାର ନାଗରିକଙ୍କୁ ସୁବିଧାଜନକ, ଦ୍ରୁତ ଏବଂ ପ୍ରଦୂଷଣମୁକ୍ତ ପରିବହନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। କିଛି ସମୟ ପୂର୍ବରୁ ମୁଁ ମିରଟ ମେଟ୍ରୋରେ ଯାତ୍ରା କରିଥିଲି । (ପୃଷ୍ଠା:୫)

BERHAMPUR BROILER TRADERS ASSOCIATION
CONSUMER RATE
Live Bird : Rs. 120/-@Kg.
Without Skin : Rs. 260/-@Kg.
Date: 23.2.2026

## ସେଣ୍ଟ୍ରାଲ କମିଟି ମେମ୍ବର ଦେବଜୀ, ରାଜିରେଡ୍ଡୀ ସହ ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୨।୨(ନି.ପ୍ର):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ତେଲେଙ୍ଗାନା ପୋଲିସ ନିକଟରେ ଦୁଇ ଦୁର୍ଦ୍ଧାନ୍ତ ମାଓ ନେତା ଆତ୍ମସମର୍ପଣ କରିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ତେଲେଙ୍ଗାନା ପୁଲିସ ଏନେଇ କୌଣସି ସ୍ପଷ୍ଟ କରିନଥିବାବେଳେ ଆଗାମୀ ଦୁଇଦିନ ମଧ୍ୟରେ ଏହି ନେତାମାନଙ୍କୁ ଗଣମାଧ୍ୟମ ନିକଟରେ ଅଣାଯିବ ବୋଲି କୁହାଯାଇଛି। ଏମାନେ ହେଲେ କେନ୍ଦ୍ରୀୟ କମିଟି ମେମ୍ବର ତଥା ମହାସଚିବ ଦେବଜୀ ଓରଫ ତିରୁପତି ଓ ରାଜିରେଡ୍ଡୀ।

କେରାଗୁଟ୍ଟା ଜଙ୍ଗଲରେ ଅପରେସନ ବ୍ଲାକ ଫରେଷ୍ଟ-୨ ଆରମ୍ଭ ହୋଇଥିବା ବେଳେ ନକ୍ସଲ ଆଉ କାରେଗୁଟ୍ଟା ଜଙ୍ଗଲରେ ସୁରକ୍ଷିତ ନଥିବା ଜାଣିବା ପରେ ଆତ୍ମସମର୍ପଣ କରୁଥିବା ଜଣାପଡିଛି। ତେବେ ଦେବଜୀ ଏବଂ ରାଜିରେଡ୍ଡୀଙ୍କ ସହ ଅନ୍ୟ ୧୬ ଜଣ ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରିଥିବା କୁହାଯାଇଛି।

୨୦୨୫ରେ ନକ୍ସଲ ସଙ୍ଗଠନର ମହାସଚିବ ବାସବରୁଜା ନାରାୟଣପୁର ଜିଲ୍ଲାରେ ଏନକାଉଣ୍ଟରରେ ନିହତ ହୋଇଥିଲେ। ଏହାପରେ ଦେବଜୀଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ତେବେ ସେହି ଏନକାଉଣ୍ଟରରେ ବାସବରାଜୁଙ୍କ ସହ ୨୬ ଜଣ ନକ୍ସଲ ନିହତ ହୋଇଥିଲେ। ତେଲେଙ୍ଗାନା ପୁଲିସ ଗତ ୪ ଦଶନ୍ଧି ଧରି ନକ୍ସଲ ଦମନ ନେଇ କାମକରି ସଫଳତା ପାଉଛି। ଲଗାତାର ଏନକାଉଣ୍ଟର ଏବଂ ଆତ୍ମସମର୍ପଣ ଯୋଗୁ ରାଜ୍ୟରେ ମାଓବାଦୀଙ୍କ ଗତିବିଧି କମିଥିବା କୁହାଯାଇଛି।

### ଆତଙ୍କବାଦୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ

# ଏଲ୍‌ଇଟି ଲିଙ୍କ୍‌ରେ ଥିବା ୮ ସନ୍ଦିଗ୍ଧ ଗିରଫ

**ନୂଆଦିଲ୍ଲୀ,୨୨।୨(ଏଜେନ୍ସି):** ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି। ପ୍ରାୟ ୧୦ ଦିନ ଦରି ଅପରେସନ୍ ଚଳାଇ ପଶ୍ଚିମବଙ୍ଗର ମାଲଦାରୁ ଦୁଇ ଜଣ ଓ ତାମିଲନାଡୁର ତିରୁପ୍ପୁର ଜିଲ୍ଲାରୁ ୬ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସନ୍ଦିଗ୍ଧମାନେ ପାକିସ୍ତାନର ଏଲ୍‌ଇଟି ଲିଙ୍କ୍‌ରେ ହିଂସାକାଣ୍ଡ ଘଟାଇବା ପାଇଁ ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଗିରଫଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗର ହୋଇଥିବା ବେଳେ ଅନ୍ୟମାନେ ବାଂଲାଦେଶ ନାଗରିକ ବୋଲି ପୋଲିସ କହିଛି। ଅଧିକ ତଦନ୍ତ ପାଇଁ ସମସ୍ତଙ୍କୁ ଦିଲ୍ଲୀ ଅଣାଯାଇଛି।



ମାଲଦାରୁ ଗିରଫ ସନ୍ଦିଗ୍ଧ ଆତଙ୍କୀମାନେ ହେଲେ ଉମର ଫାରୁକ ଓ ରବିବୁର ଉଲ୍ ଇସଲାମ। ତିରୁପ୍ପୁରରୁ ଗିରଫ ସନ୍ଦିଗ୍ଧ ବ୍ୟକ୍ତିମାନେ ମିଜାନୁର ରହମାନ, ମହମ୍ମଦ ଶବତ, ଓମାର, ମହମ୍ମଦ ଲିଟନ, ମହମ୍ମଦ ଶାହିଦ ଏବଂ ମହମ୍ମଦ ଉଜ୍ଜଲ ।

ଏମାନଙ୍କଠାରୁ ୮ ମୋବାଇଲ୍ ଫୋନ୍ ଏବଂ ୧୬ ସିମ୍ କାର୍ଡ ଜବତ କରାଯାଇଛି। ତିରୁପ୍ପୁର ଜିଲ୍ଲାର ଉଥୁକୁଲିରେ ୨, ପାଲାଡମରେ ୩ ଓ ତିରୁମୁରୁଗନପୁଣ୍ଡି ସ୍ଥିତ ଗାରମେଣ୍ଟସ ୟୁନିଟରୁ ଜଣକୁ ଗିରଫ କରାଯାଇଛି। ସେମାନେ ନକଲି ଆଧାର କାର୍ଡ ବ୍ୟବହାର କରୁଥିଲେ। ମାଲଦାରୁ ଗିରଫ ଦୁଇଜଣଙ୍କ ମୋବାଇଲ ଯାଞ୍ଚ କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବା ପରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ଟିମ୍ ତିରୁପ୍ପୁର ସ୍ଥିତ ଉକ୍ତ ଗାର୍ମେଣ୍ଟ ୟୁନିଟରେ ଚଢ଼ଉ କରିଥିଲା। ତଦନ୍ତରୁ ଜଣାପଡିଛି, ଅଭିଯୁକ୍ତମାନେ ପୋଷାକ କାରଖାନାରେ ନିଜ ପରିଚୟ ଗୋପନ ରଖି କାମ କରୁଥିଲେ । (ପୃଷ୍ଠା:୫)

## ପୁଣି ହସ୍ପିଟାଲରେ ଶରଦ ପାୱାର

**ନୂଆଦିଲ୍ଲୀ,୨୨।୨(ଏଜେନ୍ସି):** ଏନ୍‌ସିପି ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପୁଣେର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ସାମାନ୍ୟ ଡିହାଇଡ୍ରେସନ୍‌ରେ ପୀଡ଼ିତ ଥିବା ନେଇ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି।



ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅଚାନକ ସମସ୍ୟା ଦେଖାଦେଇଥିଲା। ପରେ ତାଙ୍କୁ ପୁଣେର 'ରୁବି ହଲ୍ କ୍ଲିନିକ'ରେ ଭର୍ତ୍ତି କରାଯାଇଥିଲା। ସେଠାରେ ହସ୍ପିଟାଲର ମୁଖ୍ୟ ହୃଦରୋଗ ବିଶେଷଜ୍ଞ ତଥା ଅଧ୍ୟକ୍ଷ ଡାକ୍ତର ପରଭେଜ ଗ୍ରାଣ୍ଟ୍ ଶରଦଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ ଏବଂ ସେ ଡିହାଇଡ୍ରେସନର ଶିକାର ହୋଇଥିବା ସୂଚନା ଦେଇଥିଲେ। ବର୍ତ୍ତମାନ ଶରଦ ଡାକ୍ତରୀ ଟିମ୍ ତତ୍ତ୍ୱାବଧାନରେ ଅଛନ୍ତି।

## ହାତୀ ଆକ୍ରମଣରେ ୨ ଜଣଙ୍କ ଜୀବନ ଗଲା

**ବ୍ରହ୍ମପୁର,୨୨।୨(ନି.ପ୍ର):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳରେ ହାତୀ ଆକ୍ରମଣରେ ଗୋଟିଏ ଗାଁର ୨ ଜଣଙ୍କ ଜୀବନ ଯାଇଛି। ରବିବାର ଭୋରରୁ ଏହି ଅଘଟଣ ଘଟିଛି। ଭୀଷ୍ମଗିରି ବିଟ୍ ଅଧୀନ ଜକମେରିପଲ୍ଲୀ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ପୁରୁଷ ଓ ଜଣେ ମହିଳା ମୃତ୍ୟୁ ହୋଇଛି। ମୃତକ ସେହି ଗ୍ରାମର ଗୋପୀନାଥ ପ୍ରଧାନ ଓ ଉର୍ମିଳା ରାଉତ ବୋଲି ଜଣାପଡ଼ିଛି। ଉଭୟ ପରିବା ତୋଳିବାକୁ ବିଲକୁ ଯାଇଥିଲେ। ହଠାତ ସେମାନଙ୍କୁ ହାତୀ ଆକ୍ରମଣ କରିଥିଲା। ମହିଳା ଜଣଙ୍କ ଘଟଣାସ୍ଥଳରେ ଆଖି ବୁଜିଥିଲାବେଳେ ଅନ୍ୟଜଣଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

## ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୨।୨(ଏଜେନ୍ସି):** ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ସୃଷ୍ଟ ଲଘୁଚାପ ପ୍ରଭାବରେ କାଲିଠୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା। କାଲିଠୁ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଆକାଶ ମେଘୁଆ ରହିବ। (ପୃଷ୍ଠା:୫)

### ଆଇଆରଏସ୍ ଅଫିସରଙ୍କ ନାଁରେ ସଙ୍ଗୀନ ଅଭିଯୋଗ

## ସରକାରୀ କ୍ୱାର୍ଟର୍ସରେ ଯୁବତୀଙ୍କୁ ଦୁଷ୍କର୍ମ

**ଭୁବନେଶ୍ୱର,୨୨।୨(ନି.ପ୍ର):** ଆଇଆରଏସ୍ ଅଫିସରଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ। ଭୁବନେଶ୍ୱର ସହିଦନଗର ଥାନା ଅଞ୍ଚଳରେ ଘଟିଛି ଅଭାବନୀୟ ଘଟଣା। ଜଣେ ଆଇଆର୍‌ଏସ୍ ଅଫିସର ସରକାରୀ କ୍ୱାର୍ଟର୍ସ ଭିତରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ସହ ଭିଡିଓ ରେକର୍ଡ଼ିଂ କରିଥିବା ଅଭିଯୋଗ ଆସିଛି।

ସୂଚନା ଅନୁସାରେ ଆଇଆରଏସ୍ ଅଫିସର ଜଣଙ୍କ ପରିବାର ସହିତ ସତସଙ୍ଗ ବିହାରରେ ରହୁଥିଲେ। ତେବେ ଗତ କିଛିଦିନ ତଳେ ତାଙ୍କ ଭଉଣୀ ଏବଂ ଜଣେ ଯୁବତୀ ଘରକୁ ଆସିଥିଲେ। ତେବେ ସ୍ତ୍ରୀ ଏବଂ ଭଉଣୀ କୌଣସି କାମରେ ବାହାରକୁ ଯାଇଥିବା ବେଳେ ସେ ବେଡ୍‌ରୁମକୁ ଡାକି ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ଏପରିକି କାହାକୁ କହିଲେ କିମ୍ବା ଥାନାରେ ଏତଲା ଦେଲେ କରିଥିବା ଅଶ୍ଳୀଳ ଭିଡିଓ ଭାଇରାଲ କରିବାକୁ ମଧ୍ୟ ଧମକ ଦେଇଥିଲେ। କିଛିଦିନ ପରେ ଯୁବତୀ ଜଣକ ସହିଦ ନଗର ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ସହିଦନଗର ପୋଲିସ ତଦନ୍ତ ଆରମ୍ଭ କରିଛି।

ଡାକ୍ତରୀ ମାଇନା ପରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ଆଇଆରଏସଙ୍କ ବିରୋଧରେ ଦୁଷ୍କର୍ମ ଦଫା ଲଗାଇ ଛାନଭିନ୍ ଆରମ୍ଭ କରିଛି ପୋଲିସ।

## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୨ ମାଓବାଦୀ

**କନ୍ଧମାଳ,୨୨।୨(ନି.ପ୍ର):** ପୁଣି ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ରାଇକିଆ ଥାନା କରଡ଼ା ଜଙ୍ଗଲରେ ମାଓବାଦୀ ଏବଂ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ଦୁଇ ମାଓବାଦୀ ନିହତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ମୃତ ମାଓବାଦୀଙ୍କ ପରିଚୟ ମିଳିନାହିଁ। କରଡ଼ା ଜଙ୍ଗଲରେ କିଛି ମାଓବାଦୀ ଲୁଚି ରହିଥିବାର ବିଶେଷ ସୂତ୍ରରୁ ଖବର ପାଇ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ। ଏହି ସମୟରେ ମାଓବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା କ୍ୟାଡର ଥିବା ଜଣାପଡିଛି। ଜଙ୍ଗଲରେ ଏବେବି ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି।

### ରାଜକନିକା ଛାତ୍ରୀ ଗଣଦୁଷ୍କର୍ମ ମାମଲା

## ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା କ୍ରାଇମ୍ ବ୍ରାଞ୍ଚ

**ଭୁବନେଶ୍ୱର,୨୨।୨(ନି.ପ୍ର):** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ଗୁରୁତ୍ୱର ସହ ନେଇ ରେଡ୍ ଫ୍ଲାଗ୍ କଲା କ୍ରାଇମ୍ ବ୍ରାଞ୍ଚ। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ହେବ। ଏହାସହ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇ ନିର୍ଦ୍ଦେଶ ହୋଇଛି। ନିର୍ଦ୍ଦେଶ ପାଇବା ପରେ ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛି କ୍ରାଇମବ୍ରାଞ୍ଚ।

ସୂଚନା ଅନୁସାରେ, ନାବାଳିକା ଛାତ୍ରୀଙ୍କୁ ଗତ ୪ ବର୍ଷ ଧରି ଦୁଷ୍କର୍ମ କରୁଥିଲେ ସ୍କୁଲର ୪ ଶିକ୍ଷକ ଓ ଜଣେ ପିଅନ। ଜଣେ ଶିକ୍ଷୟିତ୍ରୀ ଏମାନଙ୍କୁ ସହଯୋଗ କରୁଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରଖିଥିଲେ ଶାରୀରିକ ସମ୍ପର୍କ। ସାଇନ୍ସ ଲ୍ୟାବରେ କ୍ୟାମେରା ଅଫ୍ କରି ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏନେଇ ଛାତ୍ରୀ ଜଣକ ବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଜଣାଇଥିଲେ।

ହେଲେ ସ୍କୁଲ ପ୍ରିନ୍ସିପାଲ ଏହାକୁ ଗୁରୁତ୍ୱ ଦେଉନଥିଲେ। ଅଭିଯୁକ୍ତ ଶିକ୍ଷକମାନେ ଛାତ୍ରୀଙ୍କୁ ଧମକ ଦେଉଥିଲେ ଘଟଣା ସମ୍ପର୍କରେ କାହାକୁ ନକହିବା ପାଇଁ। ଯଦି କାହାକୁ ଘଟଣା ସମ୍ପର୍କରେ କହିବେ ତେବେ ଛାତ୍ରୀଙ୍କ ସାନ ଭାଇ ଓ ତାକୁ ଜୀବନରୁ ମାରିଦେବେ। ଫଳରେ ଛାତ୍ରୀ ଜଣକ ନିରବ ରହୁଥିଲେ ବୋଲି ପୋଲିସ ତଦନ୍ତ କରି ଜାଣିବାକୁ ପାଇଛି। ଏହି ମାମଲାରେ ଆଉ କାହାରି ସମ୍ପୃକ୍ତି ଆସିଲେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

### ମୋଦୀଙ୍କ ମନ୍ କୀ ବାତ୍

# ଓଡ଼ିଶା ଚାଷୀ ହିରୋଦଙ୍କୁ କଲେ ପ୍ରଶଂସା

**ନୂଆଦିଲ୍ଲୀ,୨୨।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩୧ତମ ମନ କୀ ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ତାଙ୍କ ବକ୍ତବ୍ୟରେ କୃଷି ଉତ୍ପାଦନ, ଗତବର୍ଷ ସଙ୍ଗମ୍ କୂଳରେ ଅନୁଷ୍ଠିତ ମହାକୁମ୍ଭ,

### ଏଆଇ ସମ୍ମିଳନୀର ସଫଳତା ବଖାଣିଲେ

କେରଳର ଭାରତପ୍ପୁଝା ନଦୀକୂଳରେ ଅବସ୍ଥିତ ତିରୁନାବାୟାଠାରେ ମାମଂଙ୍ଗମ ମହୋତ୍ସବ, ତାମିଲନାଡୁର ଦିବଂଗତ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ଜନମଙ୍ଗଳ ପଦକ୍ଷେପ, ନୂଆଦିଲ୍ଲୀରେ ସଦ୍ୟ ଅନୁଷ୍ଠିତ ଏଆଇ ଶୀର୍ଷ ସମ୍ମିଳନୀ, ଟି-ଟ୍ୱେଣ୍ଟି ବିଶ୍ୱକପ୍ ମ୍ୟାଚ୍, ପରୀକ୍ଷା ଆଦି ବିଷୟରେ ଆଲୋଚନା କରିଛନ୍ତି। ଏହା ସହିତ ଓଡ଼ିଶାର ଯୁବ ଚାଷୀ



ହିରୋଦ ପଟେଲଙ୍କ କାହାଣୀ ବାଣ୍ଟିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, କର୍ଣ୍ଣାଟକର ନଞ୍ଜନଗୁଡ଼ କଦଳୀ, ମୈସୁରର ପାନପତ୍ର ଏବଂ ଇଣ୍ଡି ଲେମ୍ବୁକୁ ମାଳଦ୍ୱୀପ ପଠାଯାଉଛି। ଏହି ଉତ୍ପାଦଗୁଡ଼ିକ ନିଜର ସ୍ୱାଦ ଓ ଗୁଣବତ୍ତା ପାଇଁ ପରିଚିତ। ବିଗତ ବର୍ଷ ଏହି ସମୟରେ ଆୟୋଜିତ ମହାକୁମ୍ଭର ଅପୂର୍ବ ଓ ମନମୋହକ ଛବି ସ୍ମୃତିପଟଳରେ ଉଜ୍ଜୀବିତ ରହିଛି। ସଙ୍ଗମକୂଳରେ ଜନସମାଗମ, ଅତୁଟ ଆସ୍ଥା ଏବଂ ସ୍ନାନର ସେହି ପବିତ୍ର ମୁହୂର୍ତ୍ତକୁ ସ୍ମରଣ କରିଛନ୍ତି ମୋଦୀ। ସେହିପରି କେରଳର ଭାରତପ୍ପୁଝା ନଦୀକୂଳରେ ଅବସ୍ଥିତ ତିରୁନାବାୟାଠାରେ ହଜାର ହଜାର ବର୍ଷ ଧରି 'ମାମଂଗମ୍' ମହୋତ୍ସବ ପାଳିତ ହୋଇଆସୁଛି। ଏହାକୁ କେରଳର କୁମ୍ଭ ରୂପେ ଅଭିହିତ କରାଯାଏ। ମହାକୁମ୍ଭ ହେଉ ବା କେରଳର କୁମ୍ଭ, ଏହା ସ୍ନାନର ପର୍ବ ନୁହେଁ, ଏହା ଆମ ସଂସ୍କୃତିର ପୁନଃସ୍ମରଣ। ଆମ୍ମା ଜୟଲଳିତାଙ୍କୁ ଜନପ୍ରିୟ ନେତ୍ରୀ ଭାବେ ଅଭିହିତ କରି କହିଛନ୍ତି, ଫେବୃୟାରୀ ୨୪ ହେଉଛି ତାଙ୍କ ଜନ୍ମଦିନ। ତାମିଲନାଡୁର ଜନସାଧାରଣଙ୍କର ତାଙ୍କପ୍ରତି ଗଭୀର ସ୍ନେହ ରହିଛି। ଜୟଲଳିତାଙ୍କ କଥା ଆସିବା ମାତ୍ରେ ତାମିଲନାଡୁ ଲୋକଙ୍କ ମୁହଁରେ ହସ ଫୁଟିଉଠେ। ଆମ୍ମା ଜୟଲଳିତାଙ୍କ ସହ ହୋଇଥିବା ମୋର ପ୍ରତ୍ୟେକ କଥାବାର୍ତ୍ତା, ପ୍ରତ୍ୟେକ ସାକ୍ଷାତକାର ଆଜି ବି ମନରେ ଉଜ୍ଜୀବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ଯୁବ ଚାଷୀ ହିରୋଦ ପଟେଲଙ୍କ ଚାଷ ଶୈଳୀକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ସୁନ୍ଦରଗଡ଼ ଟାଙ୍ଗରପାଲୀ ବ୍ଲକ ରତନପୁର ଗାଁର ହିରୋଦ ବାପା ଶିବଶଙ୍କର ପଟେଲଙ୍କଠାରୁ ପ୍ରେରଣା ପାଇ ଚାଷ କରୁଛନ୍ତି। ଧାନ, କଦଳୀ, ମାଛ ଚାଷ କରି ବେଶ୍ ଲାଭବାନ୍ ହେଉଛନ୍ତି। (ପୃଷ୍ଠା:୫)

### ସୁରକ୍ଷାବାହିନୀକୁ ବଡ଼ ସଫଳତା

## ସୈଫୁଲ୍ଲା ସମେତ ୩ ନିପାତ

**ଶ୍ରୀନଗର,୨୨।୨(ଏଜେନ୍ସି):** ସୁରକ୍ଷାବାହିନୀଙ୍କୁ ବଡ଼ ସଫଳତା ମିଳିଛି। ଜାମ୍ମୁ-କାଶ୍ମୀରର କିସ୍ତୱାଡ ଜିଲ୍ଲାର ଏକ ଦୁର୍ଗମ ଅଞ୍ଚଳରେ ରବିବାର ସୁରକ୍ଷାବାହିନୀ ସହ ଏନକାଉଣ୍ଟରରେ ପାକିସ୍ତାନର ଜୈଶ-ଏ-ମହମ୍ମଦ ସହ ସମ୍ପୃକ୍ତ ୩ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଟପ୍ ଜୈଶ କମାଣ୍ଡର ସୈଫୁଲ୍ଲା ବାଲୁଚ୍ ଅନ୍ତର୍ଭୁକ୍ତ ସେନାର ସୂଚନା ଅନୁସାରେ, ଆତଙ୍କବାଦୀ ଚଟରୁ ବେଲ୍ଟର ପାସେରକୁଟ ଅଞ୍ଚଳରେ 'ତ୍ରାଶି-୧' ଅପରେସନ ବେଳେ ନିପାତ ହୋଇଛନ୍ତି ଏବଂ ତାଙ୍କ ପାଖରୁ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ କରାଯାଇଛି। ଜାମ୍ମୁ-କାଶ୍ମୀର ପୁଲିସ, ଆଇବି (ଇଣ୍ଟେଲିଜେନ୍ସ ବ୍ୟୁରୋ) ଓ ନିଜର ଇଣ୍ଟେଲିଜେନ୍ସ ସୋର୍ସରୁ ମିଳିଥିବା ସୂଚନା ଅନୁସାରେ, କିସ୍ତୱାଡ ଅଞ୍ଚଳରେ ଅପରେସନ 'ତ୍ରାଶୀ-୧' ଅନୁସାରେ ଏକ ସୁଚିନ୍ତିତ ମିଳିତ ଅପରେସନ ଆରମ୍ଭ କରାଯାଇଥିଲା। ସେନା 'ଏକ୍ସ'ରେ ଏକ ପୋଷ୍ଟରେ କହିଛି, ପ୍ରଥମେ ହୋଇଥିବା ସଫଳ କଣ୍ଟାକ୍ଟ ପରେ ସିଆଇଏଫ୍ (କାଉଣ୍ଟର ଇଣ୍ଟେଲିଜେନ୍ସ ଫୋର୍ସ) ଡେଲ୍ଟାର ପୁଲିସ ଓ ସିଆରପିଏଫ୍ ସହ ମିଶି ରବିବାର ସକାଳ ୧୧ଟା ସମୟରେ ଆତଙ୍କବାଦୀ ସହ ମୁହାଁମୁହିଁ ହୋଇଥିଲେ । (ପୃଷ୍ଠା:୫)

**ଅନୁଚିହ୍ନ**

ଧର୍ମ କେବେ ବି ସମ୍ବେଦନଶୂନ୍ୟ ନୁହେଁ। ସମ୍ବେଦନା ଧର୍ମର ସ୍ୱରୂପ।

## ସମ୍ପାଦକୀୟ

# କଳାବାଘ ସଫାରୀ

**ମ**ୟୂରଭଞ୍ଜରେ ମେଲାନିଷ୍ଟିକ ଟାଇଗର (କଳାବାଘ) ସଫାରୀ ଯୋଜନାକୁ ଅନ୍ତିମ ମଞ୍ଜୁରୀ ମିଳିଯାଇଛି । ଏହି ପରିଯୋଜନାକୁ ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ ମିଳିବା ଫଳରେ ମାସ ମାସ ଧରି ଅଟକି ରହିଥିବା ଯୋଜନାର ଆଇନଗତ ଅବରୋଧ ହଟିଯାଇଛି । ବାରିପଦାରୁ ପ୍ରାୟ ୧୦ କିମି ଦୂର ମଞ୍ଜାବନ୍ଧାରେ କଳାବାଘ ସଫାରୀର ପ୍ରସ୍ତାବ ଦିଆଯାଇଥିଲା । ପୂର୍ବରୁ ଏହି ପ୍ରସ୍ତାବକୁ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ଼ଏ) ଏବଂ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ମଞ୍ଜୁରୀ ଦେଇଥିଲେ । ସର୍ବୋଚ୍ଚ ନ୍ୟାୟଳୟରେ ଯାଚିକା କାରଣରୁ ଏହି ପରିଯୋଜନା ଆଗକୁ ବଢ଼ିପାରୁନଥିଲା । ଏବେ ଆଗକୁ ବଢ଼ିବ । ମୟୂରଭଞ୍ଜ ଜିଲ୍ଲାର ଏହି କଳାବାଘ ସଫାରୀ ହେବ ବିଶ୍ୱର ପ୍ରଥମ ମେଲାନିଷ୍ଟିକ ଟାଇଗର ସଫାରୀ । ଓଡ଼ିଶାର ବନ୍ୟପ୍ରାଣୀ ପର୍ଯ୍ୟଟନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଏହି କଳାବାଘ ସଫାରୀ । ଏନ୍‌ଟିସିଏ ଏବଂ ରାଜ୍ୟ ବନ୍ୟପ୍ରାଣୀ ଅଧିକାରୀଙ୍କ ମିଳିତ ସର୍ଭେ ଟିମ୍ କ୍ଷେତ୍ରୀୟ ନିରୀକ୍ଷଣ କରିବା ପରେ ମଞ୍ଜାବନ୍ଧାକୁ ଏହି ସଫାରୀ ପାଇଁ ଚୟନ କରାଯାଇଥିଲା । ପ୍ରାୟ ୨୦୦ ହେକ୍ଟର ଜମିରେ ଏହା ବିକଶିତ ହେବ



ବୋଲି ଜଣାଯାଇଛି । ଏଥିରୁ ୧୦୦ ହେକ୍ଟର ରହିବ ବାଘଙ୍କ ଅବାସ ପାଇଁ, ବାକି ୧୦୦ ହେକ୍ଟରରେ ରେସ୍କ୍ୟୁ ସେଣ୍ଟର, ପଶୁ ଚିକିତ୍ସାଳୟ, ପାର୍କିଂ, କର୍ମଚାରୀଙ୍କ ରହିବା ଘର ଆଦି ସହାୟକ ସୁବିଧା ପାଇଁ ବ୍ୟବହୃତ ହେବ । ରିପୋର୍ଟ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଏହି ସଫାରୀ ପାଇଁ ଆସିବେ ୫ କଳାବାଘ, ୩ଟି ନନ୍ଦନକାନନରୁ ଓ ୨ଟି ରାଞ୍ଚି ଚିଡ଼ିଆଖାନାରୁ। ପ୍ରଥମେ ଏହି ବାଘ ବିଶେଷଜ୍ଞଙ୍କ ଦେଖାରେଖାରେ ରହିବେ । ମୟୂରଭଞ୍ଜ ଜିଲ୍ଲାରେ ବିଶ୍ୱର ପ୍ରଥମ ମେଲାନିଷ୍ଟିକ ଟାଇଗର ସଫାରୀ ହେବା ଖବର ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ସ୍ୱାଗତ କରାଯାଇଛି । ରାଜ୍ୟର ଶିମିଳିପାଳରେ ଦେଖିବାକୁ ମିଳୁଥିବା ମେଲାନିଷ୍ଟିକ ଟାଇଗର ସାରା ବିଶ୍ୱରେ ପ୍ରସିଦ୍ଧି ହାସଲ କରିଛନ୍ତି । ବାଘଙ୍କର ଏହି ଦୁର୍ଲଭ ଜିନ୍ ଉପରେ ବିଶ୍ୱର ବୈଜ୍ଞାନିକ ଓ ପର୍ଯ୍ୟଟକଙ୍କର ଆଗ୍ରହ ବୃଦ୍ଧି ପାଇଛି ।

# ଉପକାରୀ ହେନ୍ତାଳ ବଣ

**ପା**ର୍ବତ୍ୟାଞ୍ଚଳ ଓ ସମତଳ ଅଞ୍ଚଳରେ ବଣଜଙ୍ଗଲ ଯେଉଳି ମୃତ୍ତିକାକୁ ଧରି ରଖେ, ସମୁଦ୍ର କୂଳରେ ମଧ୍ୟ ହେନ୍ତାଳ ବନର ଗୁରୁତ୍ୱ ସେହିଭଳି ରହିଥାଏ । ହେନ୍ତାଳ ବନ ସମୁଦ୍ରର ଲୁଣି ପାଣି ଓ ସନ୍ତସନ୍ତିଆ ଭୂମିରେ ସୃଷ୍ଟି ହୋଇଥାଏ । ସମୁଦ୍ରର ଇକୋ-ସିଷ୍ଟମର ଏହା ଗୁରୁତ୍ୱପୂର୍ଣ୍ଣ ଅଂଶ । ସୁନାମୀ କିମ୍ବା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ହେନ୍ତାଳ ବନ ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏହା ପ୍ରମାଣିତ ହୋଇସାରିଛି । ଗୁଜରାଟର ବନବିଭାଗ ହେନ୍ତାଳ ବନର ମହତ୍ତ୍ୱ ଉପଲବ୍ଧି କରି ଆରମ୍ଭ କରିଛି ଏକ ବିଶେଷ ଅଭିଯାନ । ପାଞ୍ଚ ବର୍ଷ ପୂର୍ବେ ବନ ବିଭାଗର ବିଭିନ୍ନ ଟିମ୍ ଅହମଦାବାଦ ନିକଟ ଧୋଲେରାରେ ହେନ୍ତାଳ ଲଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ଧୋଲେରା ଉପକୂଳରେ ସାଢ଼େ ତିନି ହଜାର ହେକ୍ଟରରେ ବ୍ୟାପିଯାଇଛି ହେନ୍ତାଳ । ସମଗ୍ର ଅଞ୍ଚଳରେ ଏହି ହେନ୍ତାଳ ବନର ପ୍ରଭାବ ଦେଖିବାକୁ ମିଳୁଛି । ସେଠାରେ ଇକୋ-ସିଷ୍ଟମରେ ବୃଦ୍ଧି ପାଇଛି ଡଲଫିନଙ୍କ ସଂଖ୍ୟା ।



କଙ୍କଡ଼ା ଏବଂ ଅନ୍ୟ ଜଳଜୀବଙ୍କ ସଂଖ୍ୟା ମଧ୍ୟ ଢ଼େର ବୃଦ୍ଧି ପାଇଛି । ଆହୁରି ମଧ୍ୟ, ବହୁ ସଂଖ୍ୟାରେ ଆସୁଛନ୍ତି ବିଦେଶୀ ପକ୍ଷୀ । ଏହାଦ୍ୱାରା ପରିବେଶ ଉପରେ ଅନୁକୂଳ ପ୍ରଭାବ ପଡୁଛି । ମତ୍ସ୍ୟଜୀବୀ ଓ ମତ୍ସ୍ୟ ଚାଷୀଙ୍କୁ ମଧ୍ୟ ଫାଇଦା ମିଳୁଛି । ଗୁଜରାଟରେ ଧୋଲେରା ଉପରେ ଏବେ କଚ୍ଛରେ ଜୋରସୋର ଚାଲିଛି ହେନ୍ତାଳ ବୃକ୍ଷରୋପଣ । ସେଠାରେ କୋରୀ କ୍ରିକ୍ରେ ମ୍ୟାଙ୍ଗ୍ରୋଭ୍ ଶିକ୍ଷା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି । ବୃକ୍ଷଲତାର ବିଶେଷତ୍ୱ ଅବର୍ଣ୍ଣନୀୟ । ପ୍ରତ୍ୟେକ ଜୀବର ଉନ୍ନତି ପାଇଁ କାମରେ ଲାଗିଥାଏ ବୃକ୍ଷଲତା । ଭାରତୀୟ ଗ୍ରନ୍ଥମାନଙ୍କରେ କୁହାଯାଇଛି, ସେହି ବୃକ୍ଷ ଏବଂ ବନସ୍ପତି ଧନ୍ୟ ଯାହା କାହାକୁ ହତାଶ କରେ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ୍ ପେଡ଼୍ ମା କେ ନାମ୍' ଅଭିଯାନକୁ ବର୍ତ୍ତମାନ ସମୟରେ ଆହୁରି ଆଗେଇ ନେବାକୁ ପଡ଼ିବ ।

## ଆପଣ ଜାଣନ୍ତି?

- **ଚତୁର୍ଥ ଶ୍ରେଣୀ କର୍ମଚାରୀରୁ ପ୍ରଧାନ ନ୍ୟାୟାଧୀଶ ହୋଇଥିଲେ ସରୋଶ ହୋମି କାପାଡ଼ିଆ :** ସରୋଶ ହୋମି କାପାଡ଼ିଆଙ୍କ ଜନ୍ମ ୧୯୪୭ ସେପ୍ଟେମ୍ବର ୨୯ରେ । ପରିବାରର ସହାୟତା ପାଇଁ ସେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟ କରିବା ମଧ୍ୟରେ ଶେଷ କରିଥିଲେ ଆଇନ ପଢ଼ା । ତା'ପରେ ଓକିଲାତି କରିଥିଲେ । ଜମିଜମା ଓ ରାଜସ୍ୱ ମାମଲାରେ ତାଙ୍କର ଭଲ ଦଖଲ ରହିଥିଲା । ଖୁବ୍ ଶୀଘ୍ର ସେ ଜଣେ ନାମୀ ଆଡ଼ଭକେଟ ଭାବେ ଖ୍ୟାତି ଅର୍ଜନ କରିଥିଲେ । ୧୯୯୩ରେ ତାଙ୍କୁ ବମ୍ବେ ହାଇକୋର୍ଟରେ ଜଜ୍ ଭାବେ ନିଯୁକ୍ତି ଦିଆଯାଇଥିଲା । ୧୨ ମେ ୨୦୧୦ରେ ସେ ଭାରତର ପ୍ରଧାନ ବିଚାରପତି ହୋଇଥିଲେ । ପାର୍ଶୀ ସମ୍ପ୍ରଦାୟରୁ ସର୍ବୋଚ୍ଚ ନ୍ୟାୟଳର ପ୍ରଧାନ ବିଚାରପତି ହୋଇଥିବା ସେ ପ୍ରଥମ ବ୍ୟକ୍ତି।



- **ଲିଗ୍ ଅଫ୍ ନେସନ୍ସର ମଞ୍ଜୁରୀରେ ପାଲେଷ୍ଟାଇନରେ ସ୍ଥାପିତ ହୋଇଥିଲା ଇହୁଦୀ ବସ୍ତି :** ୨୯ ଅକ୍ଟୋବର ୧୯୨୩ରେ ପାଲେଷ୍ଟାଇନରେ ସ୍ଥାପିତ ହୋଇଥିଲା ଇହୁଦୀ ବସ୍ତି । ୧୯୧୭ରେ ହୋଇଥିବା ବାଲଫୋର ଘୋଷଣା ଅନୁଯାୟୀ ବ୍ରିଟେନ ଦ୍ୱାରା ପାଲେଷ୍ଟାଇନରେ ଇହୁଦୀ ବସ୍ତି ସ୍ଥାପନ ପାଇଁ ସହମତି ପ୍ରକାଶ ପାଇବା ପରେ ଏହାକୁ ମଞ୍ଜୁରୀ ଦେଇଥିଲା ଲିଗ୍ ଅଫ୍ ନେସନ୍ସ ।

- **ଇସ୍ତାନବୁଲରେ ଏସିଆ ଓ ୟୁରୋପକୁ ଯୋଡୁଥିବା ବ୍ରିଜ ଖୋଲିଥିଲା :** ୩୦ ଅକ୍ଟୋବର ୧୯୭୩ରେ ଇସ୍ତାନବୁଲରେ ଏସିଆ (ବେଲାରବେଇ)ରୁ ୟୁରୋପ (ଓଷ୍ଟାକ୍ୱୋ)କୁ ଯୋଡୁଥିବା ବ୍ରିଜ ବୋସ୍ଫୋରସ ଖୋଲିଥିଲା । ଏହି ବ୍ରିଜର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଫେବ୍ରୁଆରୀ ୧୯୭୦। ଏହି ବ୍ରିଜର ଦୈର୍ଘ୍ୟ ୧୫୬୦ ମିଟର



# ସୁସ୍ଥତାର ମନ୍ତ୍ର ଜାଣିବାକୁ ହେବ

ଡା. ପ୍ରଫୁଲ୍ଲ କୁମାର ଦାସ

**ମା**ନସିକ ସ୍ୱାସ୍ଥ୍ୟ ବିଗିଡ଼ିଗଲେ ଏହା ଶରୀର ପ୍ରତି ନକାରାତ୍ମକ ପ୍ରଭାବ ପକାଇବ। ସବୁବେଳେ ଚାପରେ ରହିଲେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ବୋଲି ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି। ତେଣୁ ଭୟ ଓ ଚାପମୁକ୍ତ ରହିବାକୁ ହେବ। ଭୟ ଓ ଚାପମୁକ୍ତ ରହିବା ପାଇଁ କହିଦେଲେ ଯେ ଜଣେ ସବୁ ପ୍ରକାର ଭୟ ଓ ଚାପରୁ ନିଜକୁ ମୁକ୍ତ କରିପାରିବ ସେ କଥା ବି ନୁହେଁ। ଚାପମୁକ୍ତ ରହିବା ଏକ ପ୍ରକାର କଳା। ଏହି କଳା ଶିଖିବାକୁ ହେବ। ସୁସ୍ଥତାର ମନ୍ତ୍ର ଜାଣିବାକୁ ହେବ। ଯଦି ମାନସିକ ସ୍ତରରେ ସୁସ୍ଥ ରହି ପାରିବା ତେବେ ସର୍ବପ୍ରଥମେ ଆସନ୍ତୁ ଆମେ ଈଶ୍ୱରଙ୍କ ଉପରେ ଭରସା ରଖିବା।

ଭୂତାଣୁ ଆକ୍ରମଣରୁ ବଞ୍ଚିବାକୁ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ନିହାତି ଆବଶ୍ୟକ। କିନ୍ତୁ ଆମ ଜୀବନଯାପନର ନାନା ସମସ୍ୟା କାରଣରୁ କ୍ରମଶଃ କମିବାରେ ଲାଗିଛି ମଣିଷର ରୋଗ ପ୍ରତିରୋଧକ କ୍ଷମତା। ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ କେଉଁ ଅଭ୍ୟାସଗୁଡ଼ିକ ଉପରେ ଜୋର ଦେବା ଆବଶ୍ୟକ ଜାଣନ୍ତୁ। ପାଣି ପିଇବାରେ ଅଳସୁଆମି କରନ୍ତୁ ନାହିଁ। ଶରୀରରେ ଜଳର ପରିମାଣ କମିଗଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ। ଶରୀରରେ ଜମା ହୋଇଥିବା ଜୀବାଣୁ, ଭୂତାଣୁ ମୂତ୍ର ସହିତ ବାହାରିଯାଆନ୍ତି। କିନ୍ତୁ ପାଣି ପିଇବା କମିଗଲେ ସେଗୁଡ଼ିକ ଶରୀରରୁ ସହଜରେ ବାହାରି ପାରନ୍ତି ନାହିଁ। ଆଉ ଏକ ଅଭ୍ୟାସ ନିୟମିତ ନିଦ୍ରା। ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନଶୋଇବା ନିଦ୍ରା ଯିବାର ଏହି ଦୁଇଟି ବଦଭ୍ୟାସକୁ ଛାଡ଼ିବାକୁ ହେବ। ଅନିୟମିତ ନିଦ୍ରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ କରେ ବୋଲି ଚିକିତ୍ସକ କହନ୍ତି। ସଠିକ ମାତ୍ରାରେ ନିଦ ନହେଲେ ଦୁର୍ବଳ ଅନୁଭବ ହୁଏ। ତେଣୁ ରୋଗ ସହିତ ମୁକାବିଲା କରିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତି କମାଇବାରେ ଧୂମପାନର ଭୂମିକା ସବୁଠୁ ଅଧିକ। ତେଣୁ ଏହି କୁଅଭ୍ୟାସଗୁଡ଼ିକୁ ଆଜି ହିଁ ବିଦାୟ ଦିଅନ୍ତୁ। ଧୂମପାନ କରୁନଥିଲେ ମଧ୍ୟ ଯିଏ ଧୂମପାନ କରିଥିବେ ତାଙ୍କ ସଂସ୍ପର୍ଶରୁ ଦୂରେଇ ରହିବାର ଅଭ୍ୟାସ ଗଢ଼ି ତୋଳନ୍ତୁ। ସବୁବେଳେ ଗୋଟିଏ ଜାଗାରେ ବସି ରହିବା ବଦଳରେ ଟିକେ ଚଲାବୁଲା କରିପାରିବେ। ଘର ଭିତରେ ହିଁ ନିଜ କାମ ନିଜେ କରିବାର ଅଭ୍ୟାସ ଆପଣାନ୍ତୁ। ନିଜ ପୋଷାକ ନିଜେ ସଫା କରନ୍ତୁ, ଶୁଖାନ୍ତୁ, ଇସ୍ତ୍ରୀ କରନ୍ତୁ। ଫଳରେ ଲଣ୍ଡ୍ରି ଯିବାର ଅଭ୍ୟାସ କମିବ। ସେଇ ବାହାନାରେ ଟିକେ କାମ କରିପାରିବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ। ସପ୍ତାହରେ ଥରେ ଘର ଝଡ଼ା, ପୋଛା ଆଦି କରନ୍ତୁ। ଦେଖିବେ ଥକା ଲାଗିବ ନିଶ୍ଚୟ। କିନ୍ତୁ ଆପଣଙ୍କୁ ଶୋଷ ହେବ। ଭୋକ ବି ଭଲ କରି ଲାଗିବ। କାରଣ ଏସବୁ କାମ କଲାବେଳେ ଶରୀରରୁ ଝାଳ ତ ବାହାରିବ ନିଶ୍ଚୟ। ଶେଷରେ ରହିଲା ମନକୁ ହାଲୁକା ରଖିବାର ଅଭ୍ୟାସ ସୃଷ୍ଟି କରିବା। ମାନସିକ ଭାବେ ଚାପମୁକ୍ତ ରହିବାର ଅନେକ ଉପାୟ ଅଛି। ଯେଉଁ ଉପାୟଟି ପାଇଁ ସହଜ ହେଉଛି ସେଇଟିକୁ ବାଛି ନିଅନ୍ତୁ।

ଖାଦ୍ୟାଭ୍ୟାସରେ ଆଣନ୍ତୁ ପରିବର୍ତ୍ତନ। ଖିଆପିଆ ଉପରେ ନଜର ଦେବା ନିହାତି ଆବଶ୍ୟକ। କ'ଣ ଖାଇବେ, କେଉଁ ଖାଦ୍ୟ ଏଡ଼ାଇ ଚାଲିବେ ଏସବୁ କଥା ଭୁଲିଗଲେ ଚଳିବନାହିଁ। ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଡାଏଟ ମାନି ଚଳିବାକୁ ହେବ। ଡାଏଟିସିଆନ ଓ ନ୍ୟୁଟ୍ରିସନିଷ୍ଟମାନଙ୍କ ଅନୁସାରେ, ଯେଉଁମାନଙ୍କର ପେଟର ସମସ୍ୟା ରହିଛି ବା ଅତ୍ୟଧିକ ଏସିଡିଟି ଅଛି ସେମାନେ ଲେମ୍ବୁ, ଭିନେଗାର ମିଶିଥିବା ଖାଦ୍ୟ ଏଡାଇ ଚାଲନ୍ତୁ। ଯଦି ଭିଟାମିନ-ସି ପାଇଁ ନିହାତି ଲେମ୍ବୁ ଖାଇବାକୁ ପଡୁଥାଏ ତେବେ ଡାଲିରେ ଲେମ୍ବୁ ରସ ମିଶାଇ ଖାଇପାରିବେ। କିନ୍ତୁ ଖାଲି ପେଟରେ ଆଦୌ ନୁହେଁ। ଫଳ, ପନିପରିବା, ଶାଗ ଆଦି ଅଧିକ ପରିମାଣରେ ଖାଇବାକୁ ହେବ। କେବଳ ଭିଟାମିଟ ସପ୍ଲିମେଣ୍ଟ ଭାବରେ ମିଳୁଥିବା ଟାବଲେଟ ଗିଳିଦେଲ ଯେ କାମ ସରିଲା ଏଭଳି ଭାବନାରୁ ନିବୃତ୍ତ ରହିବାକୁ ହେବ। ଏମିତି ଖାଦ୍ୟ ଯେଉଁଥିରେ ଭିଟାମିନ ଏ,



ସି, ଡି ଏବଂ ଜିଙ୍କ୍ ରହିଛି ସେଗୁଡ଼ିକ ଖାଇବା ଉପରେ ଜୋର ଦିଅନ୍ତୁ। ଦହି, ଫଳ ଆଦିରେ ପାନୀୟ ତିଆରି କରି ପିଇପାରିବେ। ବାଦାମ, ବଟର ଆଦି ଅଳ୍ପ ଅଳ୍ପ କରି ଖିଆଯାଇପାରିବ। କେବଳ ଅଧିକ ପାଣି ପିଇଦେଲେ ଚଳିବନାହିଁ। ଅଦା, ଗୋଲମରିଚ ମିଶା ଚା, ଚିକେନ କିମ୍ବା ଭେଜିଟେବଲ ସୁପ, ଫଳରସ, ପଇଡ଼ ପାସଣିକୁ ମଧ୍ୟ ଡାଏଟରେ ବାଧ୍ୟତାମୂଳକ ଭାବରେ ସାମିଲ କରନ୍ତୁ। ଅଧିକ ଦୁର୍ବଳ ଲାଗୁଥିଲେ ମଝିରେ ମଝିରେ ଗ୍ଲୁକୋନ ଡି, ଇଲେକ୍ଟ୍ରୋଲାଇଟ ପାନୀୟ ମଧ୍ୟ ପିଇପାରିବେ। କୋଭିଡ଼ ସଂକ୍ରମିତ ହେବା ପରେ ଅନେକଙ୍କ ସ୍ୱାଦ ବାରିବାର କ୍ଷମତା ଚାଲିଯାଇଥାଏ। ତେଣୁ ଖାଇବାରେ ସମସ୍ୟା ହୋଇଥାଏ। ତେଣୁ ପାଟିକୁ ଭଲ ଲାଗିବ ବୋଲି ଅଧିକ ତେଲମସଲା ଦିଆ ଚଟାପଟ ଖାଦ୍ୟ ଖାଇଦେଲେ ଚଳିବ ବୋଲି ଯଦି କେହି ଭାବୁଥାନ୍ତି ତେବେ ସେହି ଭାବନାରୁ ଦୂରରେ ରହନ୍ତୁ। ଅଳ୍ପ ତେଲ ମସଲାରେ ମଧ୍ୟ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ।

ବର୍ତ୍ତମାନ ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ। ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ। ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାନ୍ତି। ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ୍ ସହାୟକ ହୋଇପାରିବ। ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆଯାଇପାରିବ। ତେବେ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ। ପ୍ରାଣଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି। ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବା ପ୍ରମାଣ ମିଳିଛି। ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ। ପ୍ରାଣଯୋଗ କରିବା ଦ୍ୱାରା କେବଳ ମନ ଚାପମୁକ୍ତ ରହେନାହିଁ, ବରଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଓ ଏକାଗ୍ରତା ବଢିଥାଏ।

ସାମଗ୍ରିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ଉପର ଗୁରୁତ୍ୱ ଦିଅନ୍ତୁ। ଜିମ୍ ଯାଇ ବ୍ୟାୟାମ କଲେ ଯେ ସୁସ୍ଥ ରହିବେ ଏମିତି ନୁହେଁ। ନିୟମିତ ଭାବେ ଯୋଗାସନ କରିବା ଦ୍ୱାରା ସୁସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ। ତେବେ ଯୋଗ କରିବା ପୂର୍ବରୁ କେତୋଟି କଥା ମନେ ରଖିବାକୁ ହେବ। ମନଇଚ୍ଛା ଯୋଗାଭ୍ୟାସ କରନ୍ତୁ ନାହିଁ। ୟୁଟ୍ୟୁବ କିମ୍ବା ହ୍ୱାଟ୍‌ସଆପ୍ ଦେଖି ନିଜ ଇଚ୍ଛାନୁସାରେ ଯୋଗାସନ କରିବା ବି ଠିକ ନୁହେଁ। ଯୋଗାଭ୍ୟାସ କରିବା ଆଗରୁ ନିଜ ଶରୀରର ଗଠନ କିପରି ତାହା ବୁଝିବାକୁ ହେବ। ଘର ଭିତରେ ହିଁ ଏହି ବ୍ୟାୟାମ କରିପାରିବେ। ହାଲୁକା ଗୀତ ଶୁଣି ଶୁଣି ବ୍ୟାୟାମ ଅଭ୍ୟାସ କରନ୍ତୁ। ରିଦିମିକ ଏକ୍ସରସାଇଜ ସହଜରେ କରାଯାଇପାରିବ। ପ୍ରାଣାୟାମ କ୍ଷେତ୍ରରେ ବି ସେହି ଏକା ନିୟମ ଲାଗୁ ହୋଇଥାଏ। ମନଇଚ୍ଛା ନିଃଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କେବେ ବି ପ୍ରାଣାୟାମ ହୋଇନପାରେ। ପ୍ରାଣାୟାମ କରିବାର ମଧ୍ୟ ଏକ ବିଧି ଅଛି। ସେହି ବିଧି ମାନି ପ୍ରାଣାୟାମ କଲେ ଲାଭ ମିଳିବ। ପ୍ରାଣାୟାମ କରିବା ପୂର୍ବରୁ ଡିପ ବ୍ରିଦିଂ ଏକ୍ସରସାଇଜ କରିପାରିବେ। ମନେ ରଖନ୍ତୁ ଗୋଟିଏ ଦିନରେ ଯୋଗ କି ପ୍ରାଣାୟାମ ଏକ୍ସପର୍ଟ ହେବା ଆଦୌ ସମ୍ଭବ ନୁହେଁ। କିନ୍ତୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆଜିଠାରୁ ହିଁ ଆପଣେଇ ପାରିବେ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ। ସାରା ବିଶ୍ୱ ଜାଣି ସାରିଛି ଭାରତୀୟ ଯୋଗର ମହନୀୟତା ବିଷୟରେ। ତେଣୁ କାହିଁକି ଏହି ଅଭ୍ୟାସର ଲାଭ ଉଠାଇବେ ନାହିଁ!

କନସ୍‌ଲାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,

# ଆଧ୍ୟାତ୍ମିକ ଉପଲବ୍ଧିର ଛଅଟି ସ୍ତର

ଅଲେଖ ଚନ୍ଦ୍ର ସାମଲ

**ଭ**ଗବାନ ଶ୍ରୀ ସତ୍ୟସାଇ ବାବା କଳିଯୁଗରେ ସାଧାରଣ ମଣିଷକୁ ମାନବିକତାର ପଥ ଦେଖାଇଛନ୍ତି। ତାଙ୍କ ଦିବ୍ୟ ସମ୍ଭାଷଣରେ ସେ ସଦାସର୍ବଦା ଶ୍ରଦ୍ଧାଳୁ ଓ ଆଶ୍ରିତମାନଙ୍କୁ ଆଧ୍ୟାତ୍ମିକ ଉପଲବ୍ଧି ସମ୍ପର୍କରେ ଅବଗତ କରିଛନ୍ତି। ନଭେମ୍ବର ୨୩ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ। ଚଳିତବର୍ଷ ବାବାଙ୍କ ୧୦୦ତମ ଜୟନ୍ତୀ। ମନୁଷ୍ୟ ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପରମେଶ୍ୱରଙ୍କ ସାନ୍ନିଧ ଲାଭ କରିବା, ତାଙ୍କ ମଧ୍ୟରେ ବିଲୀନ ହୋଇଯିବା । ତେବେ ଏ ଉତ୍ତରଣ ପାଇଁ ମନୁଷ୍ୟକୁ ଛଅଟି ଆଧ୍ୟାତ୍ମିକ ଉପଲବ୍ଧି ଦେଇ ଯିବାକୁ ହୋଇଥାଏ। ଏହା ମଧ୍ୟରୁ ପ୍ରଥମ ଅବସ୍ଥାଟି ହେଉଛି ସାଲୋକ୍ୟ । ଏହି ଅବସ୍ଥାରେ ଭକ୍ତମାନେ ପରମକର୍ତ୍ତା ଭଗବାନ ସେମାନଙ୍କ ଗହଣରେ ଅବସ୍ଥାନ କରୁଥିବା ଭଳି ଅନୁଭବରେ ଉଲ୍ଲସିତ ହୋଇଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଥିବାବେଳେ ଗୋପପୁରବାସୀ ଏହି ସାଲୋକ୍ୟ ଅବସ୍ଥାକୁ ଅନୁଭବ କରୁଥିଲେ। ଦ୍ୱିତୀୟ ଅବସ୍ଥାଟି ହେଉଛି ସାମୀପ୍ୟ। ଏଥିରେ ଭକ୍ତ ଭଗବାନଙ୍କୁ ନିଜର ଆତ୍ମୀୟ ବୋଲି ମନେକରି ତାଙ୍କ ନିକଟରେ ନିଜ ମନର କଥା ପ୍ରକାଶ କରିଥାନ୍ତି ।

ଏହାପରେ ଆସେ ସାଜୁଜ୍ୟ ଅବସ୍ଥା। ଏଥିରେ ଭକ୍ତ ଭଗବାନଙ୍କ ସହିତ ନିବିଡ଼ ହୋଇଥାନ୍ତି । ଏପିରିକି ସେ ଭଗବାନଙ୍କୁ ସ୍ପର୍ଶ କରିବା ଅନୁଭବ ମଧ୍ୟ କରିପାରନ୍ତି। ଏହାପରେ ଚତୁର୍ଥ ଅବସ୍ଥା ସ୍ୱାରୂପ୍ୟରେ ଭକ୍ତ ଚିନ୍ତା କରିବା ମାତ୍ରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିଥାନ୍ତି । ପଞ୍ଚମ ଅର୍ଥାତ୍ ସରଷ୍ଟି ଅବସ୍ଥାରେ ଭକ୍ତ ଚତୁର୍ଦ୍ଦିଗରେ ପରମ ପୁରୁଷଙ୍କୁ ଅନୁଭବ କରିଥାନ୍ତି । ଯେତେବେଳେ ସାଧକ ଜଣକ ଏହି ଅବସ୍ଥାରେ ପହଞ୍ଚନ୍ତି, ସେତେବେଳେ ସେ ଈଶ୍ୱରଙ୍କ ମଧ୍ୟରେ ବିଲୀନ ହେବାପରି ଅନୁଭବ କରିଥାନ୍ତି, ଅର୍ଥାତ୍ ତାଙ୍କ ନିଜର ଆଉ କିଛି ଅସ୍ତିତ୍ୱ ରହେନାହିଁ। ଶେଷରେ ଭକ୍ତଙ୍କର ଆତ୍ମା ପରମପୁରୁଷଙ୍କ ମଧ୍ୟରେ ବିଲୀନ ହୋଇଯାଏ ଏବଂ ଏହାକୁ କୈବଲ୍ୟ ଅବସ୍ଥା ବୋଲି କୁହାଯାଏ ।

ଅନ୍ୟର ଦୋଷତ୍ରୁଟି ଦେଖିବା ଅପେକ୍ଷା ନିଜର ଭୁଲ୍ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିବ । ନିଜର ଆଚରଣ, ଉଚ୍ଚାରଣ ତଥା କର୍ମରେ ଯେପରି ଅନ୍ୟ କାହାର କ୍ଷତି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ। ଏ ସବୁ ପରେ ପ୍ରତିଦିନ ନିଜ ସହ ବେଶ୍ କିଛି ସମୟ ଏକାନ୍ତରେ ବିତାଇବାକୁ ପଡ଼ିବ । ଏହି ସମୟ ମଧ୍ୟରେ ନିଜ ମନରେ ଆସୁଥିବା ଭାବନାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବାରମ୍ବାର ଏପରି କରିବା ଦ୍ୱାରା ଆଚରଣ ଶୁଦ୍ଧପୂତ ହେବା ସହ ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ପଥ ସୁଗମ ହେବ। ଭଗବାନ ଶ୍ରୀ ସତ୍ୟସାଇ ମାନବରୁ ମାଧବ ଓ ସାଧାରଣ ଜୀବନରୁ କୈବଲ୍ୟ ସ୍ତରକୁ ନେବା ପାଇଁ ଆଧ୍ୟାତ୍ମିକର ପଥ ଦେଖାଇଛନ୍ତି।

ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨

# ସମୟ ଧାରାରେ ସାମ୍ପ୍ରତିକ ଜୀବନ

ଡ.ମନୋରଞ୍ଜନ ବିଷୋୟୀ

**ସ**ମାଜରେ ଚଳପ୍ରଚଳ କରୁଥିବା ମଣିଷ ନିତ୍ୟ ପ୍ରତ୍ୟହ ଘଟଣାବଳୀର ସାର୍ଥକ ସମନ୍ୱୟ। ମଣିଷ ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ପରିବାର ଓ ସମାଜ । ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା। ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ। ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ହିଁ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରି ଆସିଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ଦେଖାଦେଇଛି। କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡମ୍ବିତ ହୋଇଛି । ଫଳରେ ନୂତନ ଆଶାର ସ୍ୱପ୍ନ କାଳବକ୍ଷରେ ତିରୋହିତ ହୋଇଯାଉଛି। ସମାଜରେ ଆଶାତୀତ ଭାବେ ବିଭିନ୍ନ ଅପରାଧ, ଚୋରି, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକଜନିତ ହତ୍ୟା ଓ ଅମାନୁଷିକତା ବୃଦ୍ଧି ପାଇବାରେ ଲାଗିଛି । ଅର୍ଥ ଲାଳସା, ପ୍ରବଞ୍ଚନା, ମିଥ୍ୟା ଓ ପ୍ରଚାରଧର୍ମିତା ମଣିଷର ମଣିଷପଣିଆକୁ କଳୁଷିତ କରିଛି। ସେବା ଓ ତ୍ୟାଗ ହୋଇଛି ବିଡମ୍ବିତ । ଏ ପ୍ରକାର ଅଶ୍ୱସ୍ତିକର ପରିବେଶ ଭିତରେ ଆଜିର ମଣିଷ ବଞ୍ଚିଛି । ସବୁବେଳେ ତା' ଆଖି ଆଗରେ ଫୁଟି ଉଠିଛି ଏକ ଅନ୍ଧକାର ସମାଜର ଚିତ୍ର । ବିଜ୍ଞାନର ଅଗ୍ରଗତି ହେଉଛି, କିନ୍ତୁ ଦାରିଦ୍ର୍ୟ, ବ୍ୟାଧି ଓ କ୍ଷୁଧା ତୃଷ୍ଣାର ତାଡ଼ନା ବି ରହିଛି ।

ପ୍ରକୃତ ପକ୍ଷେ କହିବାକୁ ଗଲେ ମଣିଷର ସାମାଜିକ ଜୀବନ ହୋଇଉଠିଛି ସମସ୍ୟାକ୍ଲିଷ୍ଟ । ଏପରିକି ଆଧ୍ୟାତ୍ମିକ ଓ ମାନସିକ ଭାବସତ୍ତା ହୋଇଉଠିଛି ତା'ଠୁ ଅଧିକ ବିପର୍ଯ୍ୟସ୍ତ । ଆଜି ମଣିଷ ଏକ ଧୂସର ଉପତ୍ୟକାର ଅଧିବାସୀ। ସଫଳତା ଓ ସ୍ୱୀକୃତିର ଘୋଡ଼ାଦୌଡ଼ରେ ସେ ଅଣନିଃଶ୍ୱାସୀ । ସଫଳତାର ସିଡ଼ି ଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ ।

ବସ୍ତୁତଃ ଏହାହିଁ ହେଉଛି ସାମ୍ପ୍ରତିକ ସମାଜର ଏକ ନିଚ୍ଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଏବଂ ସୌହାର୍ଦ୍ଦ୍ୟ ସୁଦୂର ପରାହତ । ସର୍ବତ୍ର ମଣିଷ ଆପଣାର ପ୍ରାପ୍ତି ପାଇଁ ନିଖିଳ ବିଶ୍ୱକୁ ଉପେକ୍ଷା କରିଥିବା ସତ୍ୟ ମନେହୁଏ।

ମୋ : ୮୮୯୫୧୪୧୭୨୭

# ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ

କାଳି ଦାସ

**ମା'** ସବୁଠାରୁ ମିଠା ଶବ୍ଦଟିଏ । ମା' ସବୁଠାରୁ ପ୍ରିୟ ମଣିଷଟିଏ କେବଳ ମଣିଷ ନୁହେଁ ପଶୁ ପକ୍ଷୀ ମଧ୍ୟ ନିଜର ବାତ୍ସଲ୍ୟ ସମୟ ମା' କୋଳରେ ବିତାଇଥାନ୍ତି । ମା'ର ସ୍ନେହ ସବୁଠାରୁ ଅଲଗା। ନିଃସ୍ୱାର୍ଥପର ଭାବରେ ମା' ନିଜ ସନ୍ତାନକୁ ଭଲ ପାଇଥାଏ। ନିଜ ସନ୍ତାନର ମଙ୍ଗଳ ପାଇଁ ଅନେକ ବ୍ରତ ଉପବାସ ଓ ପୂଜା କରିଥାଏ। ମା'ର ଋଣ କେହି କେବେ ଶୁଝି ପାରିନାହିଁ। ସନ୍ତାନକୁ କିପରି ଦୁନିଆ ଦାଣ୍ଡରେ ମଣିଷକରି ଠିଆକରିବ ସେଥିପାଇଁ ମା ପୂରା ଜୀବନ ବାଜି ଲଗେଇଦିଏ । ଆମ ଦେଶରେ କେଉଁ ଆଦିମକାଳରୁ ମାତୃଶକ୍ତିର ଆରାଧାନା ହୋଇଚାଲିଛି। ଶକ୍ତିର ପ୍ରତୀକ ହେଲେ ମା ଦୁର୍ଗା। ଜ୍ଞାନର ପ୍ରତୀକ ହେଲେ ମା ସରସ୍ୱତୀ। ସୌଭାଗ୍ୟର ପ୍ରତୀକ ହେଲେ ମା ଲକ୍ଷ୍ମୀ । ଏହି ସମସ୍ତଙ୍କ ଆରାଧନା ଆମମାନଙ୍କ ଘରେ ହୋଇଥାଏ ।

ଈଶ୍ୱରଙ୍କ ସୃଷ୍ଟିର ସବୁଠାରୁ ଶ୍ରେଷ୍ଟ ସୃଷ୍ଟି ମା'ର ସ୍ନେହ ଓ ମମତା। ତା' ବିନା ଆମ ଜୀବନ ଶୁଷ୍କ। । ଜୀବନ ଯୁଦ୍ଧରେ ଆମେ ଯେତେବେଳେ କ୍ଷତାକ୍ତ ହେଉ ସେତେବେଳେ ମା'ର କାନିପଣତ ତଳେ ଶାନ୍ତି ପାଇଥାଉ। ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷ ରେ ମା' ଏକ ଅଲଗା ଅସ୍ତିତ୍ୱ। ସେହି ଅସ୍ତିତ୍ୱ ସହିତ ବିଶ୍ୱର ସମସ୍ତ ସମ୍ପତ୍ତି ତୁଚ୍ଛ।

ଭାରତୀୟ ସଂସ୍କୃତିରେ ମା'ର ସମ୍ମାନ ସବୁଠାରୁ ଉର୍ଦ୍ଧ୍ୱରେ। ଭଗବାନ ଶ୍ରୀ କୃଷ୍ଣଙ୍କୁ ମଧ୍ୟ ତାଙ୍କର ପାଳିତ ମା 'ଯଶୋଦାଙ୍କ ନାମ ସହିତ ଯୋଡି ଦିଆଯାଇଥାଏ। ଶ୍ରୀ କୃଷ୍ଣଙ୍କୁ ଯୋଶୋଦା ନନ୍ଦନ' କହି ସମ୍ବୋଧନ କରାଯାଇ ଥାଏ ଏବଂ ଜନ୍ମ କରୁଥିବା ମା' ଦେବକୀଙ୍କ ନାମ ସହିତ ଯୋଡି ଦେବକୀ ପୁତ୍ର ବୋଲି ମଧ୍ୟ କୁହାଯାଇଥାଏ । ସେହିପରି ଅର୍ଜୁନଙ୍କୁ ମଧ୍ୟ କୌନ୍ତେୟ କହି ସମ୍ବୋଧନ କରାଯାଇଛି। ମା' ସହିତ ତା' ସନ୍ତାନର ସମ୍ପର୍କ ଅତି ନିବିଡ । କୁହାଯାଏ, ଗାନ୍ଧିଙ୍କ ମହାନ ବ୍ୟକ୍ତିତ୍ୱର ପଛରେ ତାଙ୍କ ମା' ପୁତୁଳି ବାଇଙ୍କ ପ୍ରେରଣା ରହିଥିଲା । ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ସହିତ ମଦର ମେରୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥାଏ । ମଦର ମେରୀ ଓ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ମା' ଓ ତା'ର ସନ୍ତାନର ନିବିଡତାକୁ ଦର୍ଶାଇଥାଏ ।

ଆମେ ଆମର ଭାଷାକୁ ମାତୃଭାଷା କହୁ। ସେହିପରି ଜନ୍ମଭୂମିକୁ ଆମେ ମାତୃଭୂମି କହିଥାଉ। ଜନ୍ମ ଭୂମି ଓ ମାତୃଭାଷା ଉଭୟ ଆମ ପାଇଁ ଅତିପ୍ରିୟ ।

ଆମ ପାଇଁ ମାତୃଦିବସ ବା ମଦର୍‌ସ ଡ଼େ ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ଦିବସ। ଆମର ସଂଘର୍ଷମୟ ଜୀବନ ଭିତରେ ଆମେ ମା'ର ଅବଦାନକୁ ଭୁଲିଯାଇଥାଉ ଯାହା ଆମେ କେବେବି ଭୁଲିବା କଥା ନୁହେଁ । ଆଜିର ଆମର ସ୍ଥିତି ପଛରେ ମା'ର ତ୍ୟାଗ ଓ ବଳିଦାନର ପାହାଡ ଠିଆ ହୋଇଛି। ଆମେ ଜୀବନରେ କେତେ ସଫଳ ହୋଇଛୁ ବା ବିଫଳ ହେଇଛୁ ତାହା ମୂଲ୍ୟହୀନ କିନ୍ତୁ ଆମ ସମସ୍ତଙ୍କ ପଛରେ ମା'ର ଆଶୀର୍ବାଦର ହାତ ସବୁବେଳେ ରହିଛି ।

ମଦର୍‌ସ ଡ଼େ ପରି ଗୋଟିଏ ବିଚାର ପ୍ରଥମଥର ପାଇଁ ଆମେରିକାର ଅନ୍ନା ଜାରଭିସଙ୍କ ମନରେ ଆସିଥିଲା । ଆମେରିକାରେ ଆନ୍ନା ଜାରଭିସଙ୍କ ଦ୍ୱାରା ପ୍ରଥମଥର ମଦର୍‌ସ ଡ଼େ ପାଳନ କରାଯାଇଥିଲା। ଆନ୍ନା ଜାରଭିସ ନିଜ ମା'ଙ୍କର ମୃତ୍ୟୁର ତିନିବର୍ଷ ପରେ ପ୍ରଥମେ ମଦର୍‌ସ ଡ଼େ ପାଳନ କରିଥିଲେ ।

ଏହାଥିଲା ଅନ୍ତର୍ଜାତୀୟ ମଦର୍‌ସ ଡ଼େ । ଆନ୍ନା ଜାରଭିସଙ୍କ ମା' ଚାହିଁଥିଲେ ଯେ ବିଶ୍ୱର ସମସ୍ତ ମା' ଙ୍କ ଅବଦାନକୁ ମନେ ରଖିବା ପାଇଁ ଗୋଟିଏ ଦିନ ପାଳନ କରାଯାଉଛି ଆନ୍ନାଙ୍କ ମତରେ ଏହା ବ୍ୟକ୍ତିଗତ ହେବାକଥା । ଯେଉଁଠି ଜନ୍ମଦାତ୍ରୀ ଓ ତା' ସନ୍ତାନମାନେ ନିଜ ଭିତରେ ଏହାକୁ ପାଳନ କରିବେ। ସେମାନଙ୍କ ଭିତରେ ଥିବା ନିବିଡତା ଅନ୍ୟକୁ ଦେଖାଇବା ପାଇଁ ନୁହେଁ।

ବିଶ୍ୱର ସମସ୍ତ ମହାପୁରୁଷ କୌଣସି ନା କୌଣସି ମା'ଠାରୁ ଜନ୍ମ ନେଇଛନ୍ତି । ନିଜର ଆସହାୟ ଶୈଶବକୁ ମା' କୋଳରେ ବିତାଇଛନ୍ତି। ମା' ଗୋଟିଏ ଅକ୍ଷର ବିଶ୍ୱର ସମସ୍ତ ସୁଖ ଓ ଶାନ୍ତିକୁ ଧରିରଖିଛି । ଯେଉଁମାନଙ୍କର ଶୈଶବ ବିନା ମା'ରେ କଟିଛି କେବଳ ସେମାନେ ବୁଝିପାରିବେ ଯେ ମା'ବିନା ଜୀବନ କିପରି ଅସମ୍ପୂର୍ଣ୍ଣ।

ଗତ ଦୁଇବର୍ଷ କୋରୋନା ତା'ର କାୟା ବିସ୍ତାର କରିଥିଲା ଯାହା ପାଇଁ ଅନେକ ନିରୀହ ପିଲା ନିଜ ମା ଏବଂ ବାପାଙ୍କୁ ହରେଇଥିଲେ। ସେହି ସମୟରେ ଓଡିଶା ସରକାରଙ୍କ ଦ୍ୱାରା ଗ୍ରୀନ ପ୍ୟାସେଜ ଯୋଜନା ଅଣାଯାଇଥିଲା ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହି ଯୋଜନାରେ ବାପା ମା'ଙ୍କୁ ହରାଇଥିବା ପିଲାମାନଙ୍କ ପାଇଁ ସରକାର ରହିବା ଖାଇବା ପଢିବା ର ଦାୟିତ୍ୱ ତୁଲାଇଛନ୍ତି।

ଦୁଃଖର ବିଷୟ ଆଜି ଆମ ସମାଜ ରେ ବୁଢା ବୁଢୀ ବାପା ମା'ଙ୍କ ଦାୟିତ୍ୱ ନେବା ପାଇଁ ଅନେକ ଚାହୁଁନାହାନ୍ତି । ବାପା ମା' ନିଜର ଶେଷ ସମୟ ବୃଦ୍ଧାଶ୍ରମରେ କାଟିବାକୁ ବାଧ୍ୟ ହେଉଛନ୍ତି। ପରିବାରରେ କାହା ପାଖରେ ସମୟ ନାହିଁ ବୁଢା ବୁଢୀଙ୍କ ସହିତ କିଛି ସମୟ ବିତାଇବା ପାଇଁ । ଆମର ସାମାଜିକ ଜୀବନରେ ଯେଉଁ ସୁନ୍ଦରତା ଥିଲା ତାହା ଆଉ ରହିଲା ନାହିଁ । ଏହା ନିଶ୍ଚିତ ଭାବରେ ଦୁଃଖର ବିଷୟ । ବାର୍ଦ୍ଧକ୍ୟ ଜୀବନର ଚିରନ୍ତନ ସତ୍ୟ । ଆଜି ଯିଏ ଯୁବକ କାଲି ସିଏ ବୁଢା ହେବ । କାଲି ଯିଏ ଯୁବକ ଥିଲା ଆଜି ସିଏ ବୁଢା ହେଇଛି । ମାତୃଦିବସରେ ସମସ୍ତ ମାତୃ ସମାଜକୁ ଯଦି ଆମେ ସମ୍ମାନିତ କରିପାରିବା ତାହେଲେ ନିଜକୁ ଭାଗ୍ୟବାନ ମନେ କରିବ । ମା'ମାନଙ୍କୁ ଆସହାୟ ହୋଇ ନିଜ ଶେଷଜୀବନକୁ ନିଃସଙ୍ଗ ହୋଇ କଟାଇବାକୁ ପଡିବ ନାହିଁ । କୌଣସି ମା' ନିଜକୁ ଅଦରକାରୀ ମନେନକରୁ। ଯେତେବେଳେ ମା ପାଖରେ ଶକ୍ତି ଥିଲା ସିଏ ତାର ସମସ୍ତ ଶକ୍ତି ଲଗାଇ ପିଲାମାନଙ୍କୁ ମଣିଷ କରିଛି । ସେଥିପାଇଁ ମାତୃଶକ୍ତି ଆଗରେ ମଣିଷ ସମାଜ ନତମସ୍ତକ ରହିବ ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋ : ୭୨୦୫୧୦୦୮୩୯

### ନୂଆ ଜଗନ୍ନାଥ ସଡକକୁ ରାଜ୍ୟ ରାଜପଥ ମାନ୍ୟତା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଲେ ଦାବିପତ୍ର



କଣାସ,୨୨।୨(ନି.ପ୍ର): ନୁଆ ଜଗନ୍ନାଥ ସଡକକୁ ଜାତୀୟ ରାଜପଥର ମାନ୍ୟତା ଦେବାପାଇଁ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶୃତି ପାଣିର ଗାର ପାଲଟିଗଲା। ରାଜପଥ ମାନ୍ୟତା ମିଳିବାର ସମ୍ଭାବନା ମଉଳିବାପରେ ଅନ୍ତତଃ ନୁଆ ଜଗନ୍ନାଥ ସଡକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ରାଜ୍ୟ ସରକାର ରାଜ୍ୟ ରାଜପଥର ମାନ୍ୟତା ଦେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି ନୁଆଜଗନ୍ନାଥ ସଡକ ସୁରକ୍ଷା ସମିତି।

ଏହି ରାସ୍ତା ଉପରେ ପୁରୀ ଓ କୋଣାର୍କକୁ ଯିବା ପାଇଁ ନିର୍ଭର କରନ୍ତି ଦକ୍ଷିଣ ଓ ପଶ୍ଚିମ ଓଡିଶା ଓ ଦେଶର ଯାତ୍ରୀ ଓ ପର୍ଯ୍ୟଟକ। ନୟାଗଡ ଜିଲ୍ଲା ଶରଣକୁଳଠାରୁ ଲମ୍ବ ଜାତୀୟ ରାଜପଥ ୧୬କୁ ରାମେଶ୍ୱରଠାରେ ସଂଯୋଗ କରି ଭାୟା ନିରାକାରପୁର,ଜଙ୍କିଆ ଗଡସାହି, ସୁକଳ, ଭାଇଲପୁର ଓ ବିରନରସିଂହପୁର ଦେଇ ଭୁବନେଶ୍ୱରରୁ ପୁରୀକୁ ଲମ୍ବିଥିବା ଜାତୀୟ ରାଜପଥ ୩୧୬କୁ ଚନ୍ଦନପୁରଠାରେ ସଂଯୋଗ କରିଛି। ଏହି ସଡକଟି ଏବେ ପକ୍କା ସଡକରେ ପରିଣତ ହେବାସହ ପ୍ରତିଦିନ ହଜାର ହଜାର ଗାଡିମଟର ରାସ୍ତା ଉପରେ ଯାତାୟତ କରନ୍ତି। ଏହି ସଡକ ପ୍ରତି ଏବେ କୋଷ୍ଟାଲ ହାଇୱେର ଡର ରହିଛି। ଅଗାମୀ ଦିନରେ କୋଷ୍ଟାଲ ହାଇୱେ ହେଲାପରେ ଏହି ସଡକ ସମ୍ପୂର୍ଣ୍ଣ ଗୁରୁତ୍ୱ ହରାଇ ବସିବା।ଭବିଷ୍ୟତରେ ଏହି ସଡକର ଅସ୍ତିତ୍ୱ ନେଇ ମଧ ପ୍ରଶ୍ନ ଉଠିଲାଣି। ଏହି ସଡକଟି ଜାତୀୟ ରାଜପଥ ନହେଲା ଏହାକୁ ରାଜ୍ୟ ରାଜପଥରେ ରୁପାନ୍ତରିତ କରାଗଲେ ପୁରୀ ଯାତ୍ରୀ ଭାକ୍ତମାନଙ୍କ ସହିତ ଲକ୍ଷଲକ୍ଷ ଲୋକଙ୍କର ଏହା ପ୍ରକୃତ ଉପକାର ସାଧନ କରିବ ।ସଡକଟିକୁ ରାଜ୍ୟ ରାଜପଥ କରିବା ପାଇଁ ଅନୁରାଧ କରିଛି ନୁଆ ଜଗନ୍ନାଥ ସଡକ ସୁରକ୍ଷା ସମିତି।ପ୍ରତିନିଧି ମଣ୍ଡଳରେ ସମିତିର ଆବାହକ କୃଷ୍ଣ ଜଗଦେବଙ୍କ ସହ ଆଦିକନ୍ଦ ଶ୍ରୀଚନ୍ଦନ ଓ ବିଶ୍ୱଜିତ ବଡଜେନା, ଦିଲ୍ଲିପ ବଳିୟାରସିଂହ ପ୍ରମୁଖ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି ଏ ସମ୍ପର୍କରେ ଆଲୋଚନା ଓ ଦାବିପତ୍ର ପ୍ରଦାନ କରିଥିଲେ।

# ସରକାରୀ ଯୋଜନା ସାତସପନ: ପାଲ ତଳେ କଟୁଛି ଦୁଇ ଅସହାୟ ବୃଦ୍ଧାଙ୍କ ଜୀବନ



ଗଞ୍ଜାମ,୨୨।୨(ନି.ପ୍ର): ସରକାର ଅସହାୟ ଓ ବୃଦ୍ଧବୃଦ୍ଧାଙ୍କ ପାଇଁ ଅନେକ ଜନହିତକର ଯୋଜନା ପ୍ରଣୟନ କରୁଥିବା ବେଳେ ଗଞ୍ଜାମ ବ୍ଲକରୁ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି। ଖଣ୍ଡଦେଉଳି ପଞ୍ଚାୟତ ବଳରାମପୁର ଗାଁରେ ଦୁଇଜଣ ଭୂମି ହୀନ ନିଃସନ୍ତାନ ବୃଦ୍ଧା ସରକାରୀ ଅବହେଳାର ଶିକାର ହୋଇ ଏବେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ବଳରାମପୁର ଗ୍ରାମର ଖୁଦୀ ଦାସ (୬୬) ଏବଂ ଗୋପୀ ଦାସ (୭୮) ଏକ ସରକାରୀ ଜାଗାରେ ଭଙ୍ଗା ମାଟି ଘର ଉପରେ ପାଲ ପକାଇ ଅତି ଦୁଃଖକଷ୍ଟରେ ଦିନ କାଟୁଛନ୍ତ। ଖୁଦୀ ଦାସଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସେ ସମ୍ପୂର୍ଣ୍ଣ ଏକୁଟିଆ ହୋଇଯାଇଥିଲେ ଏବଂ ବର୍ତ୍ତମାନ ବୃଦ୍ଧା ଗୋପୀ ଦାସଙ୍କ ସହ ରହୁଛନ୍ତି। ଖରା, ବର୍ଷା ଓ ଶୀତ କହିଲେ ଏହି ପାଲ ତଳେ ହିଁ ସେମାନଙ୍କର ସବୁକିଛି। ଖୁଦୀ ଦାସଙ୍କୁ ମାସିକ ୫ କେଜି ଚାଉଳ ଏବଂ ସରକାରୀ ଭତ୍ତା ମିଳୁଥିବା ବେଳେ, ୭୮ ବର୍ଷୀୟ ଗୋପୀ ଦାସଙ୍କ ପାଖରେ ନା ଅଛି ରାସନ କାର୍ଡ ନା ମିଳୁଛି ବାର୍ଦ୍ଧକ୍ୟ ଭତ୍ତା। ସେମାନଙ୍କର ରହିବା ପାଇଁ ଘରଟିଏ ନାହିଁ କି ପେଟକୁ ଦୁଇ ଓଳି ଗଣ୍ଡେ ଖାଇବାକୁ ସମ୍ବଳ ନାହିଁ। ବାରମ୍ବାର ପ୍ରଶାସନିକ ସ୍ତରରେ ଗୁହାରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ସ୍ଥାନୀୟ ସମାଜସେବୀ ନିରାକାର ମହାରଣା ଏହି ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ କହିଛନ୍ତି ଯେ, ଯଦି ପ୍ରଶାସନ ଏହି ବୃଦ୍ଧା ଦ୍ୱୟଙ୍କ ପ୍ରତି ଦୟା ଦେଖାଇ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରନ୍ତେ, ତେବେ ଶେଷ ଜୀବନରେ ସେମାନେ ଟିକେ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ପାଆନ୍ତେ। ଏହି ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗୋପୀ ଦାସଙ୍କୁ ରାସନ ଓ ଭତ୍ତା ପ୍ରଦାନ କରିବା ସହ ଉଭୟଙ୍କ ପାଇଁ ଏକ ପକ୍କା ଘରର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଜଣା ଗାଡି ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ଭଞ୍ଜନଗର,୨୨।୨(ନି.ପ୍ର): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବାରଡ଼ା ନିକଟରେ ରବିବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଲପଡ଼ାର ପ୍ରଭାତ ନାୟକ (୨୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦେଇଛି। ଘଟଣାରୁ ପ୍ରକାଶ ଯେ, ପ୍ରଭାତ ରବିବାର ଅପରାହ୍ନରେ ବାଇକ୍ ଯୋଗେ ଗାଁରୁ ଭଞ୍ଜନଗର ଅଭିମୁଖେ ଯାଉଥିଲେ। ଏହି ସମୟରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଲଗାଇ ଚାଲି ଯାଇଥିଲା। ଏହାପରେ ସଂପୃକ୍ତ ଅଞ୍ଚଳବାସୀ ପ୍ରଭାତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲ ଆଣିଥିଲେ। ମେଡିକାଲରେ ପ୍ରଭାତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ସାଇବର ରାକେଟ ଠାବ, ୪ ଗିରଫ



ହିଞ୍ଜିଳିକାଟୁ,୨୨।୨(ନି.ପ୍ର): ପୋଲିସ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସାଇବର କବଚ -୨୦୨୬ ସ୍ୱତନ୍ତ୍ର ଅଭିଯାନ। ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଅପରାଧିମାନଙ୍କ ଦ୍ୱାରା ବେଆଇନ ଭାବେ ଟଙ୍କା ସ୍ଥାନାନ୍ତର କରାଯାଉଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଗଞ୍ଜାମ ପୋଲିସ ଆରମ୍ଭ କରିଛି ସ୍ୱତନ୍ତ୍ର ଅଭିଯାନ। ହିଞ୍ଜିଳି ପୋଲିସ ଏହି ଅଭିଯାନ ମାଧ୍ୟମରେ ଶନିବାର ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାପରେ ସକ୍ଷମ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ମନି ମ୍ୟୁଚୁଆଲ୍ ଆକାଉଣ୍ଟ ରାକେଟ ଠାବ କରିବା ସହ ୩ ଆକାଉଣ୍ଟରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବେଆଇନ ଭାବେ ହିତାଧିକାରୀଙ୍କ ଆକାଉଣ୍ଟରୁ ଅପରାଧିଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପୁଲିସ ୩ଟି ମନି ମ୍ୟୁଚୁଆଲ୍ ଆକାଉଣ୍ଟକୁ ଜବତ କରିଛି। ସଂପୃକ୍ତ ଘଟଣାରେ ସଂପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଘଟଣାର ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫମାନେ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ହିଞ୍ଜିଳି କେନାଳ ସାହିର ପିଣ୍ଟୁ ଦାସ (୩୬), ହିଞ୍ଜିଳି ଥାନା ପି. ରାମଚନ୍ଦ୍ରପୁର ଗ୍ରାମର ବାୟା ଦାସ (୪୭), ବ୍ରହ୍ମପୁର ସଦର ଥାନା ଫନ୍ଦିରିପଲ୍ଲୀ ଗ୍ରାମର ରାଜେଶ ପାତ୍ର (୨୪) ଓ ସରୋଜ ପାତ୍ର (୨୬)। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୧୦୯/୨୬ ରେ ଏକ ମାମଲା ରୁଜୁ କରି ଗିରଫ ୪ ଯୁବକଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ପ୍ରକାଶ ଥାଉକି ହିଞ୍ଜିଳି ଥାନ । ଅଧୀନରେ ଥିବା ବିଭିନ୍ନ ବ୍ୟାଙ୍କ ହିତାଧିକାରୀଙ୍କୁ ସାଇବର ଠକ ଦଲାଲ ମାନେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମନି ମ୍ୟୁଚୁଆଲ୍ ଆକାଉଣ୍ଟ ଖୋଲିଥାନ୍ତି। ପରବର୍ତ୍ତୀ ସମୟରେ ଦଲାଲ ମାନେ ହିତାଧିକାରୀଙ୍କ ବିନା ଅଗୋଚରରେ ଲକ୍ଷ ଲକ୍ଷ ଟଙ୍କାର କାରବାର କରି ସାଇବର ଠକ ମାନେ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଅର୍ଥ ସ୍ଥାନାନ୍ତର କରିଥାନ୍ତି। ପ୍ରାଥମିକ ପର୍ଯ୍ୟାୟରେ ହିଞ୍ଜିଳି ପୋଲିସ ୩ଟି ମନି ମ୍ୟୁଲ୍ ଆକାଉଣ୍ଟକୁ ଜବତ କରିବାରେ ସକ୍ଷମ ହୋଇଛି। ହିଞ୍ଜିଳିକାଟୁ ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କରେ ୯୦ରୁ ଉର୍ଦ୍ଧ୍ୱ ଟଙ୍କା ମନି ମ୍ୟୁଚୁଆଲ୍ ଆକାଉଣ୍ଟ ରହିଥିବା ପୋଲିସକୁ ସୂଚନା ମିଳିଛି।ଚଢ଼ାଉରେ ଆଇଆଇସିଙ୍କ ସମେତ ଥାନା ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ରଶ୍ମିରଞ୍ଜନ ସାମଲ, ବସନ୍ତ ଉପାଧ୍ୟାୟ, କୈଳାସ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ହାଟରୁ ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଦଶପଲ୍ଲା,୨୨।୨(ନି.ପ୍ର): ଦଶପଲ୍ଲା ଏନଏସି ସ୍ଥିତ ନାରାୟଣଗଞ୍ଜ ହାଟରୁ ରବିବାର ଦିନ ଅଳଙ୍କାର ଲୁଟ୍ ହୋଇଛି। ଏନଏସି ଅନ୍ତର୍ଗତ ତେନ୍ତୁଳିପାଟଣାର ଅଶୋକ ସେନାପତି ରବିବାର ଦିନ ହାଟରେ କଂସାବାସନ ବ୍ୟବସାୟ କରିବା ସହିତ ସୁନା ରୂପାର କ୍ଷୁଦ୍ର ବ୍ୟବସାୟ ମଧ୍ୟ କରନ୍ତି। ଅଶୋକ ପରିଶ୍ରା କରିବାକୁ ଯାଇଥିବା



ବେଳେ କିଛି ଦୁବୃର୍ତ୍ତ ଦୋକାନରେ ପହଞ୍ଚି ରୂପାର ପେଡିଟି ଧରି ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିବା ଅଶୋକ ଅଭିଯୋଗ କରିଛନ୍ତି। ପେଡିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତିଛ ଖବର ପାଇ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି।

# ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ



ଛତ୍ରପୁର,୨୨।୨(ନି.ପ୍ର): ପ୍ରାଚୀନ ଗଡ଼ଜାତ ରାଜ୍ୟ ଖଲ୍ଲିକୋଟ ନଗରୀରେ ପ୍ରତିଷ୍ଠିତ ଡ଼ଃ. ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ ର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ବର୍ଣ୍ଣାଢ଼୍ୟ ସମାରୋହରେ ପାଳିତ ହୋଇଯାଇଛି । ଖଲ୍ଲିକୋଟ ସହରରେ ଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ ଗୃହରେ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଲ୍ଲିକୋଟ ଅଞ୍ଚଳର ସାହିତ୍ୟ ସଂସ୍କୃତି, ପ୍ରାଚୀନ କୀର୍ତ୍ତିରାଜି,, ଐତିହ୍ୟ ପରମ୍ପରାକୁ ବିକଶିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଛନ୍ତି ।

ଖଲ୍ଲିକୋଟ ଅଞ୍ଚଳରେ ଥିବା ପ୍ରାଚୀନ କୀର୍ତ୍ତିରାଜି ସଂସ୍କୃତିକୁ ସୁରକ୍ଷା ଦେବା ସାଂଗକୁ ଓଡ଼ିଶାର ଦ୍ୱିତୀୟ ଜଗନ୍ନାଥ ମନ୍ଦିର ଭାବେ ପରିଚିତ ଏହି ଜୀର୍ଣ୍ଣୋଦ୍ଧାର ମନ୍ଦିରର ନିର୍ମାଣ ଶୈଳୀକୁ ଉଜ୍ଜୀବିତ କରାଯାଇ ପୁନଃରୁଦ୍ଧାର କରାଯିବା ନିମନ୍ତେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ମତପ୍ରକାଶ କରିଛନ୍ତି । ମୁଖ୍ୟଅତିଥି ସାଂସଦ ଅନୀତା ଶୁଭଦର୍ଶିନୀ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ମୃତିସୁଧାକୁ ଉନ୍ମୋଚନ କରିଥିଲେ ଏବଂ କଳାକାର, ସାହିତ୍ୟିକ ସମାଜସେବୀ, ଦକ୍ଷ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ ଦେଇ ଉପହାର ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ଜ୍ୟୋତ୍ସ୍ନାରାଣୀ ଦେବୀ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଓଡିଶାର ଜଣେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଡ଼ଃ. ଜୟଶ୍ରୀ ଧଳ (ଭୁବନେଶ୍ୱର) ଯୋଗଦେଇ ସୁମଧୁର ଓଡ଼ିଆ ସଙ୍ଗୀତ ଗାନ କରି ଦର୍ଶକଙ୍କୁ ବିମୋହିତ କରିଦେଇଥିଲେ । ସାହିତ୍ୟିକ ପ୍ରଫେସର୍ ଡ଼ଃ. ବୈଷ୍ଣବ ଚରଣ ସାମଲ, ଧର୍ମଶାଳା ମହିଳା ମହାବିଦ୍ୟାଳୟର (ଯାଜପୁର) ଦର୍ଶନବିଭାଗ ମୁଖ୍ୟ ଡ଼ଃ. ସୁନାକର ଦାସ୍, ଗଞ୍ଜାମ ଜିଲ୍ଲା ବିଜେପି ସଂଗଠକ ତଥା ସଂପାଦକ ଅନୀଲ କୁମାର ପଣ୍ଡା ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଅତିଥି ଯୋଗଦେଇ ଡ଼ଃ. ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟର ଅବଦାନ ଓ ଲକ୍ଷ୍ୟକୁ ସାକାର କରିଆସିଥିବା ନେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଟ୍ରଷ୍ଟର ସମ୍ପାଦକ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଖଲ୍ଲିକୋଟ ଆର୍ଟ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପଞ୍ଚାନନ ସୁର୍ ଆନୁଷ୍ଠାନିକ ଭାବେ ସଂପାଦକୀୟ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସର୍ବମୋଟ ୧୬ ଜଣଙ୍କୁ ମାନପତ୍ର, ଉପଢୌକାନ ସହ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଶିଶୁ ପ୍ରତିଭା ତନ୍ମୟ ବେହେରା, ସାତ୍ତ୍ୱିକା ରଥ, ଦୀକ୍ଷିତା ରଥ ନୃତ୍ୟାଭିନୟ ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇଛନ୍ତି ।

ଇଂ. ପ୍ରଭାତ କୁମାର ଷଡ଼ଙ୍ଗୀ, ଅଧ୍ୟାପିକା ଜ୍ୟୋସ୍ନା ପ୍ରଧାନ, ପ୍ରଭାତୀ ଦାସ୍, ସରୋଜବାଳା ପଟ୍ଟନାୟକ, ଦୀପିକା ଦାସ୍, ସୁପ୍ରଭା ରାଉତ, ଲକ୍ଷ୍ମୀ ଦାସ, ଦିଲୀପ ସାହୁ, ଉପଦେଷ୍ଟା ବଂଶୀଧର ପ୍ରମୁଖ ସକ୍ରୀୟ ସହଯୋଗ କରିଥବା ବେଳେ ଶେଷରେ ବିଦ୍ୟୁତ୍ ପ୍ରଭା ଦାଶ ଧନ୍ୟବାଦ୍ ଜଣାଇଥିଲେ।

## ବ୍ରାଉନ ସୁଗାର କାରବାର: ୨ ଗିରଫ



ଭଞ୍ଜନଗର,୨୨।୨(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୋଲିସ ପୁଣିଥରେ ଚୋରା ବ୍ରାଉନ ସୁଗାର କାରବାରରେ ଆଉ ୨ଜଣଙ୍କୁ ଗିରଫ କରିଛି। ବିଶେଷ କରି ଆଜିର ଯୁବପିଢ଼ି ନିଶା କବଳରେ ବଶୀଭୂତ ହୋଇ ନିଜର ସୁନ୍ଦର ଭବିଷ୍ୟତକୁ ନଷ୍ଟ କରୁଛନ୍ତି। ଯାହା ଫଳରେ ସେମାନଙ୍କ ପରିବାରରେ ସଦାସର୍ବଦା ଅଶାନ୍ତି ଲାଗି ରହିଛି। ସୂଚନା ଅନୁଯାୟୀ ଗତ କାଲି ସନ୍ଧ୍ୟା ସମୟରେ ଭଞ୍ଜନଗର ଥାନା ଏସ.ଆଇ ସମୀର କୁମାର ସେଠି ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଶାଳୁଆ ପଲି ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଟିଏ ସ୍କୁଟିରେ ଯାଉଥିବା ୨ଜଣ ସନ୍ଦିଗ୍ଧ ଯୁବକଙ୍କୁ ଅଟକାଇଥିଲେ। ସେମାନଙ୍କ ନିକଟରୁ ବ୍ରାଉନସୁଗାରର ଗନ୍ଧ ବାହାରିବାରୁ ତଲାସୀ ନେବାରେ କିଛି ବ୍ରାଉନସୁଗାର ମଧ ବାହାରିଥିଲା। ସେସବୁ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରିବା ସମୟରେ ୫୧.୭୪ ଗ୍ରାମ ବ୍ରାଉନସୁଗାର ସହ ଓଡ଼ି ୦୭ ଏଏକ୍ସ ୮୦୩୧ ନମ୍ବର ଥିବା ଗୋଟିଏ ସ୍କୁଟି, ନଗଦ ୨୭୦୦ ଟଙ୍କା ଏବଂ ୨ଟି ମୋବାଇଲ୍ ଫୋନ୍ ମିଳିଥିଲା। ତଦନ୍ତ ବେଳେ ଏମାନେ ଚୋରା ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନେ ହେଲେ ଭଞ୍ଜନଗର ବେଜିପୁଟ ଗ୍ରାମର ଓମ୍ ପ୍ରକାଶ ସ୍ୱାଇଁ ଏବଂ ଖଲିକୋଟର ଚନ୍ଦନ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଭଞ୍ଜନଗର ଥାନା କେସ ନଂ ୧୬୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

# ଓଡ଼ିଆ ଅସ୍ମିତାର ସୁରକ୍ଷା କଲେ ସମାଜସେବୀ ଅନ୍ତର୍ଯ୍ୟାମୀ ସାହୁ



ଦଶପଲ୍ଲା,୨୨।୨(ନି.ପ୍ର): ଓଡ଼ିଶାରେ ବିଭିନ୍ନ ସ୍ଥାନରେ 'ଓଡ଼ିଆ ପକ୍ଷ' ଭାବେ ପାଳନ ବିଗତ ଦିନରେ କରାଯାଇଛି। ଏହି ପକ୍ଷରେ ସବୁ ଓଡ଼ିଆଙ୍କ ନିମନ୍ତେ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେବା ଦରକାର। ଯେଉଁ ମହାପୁରୁଷ ଓ ମହିୟସୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ୧୯୩୬ ମସିହାରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲ। ସେହି ବିଦ୍ଧାଣୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବାକୁ ନୂତନ ସରକାର ତଥା ଲୋକଙ୍କ ସରକାର ସର୍ବଦା ଚେଷ୍ଟାରତ । ତେବେ ଆମର ମହାପୁରୁଷଙ୍କୁ ସମ୍ମାନ ଜଣାଇବା ତଥା ନୂତନ ପିଢ଼ିଙ୍କୁ ଦିଗ ଦର୍ଶନ ଦେଖାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଅନୁଷ୍ଠାନ ମାନଙ୍କ ରେ ମହାପୁରୁଷଙ୍କ ଫୋଟୋ ଚିତ୍ର ଅଙ୍କନ ତଥା ମୂର୍ତ୍ତି ସ୍ଥାପନ କରିଛନ୍ତି।

ତେବେ ଏ ଚିତ୍ର ବା ମୂର୍ତ୍ତି ଗୁଡିକ ଆଗରେ ଅଳିଆ ଗଦା ହେବା ତଥା ସ୍ଥାନଟି ଅସନା ହୋଇରହିବା ଆମ ଓଡ଼ିଆମାନଙ୍କ ପାଇଁ ଏକ ଅଶୁଭ ସୂଚକ। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଦଶପଲ୍ଲା। ଏନ୍.ଏସି ଅଫିସର ପାଚେରୀରେ ଥିବା ମହାପୁରୁଷଙ୍କ ଫୋଟୋ ପାଖରେ। ସମସ୍ତଙ୍କ ନଜରରେ ଆସୁଥିଲେ ମଧ ଏ ସ୍ଥାନକୁ ସଫା କରିବାକୁ କେହି ଆଗକୁ ଆସୁନଥିବା ବେଳେ କଣ୍ଟିଲୋ ର ସମାଜ ସେବୀ ଅନ୍ତର୍ଯ୍ୟାମି ସାହୁ ଏଥି ପାଇଁ ଆଗେଇ ଆସିଛନ୍ତି। ସେ ସ୍ଥାନକୁ ଶ୍ରୀ ସାହୁ ପରିଷ୍କାର କରିଛନ୍ତି। ତାଙ୍କ ମତରେ ଏପରି ଅନେକ ଅନୁଷ୍ଠାନମାନଙ୍କରେ ଚିତ୍ର ଅଙ୍କନ ହୋଇଛି ଯାହାକି ପରିଷ୍କାର ରଖିବା ସ୍କୁଲ କର୍ତ୍ତୃପକ୍ଷ, ଏନଏସି କର୍ତ୍ତୃପକ୍ଷ, ବ୍ଲକ କର୍ତ୍ତୃପକ୍ଷ ତଥା ସମସ୍ତ ଅନୁଷ୍ଠାନମାନଙ୍କ କର୍ତ୍ତୃପକ୍ଷଙ୍କ ସମେତ ଶିକ୍ଷିତ ବ୍ୟକ୍ତି, ଯୁବ ସମାଜ ଓ ବୁଦ୍ଧିଜୀବୀ ଆଗେଇ ଆସିବା ଦରକାର। ଏହା କେବଳ ସରକାରଙ୍କ ଦାୟିତ୍ୱ ବୋଧ ମଧ୍ୟରେ ସୀମିତ ନ ରହି ସମସ୍ତ ଜନ ସାଧାରଣଙ୍କ ଦାୟିତ୍ୱ ହେବା ଦରକାର ବୋଲି ସେ ମତ ରଖନ୍ତି। ଓଡ଼ିଆ ଲୋକ ହିସାବରେ ଆମ ଓଡିଶା ପାଇଁ ନିଜ ବଳିଦାନ ଦେଇଥିବା ଆଦିବାସୀ ନେତା ହୁଅନ୍ତୁ ଅବା ସ୍ୱାଧୀନତା ସଂଗ୍ରାମୀ ହୁଅନ୍ତୁ ତାଙ୍କ ପ୍ରତି ସମ୍ମାନ ଅକ୍ଷୁନ୍ନ ରହିବା ଦରକାର।

### ଟି-୨୦ ବିଶ୍ୱକପ ସୁପର-୮ ମ୍ୟାଚ

# ଦକ୍ଷିଣ ଆଫ୍ରିକା ଠାରୁ ୭୬ ରନରେ ହାରିଲା ଭାରତ

ଅହମଦାବାଦ,୨୨।୨(ଏଜେନ୍ସି) ରବିବାର ଏଠାରେ ଅନୁଷ୍ଠିତ ଚଳିତ ଟି-୨୦ ବିଶ୍ୱକପର ସୁପର -୮ ମ୍ୟାଚରେ ଭାରତକୁ ୭୬ରନରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ଡେଭିଡ ମିଲରଙ୍କ ୬୩,ଦେୱାଦ ବ୍ରେଭିସ ୪୫ ଓ ଟ୍ରିଷ୍ଟାନ ଷ୍ଟବସଙ୍କ ୪୪ ରନ ବଳରେ ୭ ୱିକେଟ ହରାଇ ୧୮୭ ରନ କରିଥିଲା। ଭାରତ ପଛରେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ୧୧୧ ରନ କରି ପରାସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ ୪ , କେଶବ ମହାରାଜ ୩ ଓ କରବିନ ବୋଶଚ ୨ ୱିକେଟ ଅକ୍ତିଆର କରିଥିଲେ।

# ୫ ମିନିଟ୍‌ରେ ୨୮ କିମି! ଧାନ କ୍ରୟ ନେଇ ଚମତ୍କାର ତଥ୍ୟ

ବିଜେପୁର,୨୨।୨(ନି.ପ୍ର): ବରଗଡ ଜିଲ୍ଲା ଅନ୍ତର୍ଗତ ବିଜେପୁର ବ୍ଲକ ବଡ଼ ବାଉସେନ ପେକ୍ସ ଅଧୀନ ଖରମୁଣ୍ଡା ପିପିସିରେ ଧାନ କ୍ରୟ ପ୍ରକ୍ରିୟାକୁ ନେଇ ଏକ ଅସାଧାରଣ ତଥ୍ୟ ସାମ୍ନାକୁ ଆସିଛି। ରେକର୍ଡ ଅନୁଯାୟୀ, ଗୋଟିଏ ଟ୍ରାକ୍ଟର ମାତ୍ର ୫ ମିନିଟ୍‌ରେ ୨୮ କିଲୋମିଟର ଦୂରତା ଅତିକ୍ରମ କରିଥିବା ଦର୍ଶାଯାଇଛି। ଏହି ତଥ୍ୟ ପ୍ରକାଶ ପାଇବା ପରେ ଧାନ କ୍ରୟ ପ୍ରଣାଳୀର ସ୍ୱଚ୍ଛତା ଉପରେ ଗଭୀର ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, ଏକ ଗାଡ଼ି ନମ୍ବରରେ ଦୁଇଟି ଟ୍ରାନଜିଟ ପାସ ଜାରି ହୋଇଥିବା ସହ ସମୟ ମାର୍ଜିନ୍‌ରେ ବ୍ୟାପକ ଅସମଞ୍ଜସତା ଦେଖା ଯାଇଛି। ପେକ୍ସ ପକ୍ଷରୁ ଏହାକୁ ସର୍ଭର ତ୍ରୁଟି ବୋଲି କୁହାଯାଇଥିଲେ ମଧ କୃଷକ ମହଲ ଏହାକୁ ସରଳ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଯଦି ୫ ମିନଟ୍‌ରେ ୨୮ କିମି ଟ୍ରାକ୍ଟର ଚାଲିଥିବା ଦର୍ଶାଯାଉଛି, ତେବେ ଅନ୍ୟ ମଣ୍ଡିମାନଙ୍କ ଏଣ୍ଟ୍ରିଗୁଡ଼ିକୁ ମଧ ସମ୍ପୂର୍ଣ୍ଣ ଯାଞ୍ଚ କରାଯାଉ। ସେମାନେ ସ୍ୱଚ୍ଛ ଓ ନିଷ୍ପକ୍ଷ ତଦନ୍ତ ଦାବି କରିଛନ୍ତି। ଘଟଣାକୁ ନେଇ ଡିଆରସିଏସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଅଧିକାରୀମାନେ କହିଛନ୍ତି, ରିପୋର୍ଟ ଆସିବା ପରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ। ଏଠି ପ୍ରଶ୍ନ ଉଠୁଛି ସର୍ଭର ତ୍ରୁଟିରେ ଏପରି ଦୂରତା ଓ ସମୟ ଭୁଲ୍ କିପରି ହୋଇପାରେ?ଏକ ଗାଡ଼ି ନମ୍ବରରେ ଦୁଇ ଟ୍ରାନଜିଟ ପାସ କାହିଁକି? ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ କି? ଅନିୟମିତତା ପ୍ରମାଣିତ ହେଲେ କାହାଉପରେ କାର୍ଯ୍ୟାନୁଷ୍ଠାନ? ବରଗଡ଼ ଜିଲ୍ଲା ରାଜ୍ୟର ପ୍ରମୁଖ ଧାନ ଉତ୍ପାଦନ ଅଞ୍ଚଳ ଭାବେ ପରିଚିତ। ଏଠାରେ ଧାନ କ୍ରୟ ପ୍ରକ୍ରିୟା ଉପରେ ସନ୍ଦେହ ଉଠିବାର୍ଥା ହେଉଛି ହଜାର ହଜାର ଚାଷୀଙ୍କ ଆର୍ଥିକ ହିତ ସହ ସମ୍ପୃକ୍ତ ବିଷୟ। ତେଣୁ ଏହି ତଦନ୍ତ କେବଳ ଔପଚାରିକତାରେ ସୀମିତ ନ ରହି, ଦୃଢ଼ ଓ ସ୍ୱଚ୍ଛ ପଦକ୍ଷେପ ନିଆଯିବାକୁ ସାଧାରଣ ଲୋକ ଆଶା କରୁଛନ୍ତି।

## ଜଙ୍କିଆ ବଜାରରେ ଚୋରି

କଣାସ,୨୨।୨(ନି.ପ୍ର): ଜଙ୍କିଆ ବଜାର କଲେଜ ରୋଡସ୍ଥିତ ଏକ କ୍ୟାବିନକୁ ଭାଙ୍ଗି ଦୃବୃତ୍ତ ଚୋରି କରୁଥିବାବେଳେ ଧରାପଡି ଥାନାରେ ଅଟକ ରହିଛି।ଜଙ୍କିଅ ଗ୍ରାମର ବିକ୍ରମ ପ୍ରଧାନଙ୍କ କ୍ୟାବିନରେ ପଶି ରାତି ପ୍ରାୟ ୧ଟା ବେଳେ ଚୋରି କରୁଥିଲା। ବିକ୍ରମ ସେହି ସମୟରେ ଦୋକାନରେ ଖଡ କଡ ଶବ୍ଦ ଶୁଣି ଦୋକାନ ପାଖକୁ ଗଲାବେଳେ ବାହାରେ ଥିବା ଦୁର୍ବୃତ୍ତ ଜଦଉଡି ପଳାଇଥିଲା କ୍ୟାବିନ ଭିତରେ ଥିବା ଯୁବକ ବାହାରି ପାରିନଥିଲା। ବିକ୍ରମ ତାକୁ ଧରି ଥାନାକୁ ଖବର ଜଣାଇଥିଲେ।ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ନେଇଥିଲେ।

# ଅବସର ପ୍ରାପ୍ତ ସେନା କର୍ମଚାରୀ ଜ୍ୟୋର୍ତିମୟ ପଧାନ ସମ୍ବର୍ଦ୍ଧିତ



ବିଜେପୁର,୨୨।୨(ନି.ପ୍ର): ବରଗଡ ଜିଲ୍ଲା ଡୁମେରବାହାଲ ଗ୍ରାମର ଭୂତପୂର୍ବ ସେନା ଜ୍ୟୋର୍ତିମୟ ପଧାନ ଦୀର୍ଘ ୧୮ ବର୍ଷ ଧରି ଭାରତୀୟ ସେନାରେ କାର୍ଯ୍ୟରତ ରହି ଦେଶ ସେବା କରି ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଜ୍ୟୋର୍ତିମୟ ପଧାନଙ୍କୁ ଡିଜେ ବାଜା ଓ ଘଣ୍ଟାବାଦ୍ୟର ତାଳେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ମହିଳାମାନେ ଆରତି କରି ସ୍ୱାଗତ ଜଣାଇଥିବାବେଳେ ଯୁବମାନେ ଜୟଧ୍ୱନି ଦେଇ ପରିବେଶକୁ ଉତ୍ସାହମୟ କରିଥିଲେ। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଙ୍କୁ ଫୁଲଚନ୍ଦନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଭେଟେରାନ ନବୀନ ପଧାନ (ସେନା ମେଡାଲ-ଗ୍ୟାଲାଣ୍ଟ୍ରି) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ୟୋର୍ତିମୟ ପଧାନଙ୍କ ଦୀର୍ଘ ସେବାଜୀବନକୁ ସ୍ମରଣ କରିଥିଲେ।ସେ କହିଥିଲେ ଯେ, ଗ୍ରାମରୁ ଏମିତି ସୌନିକ ବାହାରିବା ଗର୍ବର ବିଷୟ। ଦେଶର ସୀମାରେ ଦଣ୍ଡାୟମାନ ହୋଇ ଯେଉଁମାନେ ଆମକୁ ସୁରକ୍ଷା ଦେଇଥାନ୍ତି, ସେମାନଙ୍କୁ ସମାଜ ଏଭଳି ସମ୍ମାନ ଦେବା ଆବଶ୍ୟକ। ଜ୍ୟୋର୍ତିମୟ ପଧାନ କହିଥିଲେ ଯେ, ସେନା ଜୀବନ ମୋତେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଦେଶପ୍ରେମର ମୂଲ୍ୟ ବୁଝାଇଛି। ଯୁବକମାନେ ସେନାରେ ଯୋଗଦେଇ ଦେଶ ସେବାର ସୁଯୋଗ ନିଅନ୍ତୁ। ସଭାରେ ସୁବଳ ଗଡ଼ତିଆ, ପ୍ରଦୀପ ବେହେରା, ମହାଦେବ ଭୋଇ, ଅଗ୍ନେସ ବାରିକ, ଅଶୋକ ବିଶ୍ୱାଳ, ଲଳିତ ପଧାନ, ଜୟକୁମାର ସାହୁ, ଏସ.ଡି. ପାଣିଗ୍ରାହୀ, ରାଜେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ପଧାନ, ସୁରେନ୍ଦ୍ର ସାହୁ, ବୁଦ୍ଧଦେବ ପଧାନ, ବୃନ୍ଦାବନ ବିଶ୍ୱାଳ, ଚନ୍ଦ୍ରକିଶୋର ସାହୁ ଓ ହରାକିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ ୨୬ ରୁ ଭଞ୍ଜନଗରରେ ଐତିହାସିକ ଠାକୁରାଣୀ ଯାତ୍ରା



ଭଞ୍ଜନଗର,୨୨।୨(ନି.ପ୍ର): ଗଞ୍ଜାମ ଜିଲା ଭଞ୍ଜନଗର ଐତିହାସିକ ଠାକୁରାଣୀ ଯାତ୍ରାର ପ୍ରସ୍ତୁତି ବୈଠକ ସ୍ଥାନୀୟ ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜେନ୍ଦ୍ର ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୋହିତ ଉପେନ୍ଦ୍ର କୁମାର ମିଶ୍ର, ଜୟକୃଷ୍ଣ ମିଶ୍ର ଯାତ୍ରା କେବେ ହେବ ତାହାର ସୂଚୀ ପ୍ରଦାନ କରିଥିଲେ। ଏପ୍ରିଲ ୨୬ ରେ ଦେବୀଙ୍କ ଆଗମନ ସହ ଯାତ୍ରା ଆରମ୍ଭ ହେବ। ଏହା ପୁର୍ବରୁ ମାର୍ଚ୍ଚ ୧୧ରେ ଶୁଭଖୁଣ୍ଟି ସ୍ଥାପନ ହେବ। ମେ ୨୦ରେ ଯାତ୍ରା ଉଦଯାପିତ ହେବ ।

ବୈଠକରେ ଯାତ୍ରା କମିଟିର ମୁଖ୍ୟ ଉପଦେଷ୍ଟା ତଥା ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଚଳିତ ବର୍ଷର ଯାତ୍ରା ରାଜ୍ୟରେ ନୂଆଁ ଇତିହାସ ରଚିବ ବୋଲି କହିଥିଲେ। ଭଞ୍ଜନଗର ଯାତ୍ରା ୨୦୦ ବର୍ଷର ପୁରୁଣା ଇତିହାସ। ପ୍ରତ୍ୟେକ ୱାର୍ଡ଼ରେ ଆଗାମୀ ଯାତ୍ରାରେ କଳାକୁଞ୍ଜ ହେବ। ଲୋକଙ୍କ ମତାମତକୁ ନେଇ ଯାତ୍ରା ହେବ। ଯାତ୍ରା ସରିବାର ଏକ ମାସ ମଧ୍ୟରେ ଆୟ ବ୍ୟୟର ହିସାବ ହେବ। ଏଥିପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ ବିଧାୟକ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ତଥା ଉପ ଜିଲାପାଳ ଉମା ଶଙ୍କର ବେହେରା ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ କହିଥିଲେ। ଏଏସପି ରଞ୍ଜନ କୁମାର ଦେ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡିଓ ଭାରତୀ ଦେବୀ, ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଆଇନଜୀବୀ ବିଷ୍ଣୁ ପ୍ରସାଦ ପ୍ରଧାନ, ଉପସଭାପତି ବିନୟ କୁମାର ରଥ, ଶାନ୍ତନୁ କୁମାର ଦାସ, ମୂରଲୀ ଧର ପଣ୍ଡା, ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ବେହେରା, ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ସହରର ଅଧିକାଂଶ ବିଭାଗର ଅଧିକାରୀ ଏବଂ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସାଇବର ଠକେଇର ପର୍ଦ୍ଦାଫାସ, ୨ ଅଭିଯୁକ୍ତ ଗିରଫ



ବୁଗୁଡା,୨୨।୨(ନି.ପ୍ର): ସମ୍ପ୍ରତି ବିଭିନ୍ନ ମାଧ୍ୟମରେ ସଚେତନତା ସତ୍ତ୍ୱେ ଲୋକେ ସାଇବର ଠକେଇର ଶିକାର ହୋଇଆସୁଥିବା ବେଳେ ଓଡିଶା ପୋଲିସର ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ପରିପ୍ରେକ୍ଷୀରେ ବୁଗୁଡା ପୋଲିସ ଏବେ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରି ୨ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଠକ ଦ୍ୱୟ ଆସ୍କା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମର ମନୋଜ କୁମାର ସ୍ୱାଇଁ(୩୨) ଓ ଅଶ୍ୱିନୀ କୁମାର ରାଉତ (୨୪) ହୋଇଥିବା ବେଳେ ସେମାନଙ୍କ ବିରୁଦ୍ଧରେ କେସ୍ ନଂ ୮୧/୨୬ ଓ ୮୨/୨୬ ରେ ଦୁଇଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ । ପ୍ରକାଶ ଯେ, ବୁଗୁଡ଼ା ପୋଲିସ ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ବ୍ୟବହୃତ ମ୍ୟୁଚୁଆଲ୍ ଆକାଉଣ୍ଟ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଜାରି କରାଯାଇଥିବା ତାଲିକା ଆଧାରରେ ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଏବଂ ଅନ୍ୟ କେତେକ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ପ୍ରକ୍ରିୟା କାଳରେ ଅନେକ ମ୍ୟୁଚୁଆଲ୍ ବ୍ୟାଙ୍କ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କାର ଠକେଇ କାରବାର ଠାବ କରାଯିବା ସହ ସାଇବର ଠକଙ୍କ ବ୍ୟାଙ୍କ ପାସବୁକ୍, କାରବାର ବିବରଣୀ, ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି। ଏଥି ସହ ଯାଞ୍ଚ ସମୟରେ ଏହି ସାଇବର ଠକେଇ ନେଟୱାର୍କର ଅନ୍ୟତମ ଅଂଶୀଦାର ଭାବେ ଝାଡଖଣ୍ଡର ରାହୁଲ କୁମାର ମଣ୍ଡଳ ଓ ଉମେଶ କୁମାର ମଣ୍ଡଳଙ୍କୁ ଚିହ୍ନଟ କରାଯାଇଛି। ତେବେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୩୬(୩), ୩୪୦(୨), ୬୧(୨), ୧୧୨(୨)/୩(୫) ଏବଂ ଆରଡବ୍ଲୁ ଧାରା ୬୬-ଡି ଆଇଟି ଆଇନ ଅନୁଯାୟୀ ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୁଦ୍ଧରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରି ଏହି ସାଇବର ଠକେଇ ଅପରାଧର ଚେର କେଉଁ ପର୍ଯ୍ୟନ୍ତ ଲମ୍ବି ରହିଛି ସେନେଇ ପୋଲିସ ତା'ର ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି।

# ଅଲୋଡ଼ା ପଡିଛି ନବ ନିର୍ମିତ ଛାତ୍ରୀନିବାସ



ବୋଲଗଡ,୨୨।୨(ନି.ପ୍ର): ବୋଲଗଡ ବ୍ଲକ ପିଚୁକୁଳି ସ୍ଥିତ ଆଦର୍ଶ ବିଦ୍ୟାଳୟ ରେ ନବ ନିର୍ମିତ ଛାତ୍ରୀ ନିବାସ ଅଲୋଡ଼ା ହୋଇପଡ଼ିରହିଛି। ଦୂର ଦୁରାନ୍ତରୁ ଆସୁଥିବା ଛାତ୍ରୀ ମାନଙ୍କୁ ରହିବାର ସୁବିଧା ଯୋଗାଇ ଦେବା ପାଇଁ ଏହି ଛାତ୍ରୀନିବାସ ନିର୍ମିତ କରାଯାଇଛି। ପ୍ରାୟ ୪୦ଜଣ ଛାତ୍ରୀ ମଧ୍ୟ ଆବେଦନ କରିଛନ୍ତି। ମାତ୍ର ସେମାନଙ୍କ ପାଇଁ ଆବଶ୍ୟକ ସୁବିଧା ଖଟ ଗଦି ରୋଷେଇ ସାମଗ୍ରୀ ଆଦି ଯୋଗାଇଦିଆଯାଇନାହିଁ। ଏହା ଜିଲ୍ଲା ପ୍ରଶାସନ ଅଧିକାର ଭୁକ୍ତ ହୋଇଥିବାରୁ ବିଳମ୍ବ ଘଟୁଛି ବୋଲି ଅଧକ୍ଷ ତାପସ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି। ତୁରନ୍ତ ଏଦିଗରେ ପ୍ରଶାସନ ଦୃଷ୍ଟି ଦେଲେ ଛାତ୍ରୀମାନଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ଦାବି କରାଯାଇଛି।

# ସାହିତ୍ୟିକ ଶ୍ରୀବସ୍ତ ଚରଣ ଜେନାଙ୍କ ଦେହାନ୍ତ

କେନ୍ଦ୍ରାପଡ଼ା,୨୨।୨(ନି.ପ୍ର): ବର୍ଷିଆନ ସାହିତ୍ୟିକ ଏବଂ ବହୁ ପୁସ୍ତକର ସ୍ରଷ୍ଟା ଶ୍ରୀବସ୍ତ ଚରଣ ଜେନାଙ୍କର ଗତ ୨୦ ତାରିଖ, ଶୁକ୍ରବାର ସକାଳ ୭. ୩୦ରେ କେନ୍ଦ୍ରାପଡ଼ାର ବାଲିଆସ୍ଥିତ କଳିଙ୍ଗ ହସ୍ପିଟାଲରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ହୋଇଥିଲା । ୧୯୩୯ ମସିହା ଏପ୍ରିଲ ୧୩ ତାରିଖରେ ଯାଜପୁର ଜିଲ୍ଲା ବିଂଝାରପୁରର ମୋହନପୁର, ବାରିଙ୍ଗ ଠାରେ ଜନ୍ମିତ ଶ୍ରୀଯୁକ୍ତ ଜେନା ଓଡିଶା ସରକାରଙ୍କ ଅର୍ଥ ସେବା ବିଭାଗରେ ଯୋଗଦାନକରି ଅର୍ଥ ପରାମର୍ଶଦାତା ଭାବେ ୧୯୯୭ ମସିହାରେ ଅବସର ଗ୍ରହଣ କରିଥିଲେ । ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନୀ ପୁସ୍ତକ 'ଯୁଗ ପୁରୁଷ ବୈକୁଣ୍ଠନାଥ'ର ଲେଖକ ଭାବେ ସେ ବହୁ ଲୋକପ୍ରିୟ ଥିଲେ । ତାଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ 'ତୁଳସୀକ୍ଷେତ୍ର ଗୀତାମୃତ', ପାହାନ୍ତି ବିଚାର, ଖରସ୍ରୋତା ତୀରେ, ଗପ କେତେ ଯୁଗର, ଶ୍ରୀମଦ ଗୁରୁ ଗୀତାମୃତ, ଯାଜପୁର ଜିଲ୍ଲା ସାତଟୋପା ସାମନ୍ତ, ଶ୍ରୀବିଲେଶ୍ୱର ସ୍ତବକ ଆଦି ଉଲ୍ଲେଖଯୋଗ୍ୟ । ତାଙ୍କ ବିୟୋଗର ଖବର ପାଇ କେନ୍ଦ୍ରାପଡ଼ାର ବହୁ ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ତିନିମୁହାଣୀସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ତାଙ୍କର ତିନି ପୁଅ, ଜ୍ୱାଇଁ ଅରବିନ୍ଦ ଧଳ ଓ ପରିବାରର ବହୁ ସଦସ୍ୟ ସମେତ ଅନେକ ବନ୍ଧୁ ଶୁଭେଚ୍ଛୁ ସହ ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ କରାଯାଇଥିଲା ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ରିଆମାଳ,୨୨।୨(ନି.ପ୍ର): ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରିଆମାଳରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରିଆମାଳ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ରଶ୍ମିତା ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ




କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମ ରେ ଶିଶୁ ଭଉଣୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମଟି କବିତା ଗୁରୁମାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଶିଶୁ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ସୁନ୍ଦର ହସ୍ତାକ୍ଷର, ଭାଷା ଦୌଡ଼, ଗଳ୍ପ କଥନ, କବି ଲେଖକଙ୍କ ଫଟୋ ପ୍ରଦର୍ଶନ, ଜୀବନୀ, ପ୍ରବନ୍ଧ ଲିଖନ, ବକ୍ତୃତା ଆଦି କରାଯାଇଥିଲା। କୃତୀ ଶିଶୁ ଭାଇ ଭଉଣୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନିଆଳି,୨୨।୨(ନି.ପ୍ର): ନିଆଳି ବ୍ଲକ୍ ଅନ୍ତର୍ଗତ ଟୋଲା ଗୋପୀନାଥପୁରସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟ, ନିଆଳିର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସର୍ବାଣି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶିକ୍ଷାଧିକାରୀ ଅନନ୍ତ ନାରାୟଣ ସିଂ, ହିରଣ୍ୟମୟୀ ମିଶ୍ର, ପ୍ରାକ୍ତନ ଅଧାପକ ନିରଞ୍ଜନ ଭୂୟାଁ, ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆଶ୍ରିବଚନ ଦେବା ସହିତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ସଭାକୁ ଶିକ୍ଷୟିତ୍ରୀ ବନ୍ଦିତା ମହାନ୍ତି ଓ ସୁକନ୍ୟା ମହାପାତ୍ର ସଂଯୋଜନା କରିଥିଲେ।



କୁମରବର ସାମଲ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ଼. କୈଳାସ ଚନ୍ଦ୍ର ପାଣି ସମ୍ମାନିତ ଅତିଥିଭାବେ ଜଲ୍ଲାରପୁର ସରପଞ୍ଚ ମଞ୍ଜୁଲତା ପଣ୍ଡା, ଅତିରିକ୍ତ ମଣ୍ଡଳ ସଂଗୀତ ଶିକ୍ଷକ ସୌଭାଗ୍ୟ ପ୍ରହରାଜ, ଅମୁଲ୍ୟ କୁମାର ନାୟକ, ରତିକାନ୍ତ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ତାଳଚେର ପୌରମଣ୍ଡଳ ଗସ୍ତ



ତାଳଚେର,୨୨।୨(ନି.ପ୍ର): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ରବିବାର ତାଳଚେର ଗସ୍ତ କରିଛନ୍ତି ।ପୌରାଞ୍ଚଳର ଚାରୋଟି ୱାର୍ଡ ୬,୭,୮,୯ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି । ପୌରାଞ୍ଚଳର ବିକାଶ ପାଇଁ ନଗର ଉର୍ନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣ ଚନ୍ଦ୍ର ମହାପାତ୍ର ଙ୍କ ସହ ଫୋନ ଯୋଗେଁ କଥା ହୋଇ ପୌରାଞ୍ଚଳର ବିକାଶ ପାଇଁ ସ୍ବତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ଅନୁଗୁଳ ଜିଲ୍ଲାପାଳଙ୍କ ସହ କଥା ହୋଇ ତାଳଚେର ଟାଉନ ବଉଳ ଛକ ଠାରେ ଡ଼ିଏମଏଫରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ କହିଥିଲେ। ସାଂସଦ ପ୍ରାକ୍ତନ କାଉନ ସିଲର ଜିତେନ୍ଦ୍ର ଦାସ ଙ୍କ ବାପା ବସନ୍ତ କୁମାର ଦାସ ଙ୍କର ବିୟୋଗରେ ତାଙ୍କ ବାସଭବନ ରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚାରୋଟି ୱାର୍ଡ ବୁଲି ଲୋକଙ୍କ ସମସ୍ୟା ଶୁଣିଥିଲେ ଓ ସମାଧାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଫୋନ କରିଥିଲେ। ସାଂସଦଙ୍କ ସହ ମଣ୍ଡଳ ସଭାପତି ରାଜେଶ ଦଳେଇ, ପ୍ରାକ୍ତନ ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ, ସୁନୀଲ ପଟ୍ଟନାୟକ, କାଉନ ସିଲର ସନ୍ତୋଷ ବେହେରା ଓ ଅନିତା ବିଶ୍ୱାଳ, ପ୍ରାକ୍ତନ କାଉନ ସିଲର ଧରିତ୍ରୀ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ଉ
## ୬ ଗିରଫ, ବାଇକ ଓ ଟଙ୍କା ଜବତ



ନିଆଳି,୨୨।୨(ନି.ପ୍ର): ନିଆଳି ଥାନା ପୋଲିସ ବିନିସ ପୁରରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଶନିବାର ଦିନ ଅଚାନକ ଚଢ଼ାଉ କରି ୬ ଜଣ ଯୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି ବାଇକ ନଗଦ ୨୮ ହଜାର ୮ ଶହ ୧୦ ଟଙ୍କା ପାଲି, ଗୋଟି, ତାସ ଓ ବାଇକ ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ବଟକୃଷ୍ଣ ପାଲ (୩୪), ଦାମୋଦର ସ୍ବାଇଁ (୪୮), ଦିଲ୍ଲୀପ କୁମାର ସ୍ବାଇଁ (୩୯), ରତ୍ନାକର ନାୟକ (୪୮), ବିଜୟ ବେହେରା (୫୨), ବୃନ୍ଦାବନ ସ୍ବାଇଁ (୫୦)। ସୂଚନା ଥାଉ କି ଗତ କିଛି ଦିନ ତଳେ ରତନ ପୁର ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ପୋଲିସ ଜୁଆ ଖେଳୁଥିବା ଅଭିଯୁକ୍ତ ମାନଂକୁ ଗିରଫ କରିଥିଲା। ନିଆଳି ପୋଲିସର ଜୁଆ ଆଡ୍ଡା ଉପରେ ଏଭଳି ଚଢ଼ାଉ ଜୁଆଡିଙ୍କ ମନରେ ଛନକା ପଶିଚି।

# ସୁଭଦ୍ରା ଶକ୍ତି ମେଳାରେ ଜମୁନି ଭିଡ: ଚେୟାର ଖାଁ ଖାଁ
## ହାତଗଣତି ଅଧିକାରୀଙ୍କ ସହିତ ଅଳ୍ପ ଲୋକ ଆସୁଛନ୍ତି



ପାରଳାଖେମୁଣ୍ଡି ୨୨।୨(ନି.ପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଚତୁର୍ଥ ଦିବସରେ ପଦାର୍ପଣ କରିଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ, ଗଜପତି ସୋଲମନ ରାଇକା ଉପସ୍ଥିତ ଥିବା ବେଳେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ମଞ୍ଚାସୀନ ରହି ମେଳାର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ବିଷୟରେ ମତ ପ୍ରକାଶ କରିଥିଲେ। ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ମେଳାରେ ଯେଉଁ ପରିମାଣରେ ଚୌକି ସଜା ଯାଇଛି ସେତିକି ସଂଖ୍ୟକ ଲୋକ ନ ଥିଲେ ।ଏହି ଅବସରରେ କିଛି ହାତଗଣତି ପ୍ରଶାସନିକ ଅଧିକାରୀ, ଘରୋଇ ସୁରକ୍ଷା କର୍ମୀ ଓ ପୋଲିସ ଟିମ୍‌ଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସେମାନଙ୍କ ଅଭିଭାବକଙ୍କୁ ମିଶାଇଲେ ପାଖାପାଖି ୧୦୦ରୁ ମଧ୍ୟ କମ୍ ଉପସ୍ଥିତି ରହିଥିବାର ଦେଖିବାକୁ ମିଳିଛି । ଅପରପକ୍ଷରେ ଲକ୍ଷ ଲକ୍ଷଟଙ୍କା ବ୍ୟୟବରାଦ କରାଯାଇ ଖୋଲାଯାଇଥିବା ବିଭିନ୍ନ ଷ୍ଟଲ ଗୁଡିକ ମଧ୍ୟ ସଂପୂର୍ଣ୍ଣ ଭାବେ ଖାଁ ଖାଁ ହୋଇପଡିଛି । ଦେଖିବାକୁ ଗଲେ ଜନସଚେତନତା ଅଭାବ ଯୋଗୁଁ ଲୋକଙ୍କ ଭିଡ ଜମୁନଥିବା ବେଳେ ନାରୀ ଶକ୍ତିକୁ କିପରି ଶସକ୍ତ କରାଯାଇଛି ତାକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି । ବିଶେଷ କରି ଏହି ମେଳାରେ ରାଜ୍ୟହସ୍ତଶିଳ୍ପ, ପାରମ୍ପାରିକ ଖାଦ୍ୟ ଓ ଲୋକ ସଂସ୍କୃତିର ଏକ ଭବ୍ୟ ପର୍ବ ବୋଲି ସରକାର ତଥା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ।
ସାଂସ୍କୃତିକ କାର୍ଯ୍ୟକ୍ରମର ଷ୍ଟାର ନାଇଟରେ ନାମୀଦାମୀ କଳାକାରମାନେ ଯୋଗଦେଉଛନ୍ତି । ଏହି ନାମୀଦାମୀ କଳାକାରଙ୍କ ମର୍ଯ୍ୟାଦା ବୃଦ୍ଧିକରିବାକୁ ଅନ୍ତତଃ ୫ଶହ ଲୋକେ ରହିଥିଲେ କଳାକାରମାନେ ଉତ୍ସାହିତ ହୋଇଥାନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବିନା ଯୋଜନା ଓ ବିନା ସଚେତନତାରେ ଲୋକଙ୍କ ଅର୍ଥକୁ ଶ୍ରାଦ୍ଧ ନ କରାଯାଉ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।ଅନ୍ୟ ପକ୍ଷରେ ସୁଭଦ୍ରା ମେଳାରେ ଜମା ଭିଡ ପରିଲକ୍ଷିତ ନହେବାକୁ ନେଇ ଘରୋଇ ସୁରକ୍ଷା କର୍ମୀମାନେ ଗୋଟିଏ ମୁଖ୍ୟ ଫାଟକରେ ତାଲା ପକାଇ ଜଗି ରହିଛନ୍ତି ।

# ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

ଖୋର୍ଦ୍ଧା,୨୨।୨(ନି.ପ୍ର): ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ତରଫରୁ ଆନ୍ତର୍ଜାତିକ ମାତୃଭାଷା ଦିବସ ବଡତୋଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି।
ସଭାପତି ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭା ଆରମ୍ଭ ହୋଇଥିଲା। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କୋଷାଧ୍ୟକ୍ଷ ଡ.ବିମଳ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ ଉତ୍କଳ ସମ୍ମିଳନୀ ତରଫରୁ ମାତୃଭାଷା ଓଡିଆ ର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ.ପ୍ରମୋଦ ଚନ୍ଦ୍ର ଦାଶ, ମାତୃଭାଷା ଦିବସ ର ଉତ୍ପତ୍ତି, ଓଡିଆ ପରମ୍ପରା, ସଂସ୍କୃତି, ଚାଲିଚଳନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ମାତୃଭାଷା ଶିକ୍ଷାଦାନର ଉପକାରିତା ସଂପର୍କରେ ଉପଦେଶ ପ୍ରଦାନ କରିଥିଲେ।
ମାତୃଭାଷା ପାଳନ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଅବସରପ୍ରାପ୍ତ ସମବାୟ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, କିଶୋର ଚନ୍ଦ୍ର ପାଇକରାୟ, ଅର୍ଜୁନ ବାରିକ, ପ୍ରକାଶ ଚନ୍ଦ୍ର ବାରିକ, ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜଟଣୀ ମଣ୍ଡଳ ଶିକ୍ଷା ଅଧିକାରୀ ଅତିଥି ଭାବେ ଯୋଗ ଦେଇ ଉତ୍କଳ ସମ୍ମିଳନୀ ତରଫରୁ ପ୍ରଦତ୍ତ ଛବିଳ ମଧୁ ବର୍ଣବୋଧ ପୁସ୍ତକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିଥିଲେ। ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟତ୍ରୀ ସ୍ମିତା ବଳିଆରସିଂ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ

କଣ୍ଟାପଡା,୨୨।୨(ନି.ପ୍ର): ଆସନ୍ତା ଗ୍ରାମ ପଂଚାୟତ ନିର୍ବାଚନରେ କଂଗ୍ରେସକୁ ତୃଣ ମୂଳ ସ୍ତରରେ ସୁଦୃଢ କରିବା ପାଇଁ ପୂର୍ବତନ କଂଗ୍ରେସ ସଭାପତି ଭରତ ବେହେରା କଣ୍ଟାପଡା କଂଗ୍ରେସ ନେତା ଭାବେ ଘୋଷଣା କରି ଜନ ସାଧାରଣଙ୍କ ସେବା କରିବା ପାଇଁ ଅନୁରୋଧ କରାଯାଇଛି। ଛାତ୍ର କଂଗ୍ରେସ ନେତା ହାର୍ଦ୍ଦିକ ମହାପାତ୍ର ନୂତନ ନିଆଳି



ଆବାହକରେ କଣ୍ଟାପଡା ଠାରେ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବାଗଲ ପୁର ସମିତି ସଭ୍ୟ ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି କିଶୋର ରାଉତ ରାୟ ଶୃଙ୍ଖଳିତ ଓ ସୁଦୃଢ କରିବା ଦ୍ୱାରା କର୍ମୀ ମାନଂକୁ ଆହ୍ୱାନ ଦେଇଥିଲେ। ସଂଗଠନ ସମ୍ପାଦକ ବାହାନ ପରିଡା ପ୍ରତି ଗ୍ରାମପଞ୍ଚାୟତ ପ୍ରାର୍ଥୀ ଦେବା ସଫଳ କରିବା ପାଇଁ କର୍ମୀ ମାନଂକୁ ଉତ୍ସାହିତ କରିଥିଲେ। ଯୁବ କଂଗ୍ରେସ ସଭାପତି ହେମନ୍ତ ପରିଡା ଏକଜୁଟ ହେବା ପାଇଁ ନିବେଦନ କରିଥିଲେ। କ୍ଷେତ୍ର ମୋହନ ବେହେରାଙ୍କୁ ସର୍ବ ସମ୍ମତି କ୍ରମେ ଗଢିବା ପାଇଁ କର୍ମୀ ମାନଂକୁ ଉଦବୋଧନ ଦେଇଥିଲେ। ଏଥିରେ ମାଗୁ ସାହୁ, ବନୁ ସାହୁ, ବାବୁ ସେଠି, ଶ୍ୟାମ ସ୍ବାଇଁ, ନୀଳମଣି ରାଉତ, ଆଲୋକ ଭୋଇ,କାବା ଜେନା, ଚୈତନ୍ୟ ଭୋଇ, କାଳନ୍ଦୀ ବେହେରା,ମାଣ୍ଡବ ସ୍ବାଇଁ, ହେମନ୍ତ ମଲିକ, ଅନିରୁଦ୍ଧ ମୁଦୁଲି, ବାବୁଲି ସ୍ବାଇଁ, ଶଙ୍କର ରାଉତରାୟ, ରତ୍ନାକର ବେହେରା, ଗାଲା ସ୍ବାଇଁ, ସହିଦ ଶାହ, କାଳିଆ ସାହା,ଆଲୋକ ମଲିକ, ଭୁଗୁନା ରାଉତ ରାୟ, କିଶୋର ରାଉତ ରାୟ, ନିରୋତ୍ତମ ଭୋଇ, ପ୍ରଫୁଲ ବେହେରା, ବାମଦେବ ରାଉତ, ଶିବସ୍ବାଇଁ, ବ୍ରଜ ଭୋଇ, ବାବୁ ସାହୁ, ବୁଲା ଭୋଇ, ଅନେକ କର୍ମ କର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

# ଶିଶୁ ବିବାହମୁକ୍ତ ଭାରତ ରଥ ଉଦ୍‌ଘାଟିତ

ରିଆମାଳ,୨୨।୨(ନି.ପ୍ର): ଦେବଗଡ଼ ରିଆମାଳ ବ୍ଲକ ବିଭିନ୍ନ ଗ୍ରାମରେ ଶିଶୁ ବିବାହ ରୋକିବା ପାଇଁ ଏକ ଶକ୍ତିଶାଳୀ ପଦକ୍ଷେପ ଶିଶୁ ବିବାହ ମୁକ୍ତ ଭାରତ ରଥ ଉଦ୍ବାଟନ ହୋଇଛି। ଜିତା ଅନୁଷ୍ଠାନ ଆୟୋଜନରେ ଓ ଜଷ୍ଟ ରାଇଟସ୍ ଫର ଚିଲଡ୍ରେନସ୍ ଏଲାଏନ୍ ସହାୟତାରେ ପରିଚାଳିତ ୧୦୦ ଦିନ ଶିଶୁ ବିବାହ ମୁକ୍ତ ଭାରତ ଅଭିଯାନ ମାଧ୍ୟମରେ ଦେବଗଡ଼ ରେ ଶିଶୁ ବିବାହ ବିରୋଧରେ ଜନଜାଗରଣ ଓ ସମ୍ପ୍ରଦାୟ ସହଯୋଗ ବୃଦ୍ଧି କରାଯିବ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସଚେତନତା ବୃଦ୍ଧି କରିବା, ସାମୁଦାୟିକ ସଚେତନତାକୁ ମଜବୁତ କରିବା ଏବଂ ନିରନ୍ତର ପ୍ରଚାର ଏବଂ ପ୍ରସାର ମାଧ୍ୟମରେ ସାରା ଦେବଗଡ଼ରେ ବାଲ୍ୟବିବାହକୁ ରୋକିବା।
ଶିଶୁ ଅଧିକାର ସୁରକ୍ଷା ଦିଗରେ ଏକ ଯାତ୍ରାର ପ୍ରତୀକ ସ୍ୱରୂପ ରଥକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଉଗଘକ୍ସ ସୁରତି ପ୍ରଧାନ, DCPO ରୋମିଓ ମହାପାତ୍ର, ପତାକା ଦେଖାଇବା ସହିତ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ, ଯେଉଁମାନେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିତା ଅନୁଷ୍ଠାନର ସମ୍ପାଦିକା ଅନୁପମା ରାଉତ ଓ ଜିଲ୍ଲା ସଂଯୋଜିକା ଉର୍ମି ମହାପା୍ ଅତିଥ ମାନଙ୍କୁ ସ୍ୱାଗତ କରିବା ସହିତ ଅନୁଷ୍ଠାନର ସୁମନ କୁମାର ସାହୁ ଓ ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।
ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ ଯେ ବାଲ୍ୟବିବାହ କେବଳ ବାଲ୍ୟବିବାହ ନିଷେଧ ଆଇନ (PCMA) ଅନୁଯାୟୀ ଏକ ଅପରାଧ



ନୁହେଁ ବରଂ ଶିଶୁମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦାର ଅଧିକାରର ଏକ ଗମ୍ଭୀର ଉଲ୍ଲଂଘନ। ଏହି ଅବସରରେ, ଜିତାର ସମ୍ପାଦିକା ଅନୁପମା ରାଉତ କହିଥିଲେ, ବାଲ୍ୟବିବାହ ଝିଅ ଏବଂ ପୁଅଙ୍କ ଭବିଷ୍ୟତକୁ ନଷ୍ଟ କରିଦିଏ। ଏହି ୧୦୦ ଦିନିଆ ଅଭିଯାନ ମାଧ୍ୟମରେ, ଆମେ ଗାଁରୁ ଗାଁ ଭ୍ରମଣ କରିବୁ, ସାମୁଦାୟିକ ଆଲୋଚନା କରିବୁ ଏବଂ ପିତାମାତା, ଶିକ୍ଷକ ଏବଂ ସ୍ଥାନୀୟ ନେତାମାନଙ୍କ ସହିତ 'ବାଲ୍ୟବିବାହକୁ ନା' ଏବଂ 'ଶିକ୍ଷାକୁ ହଁ' କହିବା ପାଇଁ କାମ କରିବୁ। ଏହି ଅଭିଯାନ ଆଗାମୀ ୧୦୦ ଦିନ ମଧ୍ୟରେ ୧୦୦ ଟି ଗ୍ରାମ ରେ ପରିକ୍ରମା କରିବ, ରଥକୁ ଏକ ମୋବାଇଲ୍ ସଚେତନତା ପର୍ଯ୍ୟାୟ ଭାବରେ ବ୍ୟବହାର କରାଯିବ। କାର୍ଯ୍ୟକଳାପରେ ଶପଥ ଗ୍ରହଣ ରାଲି, ସଚେତନତା ସାମଗ୍ରୀ ବଣ୍ଟନ ଏବଂ ବାଲ୍ୟ ବିବାହ ନିଷେଧ ଅଧିକାରୀ (CMPO), ପୋଲିସ ଏବଂ ସ୍ଥାନୀୟ ସଂସ୍ଥା ସହିତ ଜଡିତ ରହି ତଦାରଖ ଏବଂ ରିପୋର୍ଟିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ।

# ବିଡିଓଙ୍କ ଗାଡି ଭଙ୍ଗାରୁଜା ମାମଲା, ୨ଗିରଫ

ବୋଲଗଡ,୨୨।୨(ନି.ପ୍ର): ବୋଲଗଡ ବିଡ଼ିଓଙ୍କ ଗାଡିଭଙ୍ଗାରୁଜା ଘଟଣାରେ ବୋଲଗଡ ପୋଲିସ ଆଜି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ସେମାନେ ହେଲେ କଳାଙ୍ଗ ଗ୍ରାମର ପ୍ରଶାନ୍ତ ହୋତା ଓ ଦଳେଇସାହି ଗ୍ରାମର ଅଖତାର ଅଲ୍ଲୀ। ବ୍ଲକର ସିସିଟିଭି ଫୁଟେଜକୁ ତଦାରଖ କରି ପଦକ୍ଷେପ ନିଆଯାଉଛି ବୋଲି ଥାନା ନିରୀକ୍ଷକ ସୁକାନ୍ତ ଦଳେଇ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ବିଡ଼ିଓଙ୍କ ତୁରନ୍ତ ବଦଳି ଦାବି କରି ଜନପ୍ରତିନିଧି ମାନେ ଗଣଧାରଣା ଦେଇଥିଲେ। ଗତକାଲି ହଠାତ ବ୍ଲକ ଭିତରକୁ ଧସେଇ ପଶିଥିଲେ। ପୋଲିସ କର୍ମଚାରୀ ଙ୍କ ସହ ଧସ୍ତା ଧସ୍ତି ହୋଇଥିଲା। ବିଶୃଙ୍ଖଳା କାରି ମାନେ ବିଡ଼ିଓଙ୍କ ଗାଡି ଭଙ୍ଗାରୁଜା କରିଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ୧୩ଜଣଙ୍କୁ ପୋଲିସ ଉଠାଇନେଇଥିଲା। କେଶ ନମ୍ବର ୬୭/୨୬ରେ ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଓ ବିଡ଼ିଓଙ୍କୁ ଅଶାଳୀନ ଗାଳିଗୁଲଜ କରିବା ଆଦିନେଇ ମାମଲା ରୁଜୁ କରିଥିଲେ।

# ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍: କଟକ ମଙ୍ଗଳା କ୍ଲବ ଚାମ୍ପିଅନ

ସୁବର୍ଣ୍ଣପୁର,୨୨।୨(ନି.ପ୍ର): ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ ତମ ସର୍ବ ଭାରତୀୟ ରାମଧୁନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ କଟକ ମଙ୍ଗଳା କ୍ଲବ କଟକ ଓ ଭୁବନେଶ୍ୱର ଜାଗା ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଉଭୟ ଦଳର ଗୋଲ ୧–୧ ରହି ମ୍ୟାଚ୍ ବରାବର ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମାଜସେବୀ ଶ୍ରୀବସ୍ତ ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଜିଲ୍ଲା କ୍ରୀଡା ସଂଘ ଉପସଭାପତି ଚିତ୍ତ ରଞ୍ଜନ ତରାସିଆ, ରାମଧୂନ୍ କ୍ଲବ ଉପଦେଷ୍ଟା ନନ୍ଦ କିଶୋର ତ୍ରିପାଠୀ, କ୍ରୀଡ଼ା ସଂଘ କାର୍ଯ୍ୟ କାରିଣୀ ସଦସ୍ୟ ବି ସତ୍ୟ ନାରାୟଣ ରାଓ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।
ମଙ୍ଗଳା କ୍ଲବ ଫ୍ରାଞ୍ଚାଇଜ୍ ଫିଟନେସ ଅମ୍ପାୟର ପ୍ରୋପାଇଟର ଦିନେଶ ଦୟାଲ ଓ ଜଗା ୟୁନାଇଟେଡ ଦଳର ଫ୍ରାଞ୍ଚାଇଜ୍ ପଶ୍ଚିମ ନିଉଜ ଚ୍ୟାନେଲ ଅଧ୍ୟକ୍ଷ ତଥା ସମଲେଶ୍ୱରୀ ନର୍ସିଂ ହୋମ୍‌ର ଏମଡି ସୁଭାଶିଷ ରଥ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳଙ୍କ ଦ୍ୱାରା ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜକ କମିଟି ପକ୍ଷରୁ ଜିଲ୍ଲାପାଳ ଓ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ୟୁଟ୍ୟୁବର ଅଫିସିଆଲ୍ ଶକ୍ତି ରଞ୍ଜନ, ରେଫରୀ ସଞ୍ଜୀବ କୁମାର ସାହୁ, ଦେବାଶିଷ ବାଗ, ଜିତୁ ପାତ୍ର, ସୁଶାନ୍ତ ବାଘ, ଅଜୟ ପଧାନ ପାଣ୍ଡେ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳର ପ୍ରସାରଣ କରିଥିବା ୟୁଟ୍ୟୁବରେ ରାକେଶ ନାଗ, ସମସ୍ତ




ଦଳର ଫ୍ରାଞ୍ଚାଇଜ୍, ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କଟକ ଦଳର ରାକେଶ ସାହୁ, ବେଷ୍ଟ ଗୋଲ କିପର ଭାବେ ରବି ଦଳକୁଡିଆ, ଏମର୍ଜିଂ ଖେଳାଳି ଜୀତୁ ମୁଦୁଲ, ମ୍ୟାନ ଅଫ ଦି ସିରିଜ ଜୟନ୍ତ ମହତାଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ।
ଉପ ବିଜେତା ଜଗା ୟୁନାଇଟେଡକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ଚମ୍ପିୟାନ ଟିମ୍ ମଙ୍ଗଳା କ୍ଲବକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରାଯାଇ ଥିଲା। ଦର୍ଶକ ଲଟେରୀର ପ୍ରଥମ ବିଜେତା ଆୟୁଷ୍ମାନ ପଣ୍ଡା, ଦ୍ୱିତୀୟ ବିଜେତା ବଚିନ ନାଏକ ଓ ତୃତୀୟ ବିଜେତା ମୁଲି ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ, ମ୍ୟାଚ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷ ଦିନରେ ୧୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଖେଳ ଉପଭୋଗ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ଦିଗମ୍ବର ଶତପଥି ଅତିଥି ପରିଚୟ ଏବଂ ସଭା ପରିଚାଳନା କରିଥିଲେ। ପ୍ରଭୁଦାସ କୁମ୍ଭାର ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରାମଧୁନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡାଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶେଷ ଦେବ ମେହେର, ଲଡୁ କିଶୋର ମଲ୍ଲିକ, ସନ୍ତୋଷ ପାଢ଼ୀ, ସୁଭାଷ ବିଶ୍ୱାଳ, ବର୍ସି ମହମ୍ମଦ, ଅନିଲ ସାହୁ, ହୃଷୀକେଶ ପଣ୍ଡା, ରାଜ କୁମାର ନାଏକ, ରାଜୀବ ସାହୁ, ବୁବୁନ ନାଏକ, ଶ୍ରୀତମ୍ ସାହୁ, ବିକାଶ ପାଢ଼ୀ , ପ୍ରିତମ ସରାଫ, ଶ୍ରୀତମ ସରାଫ, ଅମ୍ରି ସାହୁ, ମୁନ୍ନ ମହମ୍ମଦ, ବିଶ୍ୱ, ଚାହଦ, ରିକୁନ ନାଏକ, ସିପୁନ ନାଏକ, ସୁରଜ୍ ସାହୁ, ଚନ୍ଦନ ସାହୁ, ବିଦ୍ୟା ଧର ମିଶ୍ର, ସଦା ଶାନ୍ତି ସାହୁ, ଗୁରୁ ଦଳାଇ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡା ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ ।

# ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ୭୫ ତମ ରାଜ୍ୟ ପୋଲିସ୍ ହକି ଚମ୍ପିଆନସିପ୍ ଉଦ୍‌ଘାଟିତ

ରାଉରକେଲା,୨୨।୨(ନି.ପ୍ର): ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ରବିବାର ଉଦଘାଟିତ ହୋଇଯାଇଛି ୭୫ତମ ରାଜ୍ୟ ପୋଲିସ୍ ହକି ଚମ୍ପିଆନସିପ୍ ୨୦୨୫–୨୬। ଫେବୃୟାରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆଜି ମୁଖ୍ୟ ଅତିଥି ଭାବେ ଉଦ୍ବାଟନ କରିଥିଲେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପମହାନିରୀକ୍ଷକ ବ୍ରିଜେଶ କୁମାର ରାୟ। ସମ୍ମାନୀୟ ଅତିଥି ଭାବେ ଏହି ଉଦ୍ବାଟନୀ ଉତ୍ସବରେ ଉପସ୍ଥିତ ଥିଲେ ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର୍, ରାଉରକେଲା ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ। ଆଜିର ଉଦ୍ବାଟନୀ ମ୍ୟାଚ ରାଉରକେଲା ପୋଲିସ୍ ହକିଟିମ୍ ବନାମ ରାୟଗଡା ପୋଲିସ୍ ହକି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ୭୫ତମ ରାଜ୍ୟ ପୋଲିସ୍ ହକି ଚମ୍ପିଆନସିପ୍ ୨୦୨୫–୨୬ରେ ୧୪ଟି ପୋଲିସ୍ ଟିମ୍ ଭାଗ ନେଉଥିବା ବେଳେ ସେଥିମଧ୍ୟରେ ରହିଛନ୍ତି, ୮ମ ଓଏସ୍‌ଏପି ଛତ୍ରପୁର, ଭୁବନେଶ୍ୱର କମିଶନରେଟର ଏ ଏବଂ ବି ହକି ଟିମ୍, ରାଉରକେଲା ପୋଲିସ୍ ହକି ଟିମ୍, ସୁନ୍ଦରଗଡ ପୋଲିସ୍ ହକି ଟିମ୍, ରାୟଗଡା ପୋଲିସ୍ ହକି ଟିମ୍, ଝାରସୁଗୁଡା ପୋଲିସ୍ ହକି ଟିମ୍, ତୃତୀୟ ବାଟାଲିୟନ କୋରାପୁଟ ହକି ଟିମ୍, ୪ର୍ଥ ଆଇଆରବିଏନ୍ ଦେବଗଡ ହକି




ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ଟିମ୍, ଓଆଇଏସ୍‌ଏଫ୍ ଭୁବନେଶ୍ୱର ହକି ଟିମ୍, ପୁରୀ ପୋଲିସ ହକି ଟିମ୍, ସମ୍ବଲପୁର ପୋଲିସ୍ ହକି ଟିମ୍, ୪ର୍ଥ ଓଏସ୍‌ଏପି ରାଉରକେଲା ହକି ଟିମ୍, ୬ଷ୍ଠ ଓଏସଏପି କଟକ।

# ମନ୍ କି ବାତ୍ ଶୁଣିଲେ ଶତାଧିକ ବୃଦ୍ଧିଜୀବୀ

ଖୋର୍ଦ୍ଧା,୨୨।୨(ନି.ପ୍ର): ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ମଙ୍ଗଳାନଗର ଜନଶୁଣାଣି ଶିବିର ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବାସୀଙ୍କ ଉଦ୍ଦେଶ୍ୟରେ ୧୩୧ତମ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧାସଳଖ ବାର୍ତ୍ତା ଏକାଠି ବସି ଶୁଣିଲେ ଶତାଧିକ ଖୋର୍ଦ୍ଧାବାସୀ ଓ ବୁଦ୍ଧିଜୀବୀ। ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସମେତ ସହରର ଅନେକ ବୁଦ୍ଧିଜୀବୀ, ମହିଳା ଓ ଯୁବଗୋଷ୍ଠୀ ଏକାଠି ବସି ମୋଦୀଙ୍କ ବାର୍ତ୍ତା



ଶୁଣିଥିଲେ। ଏହି ଅବସରରେ ମୋଦି ସୁନ୍ଦରଗଡ଼ର ସଫଳ ଚାଷୀ ହିରୋଦ ପଟେଲଙ୍କ ସଫଳତା ବାଖ୍ୟା କରିଥିଲେ। ଏଥିସହ ଏଆଇର ବ୍ୟବହାର, ପାଣ୍ଡୁଲିପି ଉପରେ ଗବେଷଣା ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ଚାଲିଥିବା ୱାଲଡକପ୍ ଟି-୨୦ କ୍ରିକେଟରେ ବିଭିନ୍ନ ଦେଶରେ ଭାରତୀୟ ଖେଳାଳିମାନେ ଖେଳୁଛନ୍ତି ବୋଲି କହିଥିଲେ। ମନ୍ କି ବାତ୍ କାର୍ଯ୍ୟକ୍ରମ ସରିବା ପରେ ବିଧାୟକ ଶ୍ରୀ ଜଗଦେବ ନିଷ୍ଠାପର ସେବା କରିବାକୁ ଉପସ୍ଥିତ ଶୃଦ୍ଧିବୃନ୍ଦଙ୍କୁ କହିଥିଲେ । ପରେ ପରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ ବୁଦ୍ଧିଜୀବୀ ଓ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ।

# ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ଘୋଷଣାକୁ ଜିଲ୍ଲାବାସୀଙ୍କ ସ୍ୱାଗତ

ସୁବର୍ଣ୍ଣପୁର,୨୨।୨(ନିପ୍ର): ବହୁ ପ୍ରତୀକ୍ଷୀତ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନୁଦାନ ଘୋଷଣା କରିବା ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ମତ୍ସ୍ୟ ମହାବିଦ୍ୟାଳୟ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଘୋଷଣା ଏବଂ ୧୦ କୋଟି ଟଙ୍କା ପ୍ରଥମ ପର୍ଯ୍ୟାୟରେ ବ୍ୟବସ୍ଥା ହେବା ନେଇ ବଜେଟ ଅଧିବେଶନରେ ଘୋଷଣା କରିଛନ୍ତି। ଚିପିଲମା ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗିର କୃଷି ମହାବିଦ୍ୟାଳୟ ଓ ସୁବର୍ଣ୍ଣପୁର ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ନେଇ ୩୦ କୋଟି ଟଙ୍କା ପ୍ରାଥମିକତା ସ୍ତରରେ ଅନୁଦାନ ଘୋଷଣା କରିଛନ୍ତି। ଫଳରେ ସୁବର୍ଣ୍ଣପୁର ଜିଲ୍ଲାରେ ବହୁ ପ୍ରତିକ୍ଷିତ ମତ୍ସ୍ୟ ମହାବିଦ୍ୟାଳୟ ଜୀବନ୍ୟାସ ପାଇଛି। ଏହା ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବାସହ ଏହା ଦ୍ୱାରା ଜିଲ୍ଲାରେ ମତ୍ସ୍ୟ ସଂପଦର ବିକାଶ ହେବା ସହ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଛାତ୍ରଛାତ୍ରୀମାନେ ଏଠାରେ ରହି ପାଠ ପଢ଼ିବାକୁ ସୁଯୋଗ ପାଇବା ସହ ନୂତନ ମତ୍ସ୍ୟ ବିଜ୍ଞାନୀ ସୃଷ୍ଟି ହେବେ। ସୁବର୍ଣ୍ଣପୁର ଓ ଆଖପାଖ ଅଞ୍ଚଳର ମତ୍ସ୍ୟଜୀବୀ ଓ ମତ୍ସ୍ୟ ଚାଷୀ, ନୂତନ ମତ୍ସ୍ୟ ଉଦ୍ୟୋଗୀ ଉପଯୁକ୍ତ ପରାମର୍ଶ ପାଇବା ସହ ଉପକୃତ ମଧ୍ୟ ହୋଇପାରିବେ। ଏହାଦ୍ୱାରା ଜିଲ୍ଲାବାସୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ୨୦୨୪ ନିର୍ବାଚନ ପୂର୍ବରୁ ସୋନପୁରର ଏକ ନିର୍ବାଚନୀ ସଭାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ତତ୍‌କାଳୀନ ରାଜନେତା ମାନେ ପ୍ରତିଶ୍ରୁତି ଦେଇଥିଲେ।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଜେପି ସରକାର ଆସିଲେ ଏହି ଘୋଷଣା କାର୍ଯ୍ୟକାରୀ ହେବ ବୋଲି ମଧ୍ୟ ଦୃଢୋକ୍ତି ପ୍ରକାଶ କରିଥିଲେ। ଯାହା ବିଜେପି ସରକାର ଆସିଲା ପରେ ବାସ୍ତବ ରୂପ ନେଇଛି। ଏଥିପାଇଁ ସୁବର୍ଣ୍ଣପୁର ଜିଲ୍ଲାବାସୀ ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଲୋକସଭା ସାଂସଦ ସଂଗୀତା ସିଂଦେଓଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା କହିଛନ୍ତି, ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସରକାର ଲୋକମାନଙ୍କ ସରକାର। ସୁବର୍ଣ୍ଣପୁର ଜିଲ୍ଲାରେ ମାଛ ଓ ଚିଙ୍ଗୁଡ଼ି ବହୁତ ଆମଦାନୀ ହୋଇଥାଏ। ଏହାକୁ ନେଇ ପ୍ରଶସ୍ଥ କ୍ଷେତ୍ର ମଧ୍ୟ ରହିଛି। ଓଡ଼ିଶାର ଅସ୍ମିତା ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ସରକାର ସୁବର୍ଣ୍ଣପୁର ଜିଲ୍ଲାର ସନ୍ଥ କବି ଭୀମ ଭୋଇ ସମାଧି ପୀଠକୁ ୩୫ କୋଟି ଟଙ୍କାର ମଧ୍ୟ ପ୍ରଦାନ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ବିକାଶକୁ ସରକାର ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଛନ୍ତି।

# କମ୍ପାନୀ ମେସ୍‌ରେ ଛୁରି ଭୁସି ଶ୍ରମିକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,୨୨।୨(ନି.ପ୍ର): ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ସାରୁଅ ଶିଳ୍ପାଞ୍ଚଳରେ ଥିବା ନ୍ୟୁ ଲକ୍ଷ୍ମୀ ଷ୍ଟିଲ୍ କମ୍ପାନୀ ମେସ୍ରେ ଶ୍ରମିକ ଭଦ୍ରକ ଅଞ୍ଚଳର ମନୋଜ ତରାଇଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏ ସମ୍ପର୍କରେ ବାଘମାରୀ ପୋଲିସ ଏକ ମାମଲା ୫୨/୨୦୨୬) ରୁଜୁ କରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ ବିହାରୀ ଶ୍ରମିକ ସୁନୀଲ ମିଶ୍ରା ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା।

ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କମ୍ପାନୀ ପରିସରରେ ଥିବା ଏକ ମେସ୍ରେ ମନୋଜ, ସୁନୀଲଙ୍କ ସହ ଅନ୍ୟମାନେ ରୁହନ୍ତି। ଗତ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ ରେ କୌଣସି କାରଣକୁ ନେଇ ମନୋଜ ଏବଂ ସୁନୀଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁନୀଲ ମିଶ୍ରା ଏକ ଧାରୁଆ ଛୁରିରେ ମନୋଜଙ୍କ ପେଟକୁ ଭୁସି ଦେଇଥିଲେ। ମନୋଜଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ।

ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ କମ୍ପାନୀ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସମେତ ଅତିରିକ୍ତ ଏସ୍ପି ଶ୍ରୀନିବାସ ମହାନ୍ତି, ଡିଏସ୍ପି ଅନିଲ କୁମାର ମହାନ୍ତି ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା,୨୨।୨(ନି.ପ୍ର): ଜିଲ୍ଲା ପ୍ରତିଭା ପୂଁଜା ସଂସଦ ପକ୍ଷରୁ ପବ୍ଲିକ ରିଡିଂରୁମ ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ଜିଲ୍ଲା ଓକିଲ ସଙ୍ଘ ସଭାପତି ଭୀମସେନ ଭୂୟାଁ, ଜିଲ୍ଲା ଓକିଲ ସଙ୍ଘ ସମ୍ପାଦକ ନୃସିଂହ ରାଉତ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ ଓ ପୂର୍ବତନ ନଗରପାଳ ଧିରେନ ସାହୁ ପ୍ରମୁଖ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂଯୋଜକ ଗୋଲଖ ଚନ୍ଦ୍ର ପଡିଆରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ




ଶୈଳବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଚୈତନ୍ୟ ଚରଣ ପରିଡା, ଫକୀର ଚରଣ ଖଟୁଆ, ସନ୍ତୋଷ ବେହେରା, ଭାଗିରଥୀ ଜେନା, ଶରତ ବେହୁରା, ଆଦିକନ୍ଦ ରାଉଳ, ଶେଷଦେବ ଦାସ, ଜାକିର ହୋସେନ, ରିଙ୍କୁ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କୋରୁକୋଣ୍ଡାର ପ୍ରସିଦ୍ଧ ମା’ ମାଉଲିଙ୍କ ଯାତ୍ରା ଆରମ୍ଭ

କୋରୁକୋଣ୍ଡା,୨୨।୨(ନି.ପ୍ର): କୋରୁକୋଣ୍ଡା ବ୍ଲକର ପ୍ରସିଦ୍ଧ ବଡ଼ଯାତ୍ରା ତଥା ଗ୍ରାମଦେବୀ ମା’ ମାଉଲିଙ୍କ ଯାତ୍ରା ଆରମ୍ଭ ହୋଇଯାଇଛି। ପ୍ରତି ଦୁଇବର୍ଷରେ ଥରେ ଏହି ଯାତ୍ରା ପାଳିତ ହୋଇଥାଏ । କୋରୁକୋଣ୍ଡା ଗ୍ରାମ ନିକଟରେ ଥିବା ଏକ ପାହାଡ଼ ଶିଖରରେ ରୁହନ୍ତି ମା’ ମାଉଲି। ହେଲେ ପ୍ରତି ଦୁଇବର୍ଷରେ ଥରେ ପାହାଡ଼ ଶିଖରରୁ ତଳକୁ ଓହ୍ଲାଇ ଗାଁକୁ ଆସି ଭକ୍ତଙ୍କୁ ଦର୍ଶନ ଦିଅନ୍ତି ମା’ ମାଉଲି । ଚଳିତ ବର୍ଷ ଏହି ବଡ଼ଯାତ୍ରା ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ବୁଧବାର ଦିନ ମା’ ବିଦାୟ ନେବେ ବୋଲି ସ୍ଥିର ହୋଇଛି । ଗତ ଶୁକ୍ରବାର ଦିନ ପାହାଡ଼ ଶିଖରରେ ଥିବା ମା’ଙ୍କ ପୀଠକୁ ପୂଜକ ସହିତ ଅନେକ ଭକ୍ତ ଯାଇ ମା’ଙ୍କ ପୂଜାର୍ଚ୍ଚନା କରିବା ସହିତ ମାଙ୍କୁ ବରଣ କରି ଆଣି ପାହାଡ଼ ପାଦ ଦେଶରେ ଥିବା ଏକ ମଣ୍ଡପରେ ସ୍ଥାପନ



କରିଥିଲେ। ଏହାସହିତ ଅଞ୍ଚଳର ବିଭିନ୍ନ ଗ୍ରାମରେ ପୂଜା ପାଉଥିବା ଗ୍ରାମଦେବୀଙ୍କ ପ୍ରତୀକ ଲାଠି ଏହି ବଡ଼ଯାତ୍ରାରେ ଯୋଗଦେଇଛନ୍ତି। ଆଜି ସନ୍ଧ୍ୟାରେ ବିରାଟ ପଟୁଆରରେ ଉକ୍ତ ମଣ୍ଡପରୁ ବାହାରି କୋରୁକୋଣ୍ଡା ସଦରରେ ଥିବା ଅସ୍ଥାୟୀ ମଣ୍ଡପ ମାଣ୍ଡିଆଭଟ୍ଟାରେ ପହଞ୍ଚିଥିଲେ । ରବିବାର ଦିନତମାମ ମାଣ୍ଡିଆଭଟ୍ଟା ଠାରେ ଭକ୍ତମାନେ ମା’ଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିପାରିବେ। ମାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

# ମାତୃଭାଷାର ପ୍ରଚାର ପ୍ରସାର ଦିଗରେ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ

ରାଉରକେଲା,୨୨।୨(ନି.ପ୍ର):ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଅଧ୍ୟକ୍ଷ ମାୟାଧର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତେ ନିଜ ମାତୃଭାଷାକୁ ଭଲ ପାଇବା ସହ ଏହାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ ଯୋଗଦେଇ ମା’ ଭଳି ମାତୃଭାଷାକୁ ଭଲ ପାଇବା ପାଇଁ ଆହ୍ୱାନ କରିଥିଲେ। ଓଡ଼ିଆ ଅଧ୍ୟାପକ ଶୁଭନାଥ ସା ଓ ହିନ୍ଦି ବିଭାଗ ମୁଖ୍ୟ ନମିତା ସ୍ୱାଇଁ ମାତୃଭାଷା ଦିବସ ପାଳନର ଗୁରୁତ୍ୱ ଏବଂ



ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ସହିତ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ମହାପାତ୍ର, ଡ. ମାନସ କୁମାର ବେହେରା, ମହେନ୍ଦ୍ର ମିଶ୍ର ପ୍ରମୁଖଙ୍କ ସମେତ ଛାତ୍ର ସୌମ୍ୟ ରଞ୍ଜନ ମହାନ୍ତି, ଶୁଭମ ବରୁଅ, ଛାତ୍ରୀ ମାନସୀ ମାଇତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ ଡ. ମାନସ ମୁଖାର୍ଜୀ, ଅଧ୍ୟାପିକା ସୁଚିସ୍ମିତା ମୁଆଲ, ପ୍ରିୟଙ୍କା କଂସାରୀ ପ୍ରମୁଖଙ୍କ ସମେତ ବିଭାଗୀୟ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ଆନ୍ତର୍ଜାତିକ ମାତୃଭାଷା ଦିବସ

ବୋଲଗଡ,୨୨।୨(ନି.ପ୍ର): ବୋଲଗଡ ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଆନ୍ତର୍ଜାତିକ ମାତୃଭାଷା ଦିବସ ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି ବଳଦୁର୍ଗଓଡ଼ିଆଭାଷା ସାହିତ୍ୟ ଗବେଷଣା ପରିଷଦର ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ସମ୍ବାଦ ସାହିତ୍ୟ ଘର ର ସଭାପତି ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟେକ ପରିବାର ଓଡ଼ିଆ ଭାଷା ବ୍ୟବହାର କରିବା ସହ ପିଲାମାନଙ୍କୁ ଓଡ଼ିଆ ରେ କଥାବାର୍ତ୍ତା କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ପୁରେନ୍ଦ୍ର ବେହେରା କୈଳାସ ଚନ୍ଦ୍ର ତ୍ରିପାଠୀ ଫକୀର ମୋହନ ଫତେସିଂ ଭକ୍ତ ବଲ୍ଲଭ



ପଟ୍ଟନାୟକ ଓ ଡାକ୍ତର ଅଚ୍ୟୁତ ସାହୁ ପ୍ରମୁଖ ଯୋଗଦେଇ ସମ୍ପ୍ରତି ଓଡ଼ିଆ ଭାଷା ସଂକଟରେ ଥିବା ପ୍ରକାଶ କରିଥିଲେ। ପ୍ରତ୍ୟେକ ନାଗରିକ ଏଥି ପ୍ରତି ଯତ୍ନବାନ ହୋଇ ସୁରକ୍ଷା ପ୍ରଦାନ କରିବାକୁ ନିବେଦନ କରିଥିଲେ। ପରିଶେଷରେ ସମ୍ପାଦକ ରଘୁନାଥ ଦଳବେହେରା ମାତୃଭାଷାର ବହୁଳ ବ୍ୟବହାର କରିବାକୁ ଆଶା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ବିନିକା,୨୨।୨(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଫୁଲମୁଠି ଗ୍ରାମର ଇଷ୍ଟଦେବୀ ମାଁ ମାହେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନେଇ ସାରା ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆଜି ମହାଆଡମ୍ବର ପୂର୍ଣ୍ଣ ଭାବେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶଙ୍ଖ ଧ୍ୱନି ସହ ଘଣ୍ଟବାଦ୍ୟ ଓ ସଙ୍କୀର୍ତ୍ତନର ତାଳେ ତାଳେ ସହସ୍ରାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ମୁକ୍ତିତିର୍ଥ ପାପକ୍ଷୟ ଘାଟକୁ ପହଞ୍ଚିଥିଲେ। ସେଠାରେ ପୂଜକଙ୍କ ଦ୍ୱାରା ଯଥାରିତ ପୂଜାର୍ଚ୍ଚନା ପରେ ଜଳ ଭର୍ତ୍ତି





ପୂର୍ଣ୍ଣ କଳସ ଧରି ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେଛପରେ ଯଜ୍ଞ ମଣ୍ଡପ ଠାରେ କଳସ ସ୍ଥାପନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବର ମୁଖ୍ୟକର୍ତ୍ତା ଭାବେ ବନବିହାରୀ ମହାକୁର ଓ ତାଙ୍କ ଧର୍ମପତ୍ନୀ ମାଳତୀ ମହାକୁର, ନାମ ଯଜ୍ଞ କର୍ତ୍ତା ଭାବେ ରାଖାଲ ବରିହା ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ବରିହା, ମୁଖ୍ୟ ପୂଜକ ଭାବେ ବାସୁଦେବ ହୋତା, ସହଯୋଗୀ ପୂଜକ ଯୁଧିଷ୍ଟିର ଦାଶ, ମନ୍ଦିର ପୂଜକ ବିଷ୍ଣୁ ପଣ୍ଡା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପ୍ରତିଷ୍ଠା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଥିବା ଜଣାପଡିଛି। ସୂଚନା ଅନୁସାରେ ସପ୍ତାହ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବର ବିଭିନ୍ନ ଦିବସରେ ମଣ୍ଡପ ପ୍ରବେଶ,ସୋଧନ ସପ୍ତକ କିରଣ, ନାମ ଯଜ୍ଞ ଆରମ୍ଭ, ମନ୍ଦିର ନ୍ୟାସ, ଚଣ୍ଡୀ ହୋମ, ମନ୍ଦିର ଅଙ୍ଗପୂଜା, ଦେବୀଙ୍କ ପୀଠ ପ୍ରବେଶ ହେବଛ ସେହିପରି ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ ସକାଶେ ପାରାୟଣ, ପ୍ରବଚନ, ଭଜନ ସନ୍ଧ୍ୟ ଆଦି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

# ବନ୍ଧୁକ ଦେଖାଇ କନିଆଁକୁ ଟେକିନେଲା ଦୁର୍ବୃତ୍ତ, ଶିଶୁପାଳ ହୋଇ ଥାନାରେ ବର

ବଲାଙ୍ଗୀର,୨୨।୨(ନି.ପ୍ର): ବାହାଘର ସରିଲା ନବବଧୁ କୁ ନେଇ ଫେରୁଥିଲା ବରଯାତ୍ରୀ । ଏପଟେ ଭୋଜିଭାତର ଆୟୋଜନ ମଧ୍ୟ ଚାଲିଥିଲା।ହେଲେ ଘରକୁ ପହଞ୍ଚିବା ପୂର୍ବରୁ ଅଧା ବାଟରୁ ନବବଧୂକୁ ଟେକିନେଲେ ଦୁର୍ବୃତ୍ତ।ଏଭଳି ଏକ ଚାଂଚଲ୍ୟକର ଘଟଣା ଘଟିଛି ସୋନପୁର ଜିଲ୍ଲା ତରଭା ସହରରେ । ତରଭାରୁ ନବବଧୂକୁ ଟେକି ନେଇଥିବା ବେଳେ ଏବେ ବର ଶିଶୁପାଳ ହୋଇ ତରଭା ଥାନାରେ ବସିଛି। ମିଳିଥିବା ସୂଚନା ଅନୁସାରେ ବଲାଙ୍ଗିର ସହର କାମାକ୍ଷାନଗରର ରିଙ୍କୁ ପୁଟେଲ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ରଥପଡ଼ାର ସର୍ଜନ ପୁଟେଲଙ୍କ ଝିଅ ରଶ୍ମି ପୁଟେଲଙ୍କ ସହିତ ସାମାଜିକ ରୀତିନୀତି ଅନୁସାରେ ବିବାହ ହୋଇଥିଲା। ଗତ ଶନିବାର ରାତିରେ ଧୁମ୍ ଧାମ ରେ ରୋଷଣୀ ହୋଇ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବିଳମ୍ବିତ ରାତିରେ ନବବଧୂକୁ ନେଇ ତରଭା ରାସ୍ତାରେ ବଲାଙ୍ଗୀର କୁ ଫେରୁଥିବା ସମୟରେ ବଡବନ୍ଧ ନିକଟରେ ୪ରୁ୫ ଜଣ ବନ୍ଧୁକ ଧାରି ଯୁବକ ଗାଡ଼ିକୁ ଅଟକାଇଥିଲେ । ବନ୍ଧୁକ ଦେଖାଇ ନବବଧୂକୁ ଟାଣି ଆଣି ଫେରାର ମାରିଥିଲେ । ପରେ ବନ୍ଧୁକ ଦେଖାଇ ଗାଡିରୁ ନବ ବଧୁକୁ ନେଇ ଯାଇଥିଲେ । ତେବେ ଘଟଣାକୁ ନେଇ ତରଭା ଥାନାରେ ପହଞ୍ଚିଥିଲେ ବରପିଲା। ଅପରପକ୍ଷେ ବଲାଙ୍ଗିର କାମାକ୍ଷା ନଗରରେ ଭୋଜିଭାତର ଆୟୋଜନ ପାଇଁ ପ୍ରସ୍ତୁତି ହେଉଥିଲା । ବନ୍ଧୁ ବାନ୍ଧବଙ୍କ ଆଗମନ ମଧ୍ୟ ହେଉଥିଲା । ବାହାଘରରେ ଚାଲିଥିବା ଏକ ଖୁସିର ମାହୋଲରେ ଏବେ ଯେମିତି ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି । ନ୍ୟାୟ ଅପେକ୍ଷାରେ ପୁଅ ତରଭା ଥାନାରେ ଥିବା ବେଳେ ଏହି ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

# ପ୍ରଶାସନର କଡ଼ା ପଦକ୍ଷେପ: ୪୮ ଘଣ୍ଟାରେ ୨ ଓଭରଲୋଡ ଗାଡ଼ି ଜବତ

କଳିଙ୍ଗନଗର,୨୨।୨(ନି.ପ୍ର): ଶିଳ୍ପାଞ୍ଚଳ କଳିଙ୍ଗନଗରରେ ବଢୁଥିବା ବାଲି ଓଭରଲୋଡ଼ିଂ ଉପରେ ପ୍ରଶାସନ ଶେଷେ କଡ଼ା ପଦକ୍ଷେପ ନେଇଛି। ଲଗାତାର ଚଢ଼ାଉରେ ୪୮ ଘଣ୍ଟାରେ ଦୁଇଟି ବାଲି ଭର୍ତ୍ତି ଓଭରଲୋଡ଼ ଗାଡ଼ି ଜବତ ହେବାରୁ ଗାଡ଼ି ମାଲିକ ମହଲରେ ଚର୍ଚ୍ଚା ଜୋରଦାର ହୋଇଛି। ଶନିବାର ସକାଳ ପ୍ରାୟ ୧୦ଟାରେ ଅଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଯାଜପୁର ପକ୍ଷରୁ ଯଖପୁରା ଥାନା ଅଞ୍ଚଳରେ ଚେକିଂ ସମୟରେ ଓଭରଲୋଡ଼ ବାଲି ବୋଝାଇଥିବା ଦଶଚକିଆ ହାଇବା (ଓଡି-୦୫ ବିଟି-୭୪୫୯)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଡ୍ରାଇଭର ରାୟଲଟି ପର୍ମିଟ (ଟିପି) ଓ ପ୍ରଦୂଷଣ ପ୍ରମାଣପତ୍ର ଦେଖାଇ ପାରିନଥିବା ବେଳେ ଓଭରଲୋଡ଼ ଥିବା ନିଶ୍ଚିତ ହେବା ପରେ ୫୮,୦୨୦ ଟଙ୍କା ଜରିମାନା କାଟାଯାଇଥିଲା। ପରେ ଗାଡ଼ିଟିକୁ ଯଖପୁରା ଥାନାକୁ ହସ୍ତାନ୍ତର କରାଯାଇଥିଲା। ସୂତ୍ର ଅନୁସାରେ ଗାଡ଼ିଟି ଭୁବନେଶ୍ୱରର ଦିଲୀପ କୁମାର ସାହୁଙ୍କ ନାମରେ ରହିଛି। ଏହାର ପରଦିନ ରବିବାର, ଦାନଗଦି ଅଞ୍ଚଳରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଆଉ ଗୋଟିଏ ବାଲି ଓଭରଲୋଡ଼ ଟ୍ରିପର (ଓଆର-୦୯ଏଚ-୪୬୩୩)କୁ ଜବତ କରାଯାଇଥିଲା। ଡ୍ରାଇଭର ରାୟଲଟି ପର୍ମିଟ ଦେଖାଇ ପାରିନଥିବାରୁ ଗାଡ଼ିଟିକୁ ଦାନଗଦି ଫାଣ୍ଡିକୁ ହସ୍ତାନ୍ତର କରାଯାଇଥିଲା। କାଗଜପତ୍ର ଯାଞ୍ଚ ପରେ ଆଗାମୀ ଆଇନ ଅନୁଯାୟୀ କାର୍ଯ୍ୟବାହୀ ଆରମ୍ଭ ହୋଇଛି। ଦୁଇ ଦିନରେ ଦୁଇଟି ଗାଡ଼ି ଧରାପଡ଼ିବା ଘଟଣାକୁ ନେଇ ଅଞ୍ଚଳରେ ଚଢ଼ାଉ ଅଭିଯାନ ଆହୁରି ଜୋରଦାର ହେବାର ସୂଚନା ମିଳୁଛି। ଓଭରଲୋଡ଼ ଯୋଗୁଁ ସଡ଼କ ନଷ୍ଟ ଓ ଦୁର୍ଘଟଣା ଆଶଙ୍କା ବଢୁଥିବାରୁ ସାଧାରଣ ଲୋକ ପକ୍ଷରୁ କଡ଼ା ଯାଞ୍ଚ ଓ ନିୟମିତ ଚଢ଼ାଉ ଦାବି ଜୋରଦାର ହେଉଛି। ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ଯେ, ଆଗାମୀ ଦିନରେ ବାଲି ଓଭରଲୋଡ଼ିଂ ଓ ବେଆଇନ ଉତ୍ତୋଳନ ବିରୋଧରେ ଅଭିଯାନ ଆଉ ତୀବ୍ର ହେବ।

# ଟ୍ରକ ମାଲିକ ସଂଘ ପକ୍ଷରୁ ବନ୍ଧୁମିଳନ

ନିଆଳି,୨୨।୨(ନି.ପ୍ର): ନିଆଳି ବ୍ଲକ ଆମଣାକୁଦ ଶନି ମନ୍ଦିର ପରିସରରେ ମା ଦକ୍ଷିଣକାଳୀ ଟ୍ରକ ମାଲିକ ସଂଘ ତରଫରୁ ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଛି ଏହା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାହନ ଚାଳକ ମହାସଂଘର ମୁଖ୍ୟ ଉପଦେଷ୍ଟା ମାନସ ନାୟକ କୋଷାଧକ୍ଷ ଦୀପକ କୁମାର ନାୟକ ଏବଂ ବରିଷ୍ଠ ସଭ୍ୟ ତଥା ଉପସଭାପତି ରଞ୍ଜନ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ମାଲିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ଏଥିରେ ପିଲିଲ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ଚାରିଛକ, ନିଆଳି



ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଭିନ୍ନ ସୂଚନା ଦେବା ସହ ପ୍ରଶାସନ ତରଫରୁ ଚାଲାଣକୁ ଟ୍ରକ ମାଲିକ ମାନଙ୍କୁ ସୂଚନା ଦେଇଥିଲେ ତାଙ୍କ ଅଭିଭାଷଣ ରେ ଟ୍ରିକ ମାଲିକଙ୍କୁ ପ୍ରଶାସନ ମାଫିଆ ବୋଲି କହୁଥିବା ବେଳେ ପ୍ରକୃତରେ ପ୍ରଶାସନ ମାଫିଆ ବୋଲି କହିବା ସହ ଟ୍ରକ ଉପରେ ଓଭର ଲୋଡ଼ ବାଲି ନ ଦେବାପାଇଁ ଶପଥ କରାଇଥିଲେ ଟ୍ରକ ମାଲିକ ସଂଘର ସଭାପତି ସଲିଲକାନ୍ତ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସତ୍ୟଜିତ ବିଶ୍ୱାଳ (ପୁପା) ସମ୍ପାଦକ ନିହାର ରଞ୍ଜନ ସେଠି, ଯୁଗ୍ମ ସମ୍ପାଦକ ଗଙ୍ଗାଧର ଏବଂ କଣ୍ଟାପଡା ଅଞ୍ଚଳର ମା ଦକ୍ଷିଣକାଳୀ ଟ୍ରକ ମାଲିକ ସଂଘର ଟ୍ରକ ମାଲିକ ମାନେ ଯୋଗ ଦେଇ ନିଜର ସମସ୍ୟା ଉପରେ ଆଲୋଚନା କରିଥିଲେ ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ପ୍ରଧାନ, ବିପିନ କୁମାର ମହାନ୍ତି, ପ୍ରକାଶ ତ୍ରିପାଠୀ, ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରୀତି ରଞ୍ଜନ ମହାପାତ୍ର, ଦେବାଶିଷ ବାରିକ, ଗଦାଧର ସାହୁ, ସୋମ୍ୟ ରଞ୍ଜନ ରାଉତ, ଅଜୟ ରାଉତ, ବିଜୟ ସ୍ୱାଇଁ, ରୋହିତ କୁମାର ସ୍ୱାଇଁ ମହନ୍ତ ବାରିକ ଧୀର ରାଉତଙ୍କ ସହ ସଂଘର ସମସ୍ତଙ୍କର ସହଯୋଗ କରିଥିଲେ।

## ବଲାଙ୍ଗୀର ଟାଉନ୍ ଥାନାରେ ୪ଘଣ୍ଟା ହାଇଡ୍ରାମା

# ପୂର୍ତ୍ତ ବିଭାଗର କର୍ମଚାରୀ-ଠିକାଦାର ମୁହାଁମୁହିଁ

ବଲାଙ୍ଗୀର,୨୨।୨(ନି.ପ୍ର): ବିଲ ଓ ଠିକା କାମକୁ ନେଇ ବଲାଙ୍ଗୀର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗର ମନମାନୀ କାର୍ଯ୍ୟକଳାପକୁ ଠିକାଦାର ପ୍ରେମ ରଞ୍ଜନ ପାଣିଗ୍ରାହୀ ବିରୋଧ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଉତ୍ୟକ୍ତ ଅବସ୍ଥାରେ ଠିକାଦାର ଜଣଙ୍କ କର୍ମଚାରୀ ମାନଙ୍କୁ ଗାଳିଗୁଲଜ କରିଥିବା ଖବର ପାଇ ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା ପହଁଚି ଠିକାଦାରକୁ ଗାଳିଗୁଲଜ କରିବା ସହ ମାଡ ମାରିବାକୁ ଧମକ ଦେଇଥିଲେ। ଏହାକୁ ନେଇ ପୂର୍ତ୍ତବିଭାଗ କାର୍ଯ୍ୟାଳୟରେ ମହାଭାରତ ସୃଷ୍ଟି ହୋଇଥିଲା । ଶହଶହ ଠିକାଦାର ପୂର୍ତ୍ତ ବିଭାଗର କାର୍ଯ୍ୟାଳୟରେ ଏକତ୍ରିତ ହୋଇ ହୋହାଲ୍ଲା କରିଥିଲେ । ଠିକାଦାର ପ୍ରେମ ରଞ୍ଜନ ପାଣିଗ୍ରାହୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଜାତିଆଣ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଅଧିକ୍ଷଣ ଯନ୍ତ୍ରୀ ଓ କର୍ମଚାରୀ ମାନେ ବଲାଙ୍ଗୀର ଟାଉନ୍ ଥାନାରେ ପହଁଚି ସମ୍ପୃକ୍ତ ଠିକାଦାର ନାଁରେ ଏତଲା ଦେଇଥିଲେ । ଯାହାର ପ୍ରତିବାଦରେ ଶତାଧିକ ଠିକାଦାର ଟାଉନ୍ ଥାନାରେ ପହଞ୍ଚି ହୋହାଲ୍ଲା କରିଥିଲେ । ଟାଉନ୍ ଥାନା ପରିସରରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରି ଉଭୟ ପକ୍ଷ ପାଟିତୁଣ୍ଡ କରିଥିଲେ କିଛି ଘଣ୍ଟା ଧରି ରଣକ୍ଷେତ୍ରରେ ପରିଣତ ହୋଇଥିଲା ଟାଉନ୍ ଥାନା। ପାଖାପାଖି ୩ରୁ ୪ଘଣ୍ଟା ଧରି ଉତେଜନା ଲାଗି ରହିଥିଲା । ପରିସ୍ଥିତି ଅଣାୟତ ହେବାରୁ ପୂର୍ତ୍ତବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଟାଉନ୍ ଥାନା ପୋଲିସ ସୁରକ୍ଷା ଦୃଷ୍ଟିରୁ ଥାନା ଭିତରକୁ ନେଇ ଯାଇଥିଲା । ଠିକାଦାର ମାନେ ଥାନା ବାହାରେ ରହି ହୋହାଲ୍ଲା କରିଥିଲେ । ବଲାଙ୍ଗୀର ଏସଡିପିଓ ସରୋଜ ଉପାଧ୍ୟାୟ ଟାଉନ୍ ଥାନାରେ ପହଞ୍ଚି ଉଭୟ ପକ୍ଷଙ୍କ ସହ ଘଟଣା ନେଇ ଆଲୋଚନା କରିବା ପରେ ତଦନ୍ତ ଆରମ୍ଭ କରିଛନ୍ତି । ଟାଉନ୍ ପୋଲିସ ପୂର୍ତ୍ତ ବିଭାଗର ସିସିଟିଭି ଫୁଟେଜ୍ ଜବତ କରି ତଦନ୍ତ ଆରମ୍ଭ କରିଛି । ଉଭୟ ପକ୍ଷ ନିଜ ଜିଦରେ ଅଟଳ ରହିଛନ୍ତି । କିଏ କାହା ଭୁଲ ସ୍ୱୀକାର କରିବାକୁ ରାଜି ନ ହେବାରୁ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ସୂଚନା ଦେଇଛନ୍ତି ବଲାଙ୍ଗୀର ଏସଡିପିଓ। ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ୟାର ସମାଧାନ କରିବାକୁ ଉଭୟ ପକ୍ଷକୁ ପରାମର୍ଶ ଦେଇ ଛାଡି ଦେଇଛି ଟାଉନ୍ ଥାନା ପୋଲିସ ନଚେତ୍ ଉଭୟ ପକ୍ଷର ଭୁଲ ରହିଥିବାରୁ ଉଭୟ ପକ୍ଷ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ବଲାଙ୍ଗୀର ଏସଡିପିଓ ସରୋଜ ଉପାଧ୍ୟାୟ । ପରେ ଉଭୟ ପକ୍ଷ ଆଲୋଚନା କରି ସମାଧାନ ହୋଇଯାଇଥିଲା।

## ‘ଅପରେସନ ସାଇବର କବଚ’ର ନବମ ଦିନ

# ୨୦୬୭ ବେନାମୀ ଆକାଉଣ୍ଟ ଯାଞ୍ଚ, ୧୪୬ ଅଭିଯୁକ୍ତ ଗିରଫ

କଟକ,୨୨।୨(ନି.ପ୍ର): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ‘ଅପରେସନ ସାଇବର କବଚ’ ଯୋରଦାର ଭାବେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ବିଶେଷ ଅଭିଯାନକୁ ରାଜ୍ୟ ସାରା ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲା ଏସପି ଓ ଡିଏସପି ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ ୟୁନିଟମାନଙ୍କ ଦ୍ୱାରା ଏହି ଅଭିଯାନ ପରିଚାଳିତ ହେଉଛି । ସମଗ୍ର କାର୍ଯ୍ୟକ୍ରମକୁ ସାଇବର କ୍ରାଇମ ୟୁନିଟ ଓ ସିଆଇଡ଼ି କ୍ରାଇମବ୍ରାଞ୍ଚ ସମନ୍ୱୟ କରୁଛି। ସାଇବର ଅପରାଧିଙ୍କ ଆର୍ଥିକ ଢ଼ାଞ୍ଚାକୁ ସମୂଳେ ଧ୍ୱଂସ କରିବା ହେଉଛି ଅପରେସନ ସାଇବର କବଚର ମୁଖ୍ୟ ଲକ୍ଷ୍ୟ । ଏପର୍ଯ୍ୟନ୍ତ ଅପରେସନ ସାଇବର କବଚ ଅଧୀନରେ ସମଗ୍ର ରାଜ୍ୟରେ ମୋଟ ୨୦୬୭ଟି ମ୍ୟୁଲ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ୍ କରାଯାଇଛି । ଏହା ସହ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସଂପର୍କିତ ୧୬୬ଟି ସାଇବର ମାମଲା, ଚେକ ଉଠାଣ ସଂପର୍କିତ ୭ଟି ମାମଲା ଏବଂ ନକଲି ସିମ ସଂପର୍କିତ ୭ଟି ମାମଲା ରୁଜୁ ହୋଇଛି । ଏହି ସମସ୍ତ ମାମଲାରେ ମୋଟ ୧୪୬ଜଣ ଅଭିଯୁକ୍ତ ଗିରଫ ହୋଇଥିବା ସହ ୬୦୯ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଣ୍ଟ ଧାରୀଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି । ଏହି ଅଭିଯାନରେ ଜଗତସିଂହପୁର ଜିଲ୍ଲା ପୋଲିସ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ୍ କରି ୧ଟି ସାଇବର ମାମଲା ରୁଜୁ କରିଚି । ଯାଜପୁର ଜିଲ୍ଲା ପୋଲିସ ୪୭ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ନୋଟିସ ଜାରି କରିଛି । କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୭୧ଟି ଆକାଉଣ୍ଟ ଯାଞ୍ଚ୍ କରି ୯ଟି ମାମଲା ରୁଜୁ କରି ୪୯ଜଣକୁ ନୋଟିସ ଜାରି କରିଛି । ଖୋର୍ଦ୍ଧା ଜିଲ୍ଲା ପୋଲିସ ୩୫ଟି ଆକାଉଣ୍ଟ ଯାଂଚ କରି ୩ଟି ମାମଲା ରୁଜୁ କରି ୨ଜଣକୁ ନୋଟିସ ଜାରି କରିଛି । ଯାଜପୁର ଜିଲ୍ଲା ପୋଲିସ ୪୭ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ନୋଟିସ ଜାରି କରିଛି । ନୟାଗଡ଼ ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ୍ କରି ପୁରୁଣା ମାମଲାରେ ୫ ଜଣକୁ ନୋଟିସ ଜାରି କରିଛି । ସେହିପରି ଝାରସୁଗୁଡ଼ା ପୋଲିସ ୩ଟି ଆକାଉଣ୍ଟ ଯାଞ୍ଚ୍ କରି ୧ଟି ମାମଲା ରୁଜୁ କରି ୩ ଜଣକୁ ନୋଟିସ ଜାରି କରିଛି । ସମ୍ବଲପୁର ଜିଲ୍ଲା ପୋଲିସ ୫୧ଟି ଆକାଉଣ୍ଟ ଯାଂଚ କରି ୧୪ଟି ମାମଲା ରୁଜୁ କରି ୧୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସହ ୩୮ଜଣକୁ ନୋଟିସ ଜାରି କରିଛି । କେନ୍ଦୁଝର ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଂଚ କରି ୭ଟି ମାମଲା ରୁଜୁ କରି ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୬ଜଣକୁ ନୋଟିସ ଜାରି କରିଛି । ରାଉରକେଲା ଜିଲ୍ଲା ପୋଲିସ ୬୨ଟି ଆକାଉଣ୍ଟ ଯାଂଚ କରି ୪ଟି ମାମଲା ରୁଜୁ କରି ୨ ଜଣକୁ ନୋଟିସ ଜାରି କରିଛି । ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୪୪ଟି ଆକାଉଣ୍ଟ ଯାଞ୍ଚ୍ କରି ୨ଟି ମାମଲା ରୁଜୁ କରି ୩ଜଣକୁ ନୋଟିସ ଜାରି କରିଛି । ବାଲେଶ୍ୱର ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଞ୍ଚ୍ କରି ୩ଟି ମାମଲା ରୁଜୁ କରି ୧୦ଜଣକୁ ନୋଟିସ ଜାରି କରିଛି । ଭଦ୍ରକ ଜିଲ୍ଲା ପୋଲିସ ୧୪ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ନୋଟିସ ଜାରି କରିଛି । ମୟୁରଭଞ୍ଜ ଜିଲ୍ଲା ପୋଲିସ ୪୩ଟି ଆକାଉଣ୍ଟ ଯାଞ୍ଚ୍ କରି ୯ଟି ମାମଲା ରୁଜୁ କରି ୪୩ଜଣକୁ ନୋଟିସ ଜାରି କରିଛି । ଏହା ସହ ଗଜପତି ଜିଲ୍ଲା ପୋଲିସ ୩ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରିଛି । ଗଂଜାମ ଜିଲ୍ଲା ପୋଲିସ ୨୫ଟି ଆକାଉଣ୍ଟ ଯାଂଚ କରି ୫ଟି ମାମଲା ରୁଜୁ କରି ୧୦ ଜଣକୁ ନୋଟିସ ଜାରି କରିଛି । କଳାହାଣ୍ଡି ଜିଲ୍ଲା ପୋଲିସ ୨୯ଟି ଆକାଉଣ୍ଟ ଯାଞ୍ଚ୍ କରି ୧ଟି ମାମଲା ରୁଜୁ କରି ୧ଜଣକୁ ଗିରଫ କରିବା ସହ ୧୮ ଜଣକୁ ନୋଟିସ ଜାରି କରିଛି । କୋରାପୁଟ ଜିଲ୍ଲା ପୋଲିସ ୧୨ଟି ଆକାଉଣ୍ଟ ଯାଂଚ କରି ୨ଟି ମାମଲା ରୁଜୁ କରି ୫ଜଣକୁ ନୋଟିସ ଜାରି କରିଛି । ମାଲକାନାଗିରି ଜିଲ୍ଲା ପୋଲିସ ୫୨ଟି ଆକାଉଣ୍ଟ ଯାଂଚ କରି ୩ଟି ମାମଲା ରୁଜୁ କରିଛି। ଏହା ସହିତ କଟକ (ୟୁପିଡ଼ି) ଜିଲ୍ଲା ପୋଲିସ ୨ଟି ଆକାଉଣ୍ଟ ଯାଞ୍ଚ୍ କରି ୨ ଜଣକୁ ନୋଟିସ ଜାରି କରିଛି । ବ୍ରହ୍ମପୁର ପୋଲିସ ୮ଟି ଆକାଉଣ୍ଟ ଯାଂଚ କରି ୮ ଜଣକୁ ନୋଟିସ ଜାରି କରିଛି । ବୌଦ୍ଧ ପୋଲିସ ୨ଟି ଆକାଉଣ୍ଟ ଯାଞ୍ଚ୍ କରି ୩ ଜଣକୁ ନୋଟିସ ଜାରି କରିଛି । କନ୍ଧମାଳ ପୋଲିସ ୬ଟି ଆକାଉଣ୍ଟ ଯାଂଚ କରି ୪୩ ଜଣକୁ ନୋଟିସ ଜାରି କରିଛି । ନବରଙ୍ଗପୁର ପୋଲିସ ୭ଟି ଆକାଉଣ୍ଟ ଯାଞ୍ଚ୍ କରି ୩ ଜଣକୁ ନୋଟିସ ଜାରି କରିଛି । ଏହା ସହ କଟକ ଜିଲ୍ଲା ପୋଲିସ ୨୩ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ୍ କରିଛି । ପୁରୀ ଜିଲ୍ଲା ପୋଲିସ ୧୦ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ୍ କରିଛି । ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୨ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ୍ କରିଛି । ଅନୁଗୁଳ ଜିଲ୍ଲା ପୋଲିସ ୪ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ୍ କରିଛି । ଦେବଗଡ଼ ଜିଲ୍ଲା ପୋଲିସ ୧୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ୍ କରିଛି । ଢେଙ୍କାନାଳ ଜିଲ୍ଲା ପୋଲିସ ୧୧ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ରାୟଗଡ଼ା ଜିଲ୍ଲା ପୋଲିସ ୧ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି ।

## ତୀର୍ଥସାଥୀ ବସ୍‌କୁ ନେଇ ଉଠିଲା ପ୍ରଶ୍ନ
# ଯାତାୟତ ନିୟମ ଉଲ୍ଲଙ୍ଘନ ଅଭିଯୋଗ



କରଞ୍ଜିଆ,୨୨।୨(ନି.ପ୍ର): କରଞ୍ଜିଆ ଠାରେ ଏକ ପରିଚିତ ଶିକ୍ଷାନୁଷ୍ଠାନ 'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର'କୁ ନେଇ ଅଭିଯୋଗ ଆସିଛି । ସ୍କୁଲ ବସ୍ 'ତୀର୍ଥ ସାଥୀ'ରେ ଗୁରୁତର ଅବହେଳା ପରିଲକ୍ଷିତ ହୋଇଛି। ବସ୍‌ର ନମ୍ବର ପ୍ଲେଟ ନାହିଁ, ଯାହା ଯାତାୟତ ନିୟମିତ ସ୍ପଷ୍ଟ ଉଲ୍ଲଙ୍ଘନ । ବସ୍‌ରେ ଥିବା ଜରୁରୀକାଳୀନ ଦ୍ୱାର କେବଳ ଜାଲି ଦ୍ୱାରା ଆବୃତ୍ତ ହୋଇଛି । ଅନ୍ୟପଟେ କେତେକ ଝରକା କାଚ ସମ୍ପୂର୍ଣ୍ଣ ଖୋଲା ରହୁଥିବାରୁ ପିଲାମାନେ ମୁଣ୍ଡ ବାହାର କରି ବସୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଯାହା ଯେ କୌଣସି ସମୟରେ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ । ଏନେଇ ପିଲାଙ୍କ ମାତାପିତାଙ୍କ ପକ୍ଷରୁ ଅଭିଯୋଗ ମଧ୍ୟ ଆସୁଛି । ଏପରି ଅବ୍ୟବସ୍ଥା ଯାତାୟତ ବିଭାଗର ନିୟମାବଳୀର ଖିଲାପ ଅଟେ । ଏ ବିଷୟକୁ ନେଇ ଦୈନିକ ଓଡିଆ ଖବରକାଗଜ 'ପ୍ରତିଦିନ'ର କରଞ୍ଜିଆ ପ୍ରତିନିଧି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ସହ କଥା ହେବାକୁ ସେ ଉକ୍ତ ବିଷୟକୁ ଗୁରୁତର ସହ ନେଇ ଭୁଲଟିକୁ ସ୍ୱୀକାର କରିବା ସହ ଯଥାଶୀଘ୍ର ସଂଶୋଧନ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## କେନ୍ଦୁଝର ତୁଳସୀପୁରରେ 'ମାଗେ ପରବ' ଉଦ୍‌ଯାପିତ
# ଭାରତକୁ ବିଶ୍ୱରେ ସର୍ବଶ୍ରେଷ୍ଠ କରିବାରେ ଜନଜାତିଙ୍କ ଭୂମିକା ପ୍ରମୁଖ

କେନ୍ଦୁଝର,୨୨।୨(ନି.ପ୍ର): କେନ୍ଦୁଝର ପୌରପାଳିକ ଅନ୍ତର୍ଗତ ତୁଳସୀପୁର ଠାରେ ଦେଶାଉଲି ସେବା ଟ୍ରଷ୍ଟ ପକ୍ଷରୁ ମାଗେ ପରବ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ବ୍ରଜ କିଶୋର ରାୟ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏସ୍‌ଡିସି ଚେୟାରମ୍ୟାନ ରାମରାଇ ମୁନ୍ଦୀୟା, ସମ୍ମାନୀତ ଅତିଥି ଭାବେ ବିଜେପି ନେତା ଅଜୟ ପାତ୍ର, ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା, ବଲକୃଷ୍ଣ ହୋ, ସତ୍ୟ ଲାଗୁରି, ସଞ୍ଜୟ ଜାମୁଦା ପ୍ରମୁଖ ଯୋଗ ଦେଇ ଏହି ମାଗେ ପରବର ପରମ୍ପରା ଏବଂ ବିଶେଷତ୍ୱ ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ପାରମ୍ପରିକ ବାଦ୍ୟ ବଜାଇ ନାଚି ନାଚି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ଦେଶାଉଲି ସେବା ଟ୍ରଷ୍ଟର



କର୍ମକର୍ତ୍ତା ତଥା ହୋ ସମ୍ପ୍ରଦାୟର ଭାଇଭଉଣୀ । ମୁଖ୍ୟଅତିଥି ବିଶିଷ୍ଟ ସାମ୍ବାଦିକ ବ୍ରଜ କିଶୋର ରାୟ ନିଜ ବକ୍ତବ୍ୟରେ କହିଥିଲେ ଯେ, ଜନଜାତି ବର୍ଗ ଆଉ ପଛେଇ ରହିବେ ନାହିଁ, ଭାରତକୁ ବିଶ୍ୱରେ ସର୍ବଶ୍ରେଷ୍ଠ କରିବାରେ ଜନଜାତିଙ୍କ ଭୂମିକା ପ୍ରମୁଖ ରହିଛି । କାରଣ ଏବେ ଜନଜାତିର ଜଣେ ଝିଅ ଆଜି ରାଷ୍ଟ୍ରପତି ଭାବେ ଭାରତର ନେତୃତ୍ୱ ଦେଉଛନ୍ତି । ସେହିଭଳି ଆଉଜଣେ ଜନଜାତିର ପୁଅ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇ ଓଡିଶାବାସୀଙ୍କ ସେବକ ଭାବେ କାର୍ଯ୍ୟ କରୁଛନ୍ତି । ମୁଖ୍ୟବକ୍ତା ପୂର୍ବତନ ଏସଡିସି ଚେୟାରମ୍ୟାନ ରାମରାଉ ମୁନ୍ଦୀୟା କହିଥିଲେ ହୋ ଭାଷାକୁ ସରକାରଙ୍କ ମାନ୍ୟତା ପାଇଁ ଦେଶର ଗୃହମନ୍ତ୍ରୀ ଅମିତ ସାହାଙ୍କ ନିର୍ଦ୍ଦେଶ କ୍ରମେ ଏକ କମିଟି ଗଠନ ହୋଇଛି, ଯାହା ଏହି ଭାଷାକୁ ମାନ୍ୟତା ପାଇବାର ଆଶାକୁ ଆଲୋକିତ କରିଛି। ଏଣୁ ହୋ ସମ୍ପ୍ରଦାୟର ଭାଇ ଭଉଣୀମାନେ ନିଶ୍ଚିତ ତାଙ୍କର ସମ୍ମାନ ପାଇବେ । ଏହି ପରମ୍ପରା ତଥା ସଂସ୍କୃତିକୁ ଉଦ୍‌ଜୀବିତ କରି ରଖିବା ଆମ ସମସ୍ତଙ୍କର ଦାୟିତାବ ରହିବା ଆବଶ୍ୟକ ବୋଲି କହିଥିଲେ । ପରିଶେଷରେ ଉପସ୍ଥିତ ହୋ ସମ୍ପ୍ରଦାୟର ଭାଇଭଉଣୀମାନଙ୍କ ସହିତ ପାରମ୍ପରିକ ନୃତ୍ୟ ସହିତ ଉତ୍ସବର ଆନନ୍ଦ ନେଇଥିଲେ ଅତିଥିମାନେ । ଏହି ଉତ୍ସବରେ ଦେଶାଉଲି ସେବାଟ୍ରଷ୍ଟର ସଭାପତି ରାଜକିଶୋର ସୁମୁରାଇ, ରମେଶ ମୁଣ୍ଡା, ଗୁରୁ ମହାନ୍ତ, ପ୍ରଳୟ ଦାସ, କିଶୋର ମୁଣ୍ଡା, ତୁତୀ ମୁଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ସହଯୋଗୀ ଭାବେ କିଶୋର ପଟ୍ଟନାୟକ, ଫକୀର ମୁଣ୍ଡା, ମଧୁ ମୁଣ୍ଡା, ଟୁନୁ ମୁଣ୍ଡା, ତଥା ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାସ୍ତା ମରାମତି ନାଁ ଧରୁନି ପୂର୍ତ୍ତ ବିଭାଗ



ସାହାରପଡା,୨୨।୨(ନି.ପ୍ର): ସାହାରପଡା ଠାରୁ ଉଦୟପୁର ଦେଇ କେନ୍ଦୁଝର ଯାଉଥିବା ପୂର୍ତ୍ତ ବିଭାଗ ରାସ୍ତାଟି ୩ ବର୍ଷ ହେଲା ନିର୍ମାଣ ଚାଲିଥିବା ବେଳେ ରାସ୍ତା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ନାଁ ଧରୁନି ଠିକାଦାର । ଏନେଇ ଅଂଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସାହାରପଡା ଓ ପାଟଣା ବ୍ଲକର ଅଧିବାସୀମାନେ ଜିଲ୍ଲା ସଦର ମହକୁମାକୁ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଦୟପୁର ଠାରୁ ବୈତରଣୀ ନଦୀ ପର୍ଯ୍ୟନ୍ତ ୧କି.ମି. ରାସ୍ତାର ପିଚୁକୁ ଖୋଲି ଦେଇ ଠିକା ସଂସ୍ଥା ୩ ମାସ ହେବ କୁଆଡେ ଯାଇଛି ଯେ, ଗେଟି ସବୁ ରାସ୍ତା ଉପରେ ବିଛାଇ ହୋଇ ପଡିରହିଛି । ଫଳରେ ସେହି ରାସ୍ତାରେ ଯାନବାହାନ ଚାଲିବା କଷ୍ଟକର ହୋଇପଡିଛି । ଏପରିକି ଏନେକ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳିଛି । ସେହିପରି ବୈଦରଣୀ ଉଦୟପୁର ବୈତରଣୀ ବ୍ରିଜ ପରେ ପଟାସ ଜଙ୍ଗଲ ନିକଟରେ ଅଳ୍ପ ରାସ୍ତା କାମକୁ ଶ୍ରୀଦୁର୍ଗା କନଷ୍ଟ୍ରକସନ୍ ନାମକ ଠିକା ସଂସ୍ଥା ୩ ବର୍ଷ ହେବ ଅଧାରୁ କାମ ଛାଡି ଚାଲିଯାଇଛି । ସେଥିପାଇଁ ମଧ୍ୟ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ସ୍ଥାନକୁ ବ୍ୟକ୍ତିଗତ ଜମି ଦର୍ଶାଇ ଠିକା ସଂସ୍ଥା ଚାଲିଯାଇଥିବା ଜଣାପଡିଛି । ଯଥାଶୀଘ୍ର ଏହି ରାସ୍ତାଟି ମରାମତି କରି ସମ୍ପୂର୍ଣ୍ଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ବଦଳିଲା ସ୍ୱର, ଲିଖିତ କ୍ଷମାପତ୍ର ଜାରି



'ପ୍ରତିଦିନ'ର ପ୍ରଭାବ

କରଞ୍ଜିଆ,୨୨।୨(ନି.ପ୍ର): କରଞ୍ଜିଆ ସ୍ଥିତ ମୁଖ୍ୟ ଚିକିତ୍ସାଳୟର ଆଭ୍ୟନ୍ତର ।ଣ ପ୍ରାଙ୍ଗଣରେ ସଞ୍ଚିତ ବହୁ ପରିମାଣର ବର୍ଜ୍ୟ ପଦାର୍ଥ ଡେରାରେ ଅଗ୍ନିକାଣ୍ଡ ଘଟି ତୀବ୍ର ଧୂଆଁ ଓ ଗ୍ୟାସ୍ ସୃଷ୍ଟି ହେବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣା ସମ୍ପର୍କରେ ସୂଚନା ପାଇ ଦୈନିକ ଓଡିଆ ଖବର କାଗଜ 'ପ୍ରତିଦିନ'ର କରଞ୍ଜିଆ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରୁଥିବା ବେଳେ ସେଠାରେ ଦାୟିତ୍ୱରେ ଥିବା ସୁପରଭାଇଜର ଧନେଶ୍ୱର ମହାନ୍ତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଗତ ୨୦ ତାରିଖରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ମାହୋଲରେ ଚଞ୍ଚଳଥା ଦେଖାଦେଇଥିଲା । ଘଟଣାକୁ ଗୁରୁତ୍ୱ ସହକାରେ ଗ୍ରହଣ କରି କରଞ୍ଜିଆ ଏସ୍‌ଡିଏମ୍‌ଓ ନଗେନ୍ଦ୍ର ମହାପାତ୍ର ପଦକ୍ଷେପ ଗ୍ରହଣ କରିଥିଲେ । ଉକ୍ତ ଖବର ପ୍ରକାଶ ପରେ ଏସ୍‌ଡିଏମ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଡା. ଅନିତା ସିଂଙ୍କ ଅଧ୍ୟକ୍ଷତାରେ ଚିକିତ୍ସାଳୟ ପ୍ରାଙ୍ଗଣରେ ଏକ ମିଳିତ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ମ୍ୟାନେଜର ଲିପ୍ସା ମହାପାତ୍ର, ମୁଖ୍ୟ ନର୍ସ ଅହଲ୍ୟା ରାଉତଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଲୋଚନା ପରେ ସୁପରଭାଇଜର ଶ୍ରୀ ଧନେଶ୍ୱର ମହାନ୍ତ ନିଜ ଆଚରଣ ପାଇଁ ଲିଖିତ ଭାବେ କ୍ଷମାପତ୍ର ପ୍ରଦାନ କରି ନିଜର ଭୁଲ ପାଇଁ ସାମ୍ବାଦିକଙ୍କୁ ଦୁଃଖ ପ୍ରକାଶ କରିଥଲେ ଏବଂ ଭବିଷ୍ୟତରେ ଏପରି ଘଟଣା ପୁନର୍ବାର ହେବନାହିଁ ବୋଲି ନିଶ୍ଚିତ କରିଥିଲେ । ଜଣେ ସାମ୍ବାଦିକଙ୍କ ସ୍ୱାଭିମାନ ଓ ଗାରିମା ରକ୍ଷା ପାଇଁ ଚିକିତ୍ସାଳୟ ପ୍ରଶାସନଙ୍କ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି । ସାମ୍ବାଦିକ ମହଲରେ ମଧ୍ୟ ଏହାକୁ ସ୍ୱାଗତ କରାଯାଇଥିଲା। ଭବିଷ୍ୟତରେ ସମ୍ବାଦ ସଂଗ୍ରହ ସମୟରେ ସୁରକ୍ଷା ଓ ସମ୍ମାନ ନିଶ୍ଚିତ କରିବାକୁ ଦାବି ଜୋରଦାର ହୋଇଛି।

# କେନ୍ଦେଇପଶିରେ ଭବ୍ୟ ହିନ୍ଦୁ ସମ୍ମିଳନୀ

ପାଟଣା,୨୨।୨(ନି.ପ୍ର): ସନାତନ ଧର୍ମ, ସଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ ହିନ୍ଦୁ ସମ୍ମିଳନୀ ପାଟଣଆ ଖଣ୍ଡର କେନ୍ଦେଇପଶି ମଣ୍ଡଳରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ କେନ୍ଦୁଝର ନଗର କାର୍ଯ୍ୟବାହ ପୂଜନ, ଗାୟତ୍ରୀ ଯଜ୍ଞ ସହ ପୂଜକଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା । ଅଖିଳାନନ୍ଦ ମହାନ୍ତ ମଞ୍ଚ ପରିଚାଳନମା କରିଥିବା ବେଳେ ସଞ୍ଜୀବ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମଣ୍ଡଳ ଆୟୋଜକ ସମିତି ସଭାପତି ମନୋରମା ପ୍ରଧାନ, ସମ୍ପାଦକ



ଦୟାନିଧି ମହାନ୍ତ, ସମ୍ମାନୀତ ଅତିଥି ଭାବେ ପାଟଣା ଉପଖଣ୍ଡ ସଂଘ ଚାଳକ କାଳୀଚରଣ ମହାନ୍ତ, ରାଜ୍ୟ କିଷାନ ସଂଘ ସମ୍ପାଦକ ପ୍ରଦୀପ କୁମାର ମହାନ୍ତ, ଲକ୍ଷ୍ମୀଧର ନାଏକ, ରତ୍ନାକର ନାଏକ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ଭେଦଭାବ ଭୁଲି ଏକତ୍ରିତ ହେବାପାଇଁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ତୁଳସୀ ପଲ୍ଲବ୍ଜନ, କନ୍ୟା ବ୍ରହ୍ମାନନ୍ଦ ସାହୁ, କୋଷାଧ୍ୟକ୍ଷ ମିତ୍ରଭାନୁ ନାଏକ, ଜେମାମଣି ନାଏକ, ମାଳତୀ ବେହେରା, ସତ୍ୟାନନ୍ଦ ବେହେରା, ସସ୍ମିତା ବାରିକ, ହୃଦାନନ୍ଦ ମହାନ୍ତ, ଗୌରାଙ୍ଗ ଗାରଡିଆ, ରବିନ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। କେନ୍ଦେଇପଶି, ମୁରୁସୁଆଁ, ଟାକୁଣ୍ଡାପାଳ ପଂଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିବା ବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ମା' ମହାପାଟ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ରାମଚନ୍ଦ୍ରପୁର,୨୨।୨(ନି.ପ୍ର): ଘଷିପୁରା ବ୍ଲକ ଗଁପୁର ପଂଚାୟତ ବରାଙ୍ଗ ମା'ମହାପାଟ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆଜି ଠାରୁ ମହା ସମାରୋହରେ ପାଳନ କରାଯାଉଅଛି । ଶତାଧିକ ଶ୍ରଦ୍ଧାଳୁ ଗାଁ ପୁଷ୍କରିଣୀରୁ କଳସ ପୂଜନ କରିବା ପରେ ବରୁଣଦେବଙ୍କୁ ଆବାହନ କରି ଦୀର୍ଘ ପଥ ଅତିକ୍ରମ କରି ମା'ଙ୍କ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ । ଆଚାର୍ଯ୍ୟ ପଣ୍ଡିତ ସମିର ତ୍ରିପାଠୀ ଏବଂ ସାଥି ବୈଦିକ ଦେବମନ୍ତ୍ର ପଠନ କରି ମା'ଙ୍କ ପୀଠକୁ ଭକ୍ତିମୟ ପରିବେଶରେ ପରିଣତ କରିଛନ୍ତି। ମୁଖ୍ୟ କର୍ତ୍ତା ଭାବେ ଗ୍ରାମର ଶ୍ରଦ୍ଧାଳୁ ଦିଲ୍ଲୀପ ଜେନା ଏବଂ ତାଙ୍କ ପତ୍ନୀ ଜ୍ୟୋସ୍ନାରାଣୀ ଜେନା ନିଷ୍ଠାର ସହ ଉପବାସ ବ୍ରତ ରଖି ପୂଜାକାର୍ଯ୍ୟ ସମ୍ପାଦନ କରିବା ସହ ଗ୍ରାମର ମଙ୍ଗଳ କାମନା କରିଛନ୍ତି । ମା'ଙ୍କ ଆଦ୍ୟ ଦେହୁରୀ ସେବକ ମା'ଙ୍କ ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି । ଷୋଡଶପୋଚାର ପୂଜା, ଗୁରୁପୂଜା, ଗୋପୂଜା ପରେ ରତ୍ନମୂଦ କାର୍ଯ୍ୟ ସମ୍ପନ୍ନ ହେବା ପରେ ଦେବୀଙ୍କୁ ସ୍ନାନ କରାଯାଇ ମନ୍ଦିର ପ୍ରତିଷ୍ଠା ପାଇଁ ହୋମଯଜ୍ଞ ଆରମ୍ଭ କରାଯାଇଛି । ଐତିହ୍ୟ ଗ୍ରାମ ବରାଙ୍ଗର ଅଧିଷ୍ଠାତ୍ରୀ ଦେବୀ ଭାବେ ମା'ମହାପାଟ ଠାକୁରାଣୀ ଶହ ଶହ ବର୍ଷ ତଳୁ ପୂଜା ପାଇ ଆସୁଥିଲେ ମଧ୍ୟ ସମୟ କ୍ରମେ ରାଜା ରାଜୁଡା ଶାସନ ଅପସରି ଯିବାପରେ ମା'ଙ୍କ ପୀଠ ଅବହେଳିତ ହୋଇ ପଡି ରହିଥିଲା ।

ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଏବଂ ସମାଜସେବୀ ତାପସ ଲେଙ୍କାଙ୍କ ଉଦ୍ୟମ ଯୋଗୁଁ ମା'ଙ୍କ ପୀଠ ପୁଣି ନୂଆ ରୂପରେ ସଜେଇ ହୋଇଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ସହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହେଉଅଛି। ପୂଜା କାର୍ଯ୍ୟକ୍ରମରେ ଗ୍ରାମର ଶ୍ରଦ୍ଧାଳୁ ଆଦିକନ୍ଦ ଜେନା, ଆନନ୍ଦ ଜେନା, ମିତ୍ର ନାରାୟଣ ଜେନା, ପ୍ରତାପ ଜେନା, ମଦନ ମୋହନ ଜେନା, ବାବୁଲି ରାଉତ, ଲଳିତ ଜେନା, ତାପସ ଜେନା, ଅଲେଖ ଜେନାଙ୍କ ସମେତ ଗ୍ରାମର ଆବାଳ ବୃଦ୍ଧ ବନିତା ସକ୍ରିୟ ସହଯୋଗ କରୁଛନ୍ତି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଓଡ଼ାପଡ଼ା,୨୨।୨(ନି.ପ୍ର): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗୁଡିଆକାଟେଣି ଛକ ସ୍ଥିତ ଚୌଧୁରୀମଲ୍‌ରେ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ରେ ମୂଖ୍ୟ ଅତିଥି ରୂପେ ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ସମ୍ମାନୀତ ଅତିଥି ରୂପେ ବଳରାମପ୍ରସାଦ ପଞ୍ଚାୟତ ସରପଞ୍ଚ କାଞ୍ଚନବାଳା ରାଉତ ଶିକ୍ଷାବିତ ରବିନାରାୟଣ ମିଶ୍ର, ସମାଜସେବୀ ହେମନ୍ତ କୁମାର ପାଣିଗ୍ରାହୀ, ଚନ୍ଦ୍ର ଶେଖର ସାହୁ, ପ୍ରଦିପ କୁମାର ସାମଲ, ପ୍ରତାପ ଚନ୍ଦ୍ର ନନ୍ଦ, ଓଡ଼ାପଡ଼ା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ବେହେରା, ତ୍ରିଲୋଚନ ପାଳ ପ୍ରମୁଖ ଯୋଗ ଦେଇ ଦୀର୍ଘ ବର୍ଷରୁ ଚୌଧୁରୀମଲ୍ ବିଭିନ୍ନ ସମାଜ ସେବା କାର୍ଯ୍ୟ କରିବା ସହିତ ରକ୍ତଦାନ ଶିବିର ଆୟୋଜନ କରି ଆସୁଥିବାରୁ ଅତିଥିମାନେ ଧନ୍ୟବାଦ ଦେଇଥିଲେ। ଅତିଥି ମାନେ ଉପସ୍ଥିତ ରହି ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୯୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଚୌଧୁରୀମଲ୍‌ର ସ୍ୱାଧିକାରୀ ବିଶ୍ୱରଞ୍ଜନ ସାହୁ, ବିକାଶ ରଂଜନ ସାହୁ, ବିଘ୍ନେଶ ରଞ୍ଜନ ସାହୁ, ବିଭାସ ରଞ୍ଜନ ସାହୁ, ପରିଚାଳନା କରୁଥିବା ବେଳେ ମଲ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ।

# ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ



ଭୁବନେଶ୍ୱର,୨୨।୨(ନି ପ୍ର): ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗର ସମସ୍ତ କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳର୍କିତ ପଦକ୍ଷେପଗୁଡ଼ିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି ।

ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି । ଏହି ବିଭାଗ ମହିଳାମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି। ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଏବଂ 'ମହାଲକ୍ଷପତି ଦିଦି' ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ରଖିଛନ୍ତି। ବୈଠକରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ସୁଶ୍ରୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ମା'କିଚକେଶ୍ୱରୀ ଯୁବକ ସଂଘର ବାର୍ଷିକ କ୍ରୀଡା ଉଦ୍‌ଯାପିତ



ଯଶିପୁର,୨୨।୨(ନି.ପ୍ର): ଯଶିପୁର ବ୍ଲକ ଟଙ୍ଗାବିଲା ପଂଚାୟତ ସାନନଈ ହୁଳି ସାହିରେ ଥିବା ମା'କିଚକେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟରେ ୧୬ତମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଯାଶେଫ ଶଙ୍କର ମହାନ୍ତଙ୍କ ଉପସ୍ଥାପନା ଓ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଟାଙ୍ଗବିଲା ପଂଚାୟତର ପୂର୍ବତନ ସରପଂଚ ଯତିନ କୁମାର ନାଏକ, ପୂର୍ବତନ ବାୟୁସେନା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମହାନ୍ତ, ସମିତିସଭ୍ୟ ରାଜେନ୍ଦ୍ର ନାଏକ, ସଂଘର ସଭାପତି ତଥା ଫରେଷ୍ଟ କର୍ମଚାରୀ ସୁଜିତ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ କ୍ରୀଡା ଏପରି ଏକ ସଞ୍ଜା ଯେଉଁଥିରେ ସବୁକିଛି କରିବା ସମ୍ଭବ ହୋଇପାରିଥାଏ ବୋଲି କହିଥିଲେ । ଛୋଟ ଛୋଟ ଛୁଆ, ବାଳକ ଓ ବାଳିକା, ମହିଳା ମାନଙ୍କ ପାଇଁ ବେଲୁନ୍ ଫୁଟା, ମ୍ୟୁଜିକ ଚେୟାର, ଦୌଡି ଟଣା ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ନୃତ୍ୟ ଗୀତ ପ୍ରତିଯୋଗିତା ଏବଂ ରାତିରେ ଝୁମର ମେଲୋଡି ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଗଣେଶ ମହାନ୍ତ, ସତ୍ୟଜିତ ମହାନ୍ତ, ଦିଲ୍ଲୀପ ମହାନ୍ତ, ଅର୍ଜୁନ ହୋ, ରାଜୁ ହୋ, ରାଜେନ୍ଦ୍ର ମାହାଲି ପ୍ରମୁଖ ସହଯୋଗ କରିଥିଲେ।

# କରଞ୍ଜିଆ ଓକିଲ ସଂଘ ବୈଠକରେ ନିର୍ବାଚନ ଅଧିକାରୀ ଚୟନ



କରଞ୍ଜିଆ,୨୨।୨(ନି.ପ୍ର): କରଞ୍ଜିଆ ଓକିଲ ସଂଘର ସାଧାରଣ ବୈଠକ ସଂଘର ସଭାପତି ମଦନ ମୋହନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୬ ମସିହାରେ ଅନୁଷ୍ଠିତ ହେବାକୁ ଥିବା ସଂଘର ନିର୍ବାଚନ ସମ୍ପର୍କିତ ଆଲୋଚନା ସହ ନିର୍ବାଚନ ଅଧିକାରୀ ଚୟନ ପାଇଁ ଭୋଟିଂ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା । ସିକ୍ରେଟ ଭୋଟିଂ ପ୍ରଣାଳୀ ଆଧାରରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ପଦ ପାଇଁ କୁମାର ଦେବାଶିଷ ବେହେରା ଓ କାହ୍ନୁ ଚରଣ ଗିରି ପ୍ରତିଦ୍ୱନ୍ଦିତା କରିଥିଲେ । ମୋଟ୍ ଭୋଟ ଗଣନାରେ କୁମାର ଦେବାଶିଷ ବେହେରା ୩୮ଟି ଭୋଟ ପାଇଥିବା ବେଳେ କାହ୍ନୁ ଚରଣ ଗିରି ୨୧ଟି ଭୋଟ ପାଇଥିଲେ । ଏହାପରେ କୁମାର ଦେବାଶିଷ ବେହେରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ଘୋଷଣା କରାଯାଇଥିଲା । ସଂଘର ସଦସ୍ୟ ମାନଙ୍କ ପକ୍ଷରୁ ନବନିର୍ବାଚିତ ନିର୍ବାଚନ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ଆଗାମୀ ନିର୍ବାଚନକୁ ସୁଚାରୁ ଭାବେ ସମ୍ପନ୍ନ କରିବାକୁ ଆଶାବ୍ୟକ୍ତ କରାଯାଇଥିଲା ।

## ସରସ୍ୱତୀ ଶିଶୁ ମନ୍ଦିରରେ
# ଜେଜେବାପା ଜେଜେମା ସମ୍ମିଳନୀ

ଆନନ୍ଦପୁର,୨୨।୨(ନି.ପ୍ର): ସରସ୍ୱତୀ ଶିଶୁ ମନ୍ଦିର ଆନନ୍ଦପୁରର ବାଟିକା କକ୍ଷରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି



ଉଷାରାଣୀ ଜେନା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଦସ୍ୟ ସୁବାଷ ଚନ୍ଦ୍ର ବେହେରା ଶିଶୁ ମାନଙ୍କର ବିକାଶରେ ଜେଜେବାପା ଜେଜେମାମାନଙ୍କର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲେ । ୫୦ରୁ ଊର୍ଦ୍ଧ୍ୱ ଜେଜେବାପା ଜେଜେମା ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗୁରୁମା ସବିତା ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁଜୀ ହରେକୃଷ୍ଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସାଇବର ଠକେଇ ମାମଲାରେ ଜଣେ ଗିରଫ



ଆନନ୍ଦପୁର,୨୨।୨(ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୋଲିସ ପକ୍ଷରୁ ୨୧ତାରିଖ ଶନିବାର ଦିନ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସାଇବର ଠକେଇ ମାମଲାରେ ଜଣକୁ ଗିରଫ କରାଯାଇଥିବା ବେଳେ ଏନେଇ ଶନିବାର ଅପରାହ୍ନ ୪ଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଓ ଆନନ୍ଦପୁର ଥାନା ଅଧିକାରୀ ଫନେନ୍ଦ୍ର ଭୂଷଣ ନାୟକ ସାଇବର ଠକ ଅପରେସନ୍ ସଫଳତାରେ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ମାମଲରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର କବଚ ଅପରେସନକୁ ଜୋରଦାର କରାଯାଉଥିବା ବେଳେ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ପୋଲିସ ନନ୍ଦିପଦା ଥାନା ଅନ୍ତର୍ଗତ ଜାମିତିରା ଗ୍ରାମର ଅକ୍ଷୟ କୁମାର ପଣ୍ଡାଙ୍କ ପୁତ୍ର ଆତିଶ କୁମାର ପଣ୍ଡା (୨୫)କୁ ସାଇବର ଠକେଇ ମାମଲାରେ ଗିରଫ କରିଥିଲେ । ଆତିଶ ଗତ ୨୦୨୪ ନଭେମ୍ବର ୨୭ ତାରିଖରେ ଆନନ୍ଦପୁର କାନାଡା ବ୍ୟାଙ୍କରେ ଏକ କରେଣ୍ଟ ଆକାଉଣ୍ଟ ଖୋଲି ଥିଲେ । ୨୦୨୪ ଡିସେମ୍ବର ୧୬ ତାରିଖରେ ଜମାଖାତାକୁ ବନ୍ଦ କରି ଦେଇଥିଲେ ମାତ୍ର ୧୪ଦିନ ମଧ୍ୟରେ ଏହି ଆକାଉଣ୍ଟରେ ୧ କୋଟି ୨୫ଲକ୍ଷ ଟଙ୍କା ଜମା ହୋଇଥିବା ବେଳେ ଆତିଶ ସବୁ ଟଙ୍କାକୁ ଉଠାଇ ଜମାଖାତାକୁ ବନ୍ଦ କରିଦେଇଥିଲେ । ବିଭିନ୍ନ ସାଇବର ଠକେଇ ସଂସ୍ଥାରୁ ଏହି ଜମାଖାତାରୁ ଟଙ୍କା ଆସୁଥିବା ବେଳେ ଏହି ଘଟଣାରେ ବହୁ ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ ଆତିଶ କୁମାର ପଣ୍ଡା କଲିକତାର ଏକ ମନ୍ଦିରରେ ପୂଜା କାର୍ଯ୍ୟ କରୁଥିବା ବେଳେ ରୋଜଗାର ଠିକ୍ ଭାବରେ ନହେବାରୁ ପୁନର୍ବାର ଗ୍ରାମକୁ ଫେରି ଆସିଥିଲେ । ଆପଣ୍ଡା ଗ୍ରାମର ଜନୈକ ବ୍ୟକ୍ତିଙ୍କ ସହ ପରିଚିତ ହେବାପରେ ଟଙ୍କାର ଆବଶ୍ୟକତା ଥିବା କହିବା ପରେ ବ୍ୟକ୍ତି ଜଣକ ତାଙ୍କୁ ବ୍ୟାଙ୍କରେ ଏକ କରେଣ୍ଟ ଜମାଖାତା ଖୋଲିବାକୁ କହିବାରୁ ସେ ଆନନ୍ଦପୁର କାନାଡା ବ୍ୟାଙ୍କରେ ୨୦୨୪ ମସିହାରେ ଏକ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ । ତାଙ୍କର ସମସ୍ତ ଏଟିଏମ୍, ପାସ୍‌ବୁକ ଦେଇଦେଇଥିଲେ । ତାଙ୍କର ପିତା ଅକ୍ଷୟ କୁମାର ପଣ୍ଡା ଜଣେ ପିଇଟି ଭାବେ କାର୍ଯ୍ୟରତ ଥିବାବେଳେ ସେମାନେ ଦୁଇଭାଇ ଓ ଗୋଟିଏ ଭଉଣୀ ଥିବା ଜଣାପଡିଛି । ୨୦୨୪ ମସିହାରେ ବନ୍ଦ କରିଦେଇଥିବା ଜମାଖାତାକୁ ପୋଲିସ ଯାଞ୍ଚ କରି ଏହି ସାଇବର ଠକେଇ ଘଟଣାକୁ ଉନ୍ମୋଚନ କରିବା ସହ ଠକେଇରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଆତିଶ କୁମାର ପଣ୍ଡାକୁ ଗିରଫ କରିବା ସହ ତାଙ୍କ ପାଖରୁ ୧୧ଟି ଜମାଖାତା, ୧୧ଟି ଏଟିଏମ୍, ୨ଟି ସିମ୍‌କାର୍ଡ, ପରିବାର ସଦସ୍ୟଙ୍କ ୫ଟି ଆଧାରା କାର୍ଡ, ଗୋଟିଏ ମୋବାଇଲ, ଗୋଟିଏ ପ୍ୟାନକାର୍ଡ ପୋଲିସ ଜବତ କରିଥିବା ଜଣାପଡିଛି । ଥାନା ପକ୍ଷରୁ କେଶ୍ ୪୬/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି । ଅନ୍ୟ ସହଯୋଗୀ ମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀଯୁକ୍ତ ପଣ୍ଡା ପ୍ରକାଶ କରିଛନ୍ତି । ଅଜଣା ଫୋନ, ମ୍ୟାସେଜ୍ ଲିଙ୍କକୁ ନଉଠାଇବା, ଆଧାର ଓ ନମ୍ବର ନଦେବା ଜନସାଧାରଣଙ୍କୁ ସଚେତନ କରାଇଛନ୍ତି ।

# ଗାଁରେ ସାହିତ୍ୟ ଓ ଆମ ଗାଁ ଆମ ପ୍ରତିଭା ସମ୍ବର୍ଦ୍ଧନା



ହାଟଡିହି,୨୨।୨(ନି.ପ୍ର): ସାହିତ୍ୟକୁ ଲୋକାଭିମୁଖୀ ଓ ସାର୍ବଜନୀନ କରିବା ଲକ୍ଷ୍ୟ ନେଇ ଶଙ୍ଖୋସ୍ଥିତ ମନ୍ଦିର ପରିସରରେ ସାହିତ୍ୟ ସଭା ଓ ପ୍ରତିଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଉତ୍କଳମଣି ଶିଶୁ ସାହିତ୍ୟ ସମିତି ଦ୍ୱାରା ଆୟୋଜିତ ସଭାରେ ଇନ୍ଦ୍ରମଣି ସେଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଗ୍ରନ୍ଥକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ କୀର୍ତ୍ତନ ସାହୁ ଯୋଗ ଦେଇ ସାହିତ୍ୟ ସମ୍ପର୍କିତ ମୂଲ୍ୟବୋଧ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କଳାକାର ରଙ୍ଗାଧର ପଳତା, ସଫଳ କୃଷକ ଭରତ ଚନ୍ଦ୍ର ଶଙ୍ଖୁଆ, ସଫଳ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର, ଯୁବ ଖେଳାଳୀ ବସନ୍ତ କୁମାର ଦାସଙ୍କୁ ମାନପତ୍ର, ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ହାସ୍ୟମୟୀ ରାଜ, ଶ୍ରୀକାନ୍ତ ପଟ୍ଟନାୟକ ଓ ଦୀପ୍ତିଦେବଦର୍ଶିନୀ ସୁତାରଙ୍କ ସଂଯୋଜନାରେ ତ୍ରୈଲୋଚନ ସୁତାର, ମଙ୍ଗୁଳି ଚରଣ ପୃଷ୍ଟି, ପୁଷ୍ପମଞ୍ଜରୀ କର, ଜନାର୍ଦ୍ଦନ ସେଠୀ, ହଳଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ଘନଶ୍ୟାମ ବୋଇତେଇ, ଗୋକୁଳ ବିହାରୀ ପୃଷ୍ଟି, ଶରତ କୁମାର ରାଉତ, ବିଦ୍ୟୁତ୍‌ପ୍ରଭା ଦେଓ, କୁମୁଦିନୀ ସାମଲ, ସନ୍ଧ୍ୟାରାଣୀ ଯେନା, ସୁଭଦ୍ରା ପରିଡା, ମୁରଲୀଧର ବେହେରା, ଶ୍ରୀକାନ୍ତ ପଣ୍ଡା, ବାସୁଦେବ ନାୟକ, ଅକ୍ଷୟ କୁମାର ଜେନା, ହରିହର ସାମଲ, ସୁଦାମ ଚରଣ ଜେନା, ନିର୍ମଳ କୁମାର ବାରିକ, ଚତୁର୍ଭୁଜ ପହୀ, ଅନ୍ତର୍ଯ୍ୟାମୀ ରାଉତ, କୈଳାସ ଚନ୍ଦ୍ର ବେହେରା, ସରୋଜ ସାହୁ, ନୀଳମଣି ବାରିକ, ଆଦିକନ୍ଦ ରାମ, ଜଗନ୍ନାଥ ଜେନା, ନାରାୟଣ ଲେଙ୍କା ପ୍ରମୁଖ କବିମାନେ ଶିଶୁ କବିତା ଆବୃତ୍ତି କରିଥିଲେ । ସମ୍ପାଦକ ନାରାୟଣ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ ଉପାଧ୍ୟକ୍ଷ ସଭାପତି ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖିମଜୀ ଜୁଏଲର୍ସର 'ନିଭାୟେଙ୍ଗେ ଅଲୱେଜ୍'




ଭୁବନେଶ୍ୱର,୨୨।୨(ନିପ୍ର): ଖିମଜୀ ଜୁଏଲର୍ସ ପକ୍ଷରୁ ନୂଆ ବିବାହ ଅଭିଯାନ 'ନିଭାୟେଙ୍ଗେ ଅଲୱେଜ୍ ' ଉନ୍ମୋଚନ କରାଯାଇଛି। ଏହା ବିବାହର ଚିରସ୍ଥାୟୀ ପ୍ରତିଶ୍ରୁତି ପ୍ରତି ଏକ ହୃଦୟସ୍ପର୍ଶୀ ସମ୍ମାନ। ଜଣେ ନବବଧୂ ନୂଆ ପରିବାରରେ ପ୍ରଥମ ଥର ପାଦ ରଖିବାଠାରୁ ଆରମ୍ଭ କରି ପରବର୍ତ୍ତୀ ଅନେକ ମାଇଲଖୁଣ୍ଟ ପର୍ଯ୍ୟନ୍ତ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ ଗହଣାକୁ ପ୍ରତିଶ୍ରୁତିର ନିଶବ୍ଦ ସାକ୍ଷୀ ଭାବରେ ଉପସ୍ଥାନ କରିଛି। ସୂକ୍ଷ୍ମ କାରିଗରୀରେ ପ୍ରସ୍ତୁତ କରାଯାଇଥିବା ଗହଣା ପିଢ଼ି ପିଢ଼ି ଧରି ସ୍ମୃତିଗୁଡ଼ିକର ସାକ୍ଷୀ ହୋଇରହିବ। ଆଧୁନିକ ବଧୂଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ସଂଗ୍ରହରେ ସ୍ୱତନ୍ତ୍ର ହାର, ଐତିହ୍ୟବହନ କରୁଥିବା ଚୁଡ଼ି, ସଜାଇ ହୋଇଥିବା ଚୋକର ଓ ସୁନ୍ଦର କାନଫୁଲ ରହିଛି। ମେହେନ୍ଦିରୁ ବିବାହ ଭୋଜି ପର୍ଯ୍ୟନ୍ତ ପ୍ରତ୍ୟେକ ବିବାହ ଅନୁଷ୍ଠାନ ପାଇଁ ପ୍ରସ୍ତୁତ ଏହି ସଂଗ୍ରହରେ ସମକାଳୀନ ସୌନ୍ଦର୍ଯ୍ୟ ଓ ଚିରକାଳୀନ କାରିଗରୀର ସମନ୍ୱୟ ରହିଛି। ଏହାକୁ ଆହୁରି ବିଶେଷ କରିବା ପାଇଁ ଖିମଜୀ ଜୁଏଲର୍ସ ସୁନା ଗହଣାର ଗଢା ମଜୁରିରେ ଫ୍ଲାଟ ୪୫% ରିହାତି ପ୍ରଦାନ କରୁଛି, ଯାହା ଶୁଦ୍ଧତା ଓ ଗୁଣବତାରେ କୌଣସି ସାଲିସ ନ କରି ମୂଲ୍ୟକୁ ପୁନଃ ବ୍ୟାଖ୍ୟା କରୁଛି। ଖିମଜୀ ଜୁଏଲର୍ସର ଚିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ନିଭାୟେଙ୍ଗେ ଅଲୱେଜ୍ ପ୍ରତ୍ୟେକ ବିବାହକୁ ପରିଭାଷିତ କରୁଥିବା ପ୍ରତିଶ୍ରୁତିକୁ ରୂପ ଦେଉଛି। ସେହି ପ୍ରତିଶ୍ରୁତି ପରି ଆମ ଗହଣା ଶୁଦ୍ଧ, ସ୍ଥାୟୀ ଓ ସମୟ ସହିତ ଅଧିକ ମୂଲ୍ୟବାନ ହୋଇଥାଏ।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ଐତିହାସିକ ସଫଳତା

ଭୁବନେଶ୍ୱର, ୨୨।୨(ନିପ୍ର): ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହିତ, ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି। ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି।ଯାହା ଗତ ବର୍ଷ ତୁଳନାରେ ୧୦.୬% ଅଭିବୃଦ୍ଧି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତିଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବଲ୍କ ସାମଗ୍ରୀ ଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପୂର୍ବତଟ ରେଳପଥ ଭିତ୍ତିଭୂମିର ଉନ୍ନତି, ଗ୍ରାହକ ସେବା ବୃଦ୍ଧି ଏବଂ



ପଣ୍ୟ ପରିବହନ କାର୍ଯ୍ୟକଳାପରେ ଅବିରତ ବୃଦ୍ଧି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ।

# ମିଡିଆ ମ୍ୟାନେଜମେଣ୍ଟ ପାଇଁ ଗୌର ମହାପାତ୍ର ସମ୍ବର୍ଦ୍ଧିତ




ଭୁବନେଶ୍ୱର,୨୨।୨(ନିପ୍ର): ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗତ ୨୧ତାରିଖରେ ମିଡିଆ ଫେଡେରେସନ ଅଫ ଇଣ୍ଡିଆ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀ ମହାପାତ୍ର ଫେଡେରସନ୍‌ର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଜ କାର୍ଯ୍ୟକାଳ ମଧ୍ୟରେ ସମସ୍ତ ସାମ୍ବାଦିକ ଓ ଅଧିକାରୀମାନଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ସେ ମଧ୍ୟ ବହୁ ଅନୁଷ୍ଠାନ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଜାତୀୟ ଚେତନାର ସମ୍ପାଦକ ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ମାନିତ

**ଭୁବନେଶ୍ୱର,୨୨।୨(ନିପ୍ର):** ମିଡ଼ିଆ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀର ବିଏସ୍ ଜେଡ ରୋଡସ୍ଥିତ ପିରେଲାଲ ଗାନ୍ଧୀ ମେମୋରିଆଲ ହଲ୍ (ଆଇଟିଓ)ରେ ୨୦ ତମ ମିଡିଆ ଏକ୍ସଲେନ୍ସି ଆୱାର୍ଡ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫେଡେରେସନର ରାଷ୍ଟ୍ରୀୟ ସଭାପତି ଅରୁଣ ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପର୍ଯ୍ୟାୟରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ସମ୍ବାଦପତ୍ର 'ଜାତୀୟ ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ 'ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ' ସମ୍ମାନରେ ଭୂଷିତ କରାଯାଇଛି। ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମର ଶ୍ରୀବର୍ଦ୍ଧନ ତ୍ରିବେଦୀ, ସଞ୍ଜୟ ଦ୍ୱିବେଦୀ, ପ୍ରତୀକ ତ୍ରିବେଦୀ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍, ପ୍ରବୀଣ ସମ୍ବାଦିକ, କର୍ପୋରେଟ ହାଉସର ପ୍ରତିଷ୍ଠାତା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ।ବିଭିନ୍ନ ରାଜ୍ୟରୁ ପ୍ରାୟ ଛଅ ଶହରୁ ଅଧିକ ସାମ୍ବାଦିକ ଉପସ୍ଥିତ ଥିଲେ।ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀ ଭଞ୍ଜ କହିଲେ, ସତ୍ୟନିଷ୍ଠ ଓ ନିର୍ଭୀକ ସାମ୍ବାଦିକତା ହିଁ ସମାଜକୁ ସଠିକ ଭାବେ ଦିଗ୍ ଦର୍ଶନ ଦେଇପାରିବ। ଏହି ଅବସରରେ ମିଡିଆ ଫେଡରେସନ ଅଫ୍ ଓଡିଶା ପକ୍ଷରୁ ଶ୍ରୀ ଭଞ୍ଜ ଓ ଗୌର ଚନ୍ଦ୍ର ମହାପାତ୍ର ଫେଡେରେସନର ସର୍ବ ଭାରତୀୟ ସଭାପତି ଅରୁଣ ଶର୍ମାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଜଗନ୍ନାଥ ଓ କୋଣାର୍କର ତୈଳଚିତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

# ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣାକୁ ସ୍ୱାଗତ

ଜଗତସିଂହପୁର ତା୨୨/୨(ନି ପ୍ର): ଚଳିତ ବର୍ଷ ୨୦୨୬-୨୭ ଅଧିବେଶନ ରେ ରାଜ୍ୟ ସରକାର ଜଗତସିଂହପୁର ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏବିଭିପି ଜଗତସିଂହପୁର ତରଫରୁ ବିଗତ ୨୦୨୩ ମସିହାରୁ ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଦାବି ଓ ଆନ୍ଦୋଳନ କରାଯାଇଥିଲା। ଆଜି ସେ ଦାବି ପୂରଣ ହୋଇଛି। ଏଥିପାଇଁ ଜିଲ୍ଲା ର ବିଦ୍ୟାର୍ଥୀ ମାନେ ଆନନ୍ଦିତ ହୋଇଉଠିଛନ୍ତି। ଏବିଭିପି ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ଏସ୍ ଏଫ୍ ଡି ରାଜ୍ୟ ସହ ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି ଓ ପୂର୍ବତନ ଜିଲ୍ଲା ପ୍ରମୁଖ ମନ୍ମଥ କୁମାର ପୃଷ୍ଟି , ପୂର୍ବତନ ଜିଲ୍ଲା ସଂଯୋଜକ ବିଶ୍ୱଜିତ୍ ପାତ୍ର,କେ. ବି. ପ୍ରୀୟତୋଷ, ଜ୍ୟୋତି ରଞ୍ଜନ,ଏବିଭିପି କାର୍ଯ୍ୟକର୍ତ୍ତା ଅବିନାଶ ଲେଙ୍କା, ଭବତୋଷ, ଭବରଞ୍ଜନ ବେହେରା ସରକାର ଙ୍କ ଏହି ଘୋଷଣା କୁ ସ୍ୱାଗତ ଜଣାଇଛନ୍ତି।। ଜିଲ୍ଲା ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଖୋଲିବା ସ୍ୱାଗତ ଯୋଗ୍ୟ କିନ୍ତୁ ଗୁଣାତ୍ମକ ଶିକ୍ଷା କେଉଁଭଳି ଭାବରେ ଛାତ୍ର ଛାତ୍ରୀ ମାନେ ପାଇବେ ଏହି ପ୍ରତି ସରକାର ଧ୍ୟାନ ଦେବା ଉଚିତ୍। ଏବିଭିପି ର ପୂର୍ବତନ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ମହାରଣା, ସର୍ବେଶ୍ୱର ବଳିୟାର ସିଂ, ଶଶାଙ୍କ ଶେଖର ପଣ୍ଡା, ଡକ୍ଟର ପ୍ରକାଶ ଦଳେଇ, ବଳରାମ ଦଳେଇ, ଯଜ୍ଞଦତ୍ତ ସାହୁ ପ୍ରମୁଖ ସରକାର ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।।

# ଯୋଗ ଶିକ୍ଷକ ସମ୍ମିଳନୀ



ଝାରସୁଗୁଡ଼ା,:୨୨।୨(ନିପ୍ର): ଝାରସୁଗୁଡ଼ା ଜିଲ୍ଲା ଯୋଗ ମହୋତ୍ସବ ସମିତି ପକ୍ଷରୁ ଯୋଗ ଶିକ୍ଷକ ସମ୍ମିଳନୀ ବେଲପାହାଡ ବଜାର ସ୍ଥିତ ଶିବ ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ.ଦିଲ୍ଲୀପ ନାୟକ, ଜିଲ୍ଲା ସଂଯୋଜକ ପ୍ରଶ୍ନଜିତ ସାହୁ, ଜିଲ୍ଲା ଯୋଗ ମୁଖ୍ୟ ଶିକ୍ଷକ ସୁଦାମ ପଧାନ, ଶିକ୍ଷକ ମହେନ୍ଦ୍ର ପଧାନ, ବେଲପାହାଡ ନଗର ସଂଯୋଜିକା ଡ. ରତ୍ନା ସେନଗୁପ୍ତା, ସହ ସଂଯୋଜିକା କବିତା ପଶାୟତ, ରକ୍ଷାପାଲ ବିଶି, ଆର୍‌ଏସ୍‌ଏସ ଜିଲ୍ଲା ସଂଘ ଚାଳକ ଯୁଧିଷ୍ଠିର ବେହେରା, ବେଲପାହାଡ଼ ନଗର ସଂଘଚାଳକ ସନ୍ତୋଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ଜମି, ବରଗଡ଼ରୁ ଲିଗାଲ ହେୟାର

ଖପ୍ରାଖୋଲ , ୨୨।୨(ଅଶୋକ କୁମାର ବାଗ): ଜାଲିଆତି କରି ଆଇନଗତ ଉତ୍ତରାଧିକାରୀ ସାର୍ଟିଫିକେଟ(ଲିଗାଲ ହେୟାର) ମାଧ୍ୟମରେ ୧୩ ଏକରରୁ ଅଧିକ ମୂଲ୍ୟବାନ ଜମି ବିକ୍ରି ମାମଲାର ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନର ନିରବତା ସନ୍ଦେହର କାରଣ ହୋଇପଡ଼ିଛି। ଏହା କେବଳ ଜମି ଜାଲିଆତି ନୁହେଁ, ପ୍ରଶାସନିକ ବିଫଳତାର ଜ୍ୱଳନ୍ତ ଉଦାହରଣ। ଆଗରୁ ବଲାଙ୍ଗୀର ଜିଲ୍ଲାରେ ଏପରି ଘଟଣା ଘଟିଥିବାବେଳେ ଦୋଷୀମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇଥିଲା। କେହି କେହି ନିଲମ୍ବିତ ହୋଇଥିଲେ, କିଛି ଲୋକଙ୍କୁ ବିଚାର ବିଭାଗ ହାଜତକୁ ପଠାଯାଇଥିଲା । କିନ୍ତୁ ଏବେ କାହିଁକି ଏହି ନିରବତା କାହାର ସ୍ୱାର୍ଥ ରକ୍ଷା ପାଇଁ ତଦନ୍ତକୁ ଶୀଥିଳ କରାଯାଉଛି ।ଅଭିଯୋଗ ଅନୁଯାୟୀ, ଖପ୍ରାଖୋଲ ଥାନା, ମୌଜା - ପାଚେର, ଖାତା ନଂ ୬୧ ର ଏ୧୩.୩୬୫୦ ଡିସମିଲ ଜମି ସ୍ୱର୍ଗତ ମଙ୍ଗଲୁ ସାହୁ ଓ ସ୍ୱର୍ଗତ ବାଲାଜୀ ସାହୁଙ୍କ ନାଁରେ ଥିଲା। ସେହି ଜମିକୁ ମଙ୍ଗଲୁ ସାହୁଙ୍କ ନାତୁଣୀ କସ୍ତୁରୀ ସାହୁ ବିକ୍ରେତା ସାଜି ବରଗଡ଼ ଜିଲ୍ଲା ସୋହେଲା ତହସିଲ କାର୍ଯ୍ୟାଳୟରେ ଜାଲିଆତି କରି ଲିଗାଲ ହେୟାର ସାର୍ଟିଫିକେଟ ପ୍ରସ୍ତୁତ କରି ବିକ୍ରି କରିଦେଇଥିବା ଅଭିଯୋଗ ଆସିଛି। ଏହି ଜମିର ସରକାରୀ ମୂଲ୍ୟ ପ୍ରାୟ ୨୮, ୮୧, ୦୬୫ ଟଙ୍କା। ଏତେ ବଡ ରାଶିର ଲେଣଦେଣରେ ଜାଲିଆତି ହେବା ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ ଉଠାଇଛି। ଆଶ୍ଚର୍ଯ୍ୟ କଥା ହେଲା, ବଲାଙ୍ଗୀର ଜିଲ୍ଲାରେ ଥିବା ଏହି ଜମି ପାଇଁ ବରଗଡ଼ ଜିଲ୍ଲାର ସୋହେଲା ତହସିଲରୁ କିପରି ଲିଗାଲ ହେୟାର ସାର୍ଟିଫିକେଟ ଜାରି ହେଲା ସ୍ଥାନୀୟ ତହସିଲ କାର୍ଯ୍ୟାଳୟର ଯାଞ୍ଚ ବ୍ୟବସ୍ଥା କେଉଁଠି ଥିଲା। ପାଟଣାଗଡ଼ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଏହି ସାର୍ଟିଫିକେଟର ସତ୍ୟତା ଯାଞ୍ଚ ନ କରି କିପରି ରେଜିଷ୍ଟ୍ରି କଲେ ଏହା କେବଳ ଅବହେଳା କି ଟଙ୍କାର ଖେଳ ବୋଲି ପ୍ରଶ୍ନ ହେଉଛି। ଏ ନେଇ ପାଟଣାଗଡ଼ ସବ୍‌ରେଜିଷ୍ଟ୍ରାର ମଙ୍ଗଳ ସିଂ ଭୋଇଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଲେ, ମୁଁ ମୋ କାମ କରିଛି। ସେମାନେ ଡକୁମେଣ୍ଟ ଦେଲେ, ମୁଁ ରେଜିଷ୍ଟ୍ରି କରିଦେଲି। ଏତିକି କହି ସେ ଫୋନ କାଟିଦେଇଥିଲେ। ଏହି ଉତ୍ତର ଗୁରୁତର ପ୍ରଶ୍ନ ଉଠାଉଛି। ସବରେଜିଷ୍ଟ୍ରାରଙ୍କ ଦାୟିତ୍ୱ କେବଳ କାଗଜ ନେଇ ସହି କରିବା! ଡକ୍ୟୁମେଣ୍ଟର ସତ୍ୟତା ଯାଞ୍ଚ କରିବା ତାଙ୍କ ମୂଳ ଦାୟିତ୍ୱ ନୁହେଁ କି ଯଦି ଯାଞ୍ଚ ବ୍ୟବସ୍ଥା ମଜଭୁତ ଥାନ୍ତା, ତେବେ ଜାଲିରେ ରେଜିଷ୍ଟ୍ରି ସମ୍ଭବ ହୋଇ ନ ଥାନ୍ତା। ଏତେ ବଡ ଫ୍ରଡ଼ କାଣ୍ଡରେ କେବଳ ଜଣେ ବ୍ୟକ୍ତି ନୁହେଁ, ଏକ ଜାଲ ବ୍ୟବସ୍ଥା ସାମିଲ ଥିବା ସନ୍ଦେହ ସ୍ପଷ୍ଟ। ପ୍ରଶାସନର ନିରବତା ଓ ନିଷ୍କ୍ରିୟତା ଲୋକଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରୁଛି । ଜାଲିଆତିର ମୂଳ ନାୟକ କିଏ ଓ ପ୍ରଶାସନ କାହିଁକି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ତାହା ବିସ୍ମୟ ସୃଷ୍ଟି କରିଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ବନ୍ଧୁ ମିଳନ ଓ ଗୁରୁ ପୂଜନ

ଖୁଣ୍ଟା,୨୨।୨(ନି.ପ୍ର): ମୟୁରଭଞ୍ଜ ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଯୁକ୍ତ ଦୁଇ କଲେଜର ୧୯୮୧ ମସିହା ପ୍ରଥମ ବ୍ୟାଚର ଛାତ୍ର ଛାତ୍ରୀ ଙ୍କ ବନ୍ଧୁ ମିଳନ ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ସ୍ଥାନୀୟ କଲେଜ ପରିସର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପିନାଥ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ଅବସରପ୍ରାପ୍ତ ଅଧ୍ୟାପକ ବାସୁଦେବ ଆଚାର୍ଯ୍ୟ, ପଞ୍ଚାନନ ପୃଷ୍ଟି, ଜୟକୃଷ୍ଣ ମହାନ୍ତ, ଭାଗିରଥି ଆଚାର୍ଯ୍ୟ ଓ କଲେଜର କାର୍ଯ୍ୟରତ ଅଧ୍ୟକ୍ଷ ବିଜୟ କୁମାର ବାରିକ ଯୋଗ ଦେଇ ଗୁରୁଶିଷ୍ୟର ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହ ପୁରାତନ ଛାତ୍ର ଅନୁଷ୍ଠାନର ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦୁଇ ଚତୁର୍ଥ କର୍ମଚାରୀ ପରେଶ ଚନ୍ଦ୍ର ମାଇତି ଓ ପଞ୍ଚାନନ ରାଉତ ଙ୍କ ସମେତ ଅତିଥି ଭାବେ ଯୋଗ ଦେଇଥିବା ୬ ଗୁରୁ ଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# ଶ୍ୟାମସୁନ୍ଦର ଯୁବକ ସଙ୍ଘ ପକ୍ଷରୁ ବାର୍ଷିକ କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା



ରାଇରଙ୍ଗପୁର,୨୨।୨ (ନିପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ କୁସୁମି ବ୍ଲକ ଅନ୍ତର୍ଭୁକ୍ତ ଭୁଟକାବାଦି ପଞ୍ଚାୟତ ସ୍ଥିତ ଶ୍ୟାମ ସୁନ୍ଦର ଯୁବକ ସଂଘ ଆନୁକୂଲ୍ୟରେ ୨୫ ତମ ବାର୍ଷିକ କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶ୍ୟାମ ସୁନ୍ଦର ଫୁଟବଲ ପଡିଆରେ ଶନିବାର ଅନୁଷ୍ଠିତ ବାଳକ ବାଳିକାଙ୍କ ସାଧାରଣ ଜ୍ଞାନ ପରୀକ୍ଷା ଓ ୨୦୦ ମିଟର ଦୌଡ଼, ବାଳିକା ବର୍ଗରେ ୪୦୦ ମିଟର ଦୌଡ, ବାଳକ ବର୍ଗରେ ୮୦୦ ମିଟର ଦୌଡ଼, ବୟସ୍କଙ୍କ ୧୫୦୦ ମିଟର ଦୌଡ଼ ଓ ମହିଳାଙ୍କ ମଧ୍ୟରେ ବେଲୁନ ଫଟା ପ୍ରତିଯୋଗିତା ହୋଇଥିଲା। ଡ୍ରାମା ନାଚ ଓ ହୋ ନାଚ ପ୍ରତିଯୋଗିତା କରାଯାଇଥିଲା। ନାଚ ପାଇଁ ୧ମ ପୁରସ୍କାର ୫ ହଜାର ଓ ୨ୟ ପୁରସ୍କାର ୪ ହଜାର ଟଙ୍କା ଓ ଅନ୍ୟ ପୁରସ୍କାର ମଧ୍ୟରେ ସାଇକେଲ, ଡ୍ରେସିଂ ଟେବୁଲ, ରୂପା ହାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ସଭାପତି ଜଶବନ୍ତ ନାରାୟଣ ସିଂ ଲାଗୁରୀ, ପଶ୍ଚିମ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ, କଂଗ୍ରେସ କାର୍ଯ୍ୟାଳୟ ସଂପାଦକ ରୂପକ ମହାନ୍ତି, ଯୁବ କଂଗ୍ରେସ ସଭାପତି ପିଥ ମୁର୍ମୁ, ସରପଞ୍ଚ ଠାକୁରା ନାଏକ, ପିଥ ସରେନ, ଅନିଲ କୁମାର ବିରୁଆ ପ୍ରମୁଖଙ୍କସମେତ କୁଡୁମୀ ସଂପ୍ରଦାୟର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ।ଯୁବକ ସଂଘ ସଭାପତି ସିଧେଶ୍ୱର ବିରୁଆ, ଉପସଭାପତି ଦୀପକ ସମାଡ଼, ସମ୍ପାଦକ ହିନ୍ଦୁ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ବୈଠକ




ଜୟପୁର,୨୨।୨(ନି ପ୍ର):ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜୟପୁର ଖାଲସାହିସ୍ଥ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ଉଦ୍ୟାନରେ ଆୟୋଜିତ ଏହି ବୈଠକରେ ସଭାପତି ମଦନ ମୋହନ ନାୟକ ପୌରୋହିତ୍ୟ କରିଥିଲେ । ସଂପାଦକ ନବୀନ ମାଦଳା ଗତ ବୈଠକର ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ବିଶେଷକରି ଆସନ୍ତା ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁର ଠାରେ ହେବାକୁ ସ୍ଥିର ରହିଥିବା ସମ୍ମିଳନୀର ସ୍ୱତନ୍ତ୍ର ବୈଠକ ଉପରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଯୋଗ ଦେବାକୁ ରାଜ୍ୟ ସରକାରଙ୍କ ଯେଉଁ ମନ୍ତ୍ରୀ ମାନଙ୍କୁ ଅନୁରୋଧ ରହିଥିଲା ବିଧାନସଭା ବଜେଟ୍? ଅଧିବେଶନ ଯୋଗୁଁ ସେମାନଙ୍କ ପକ୍ଷରୁ ସମ୍ଭବ ହେଉନଥିବା ସୂଚନା ମିଳିଥିଲା । ଏହାକୁ ନେଇ ଆସନ୍ତା ସ୍ୱତନ୍ତ୍ର ଅଧିବେଶନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ମତ ପ୍ରକାଶ ପାଇଥିଲା । ଏହି ମତକୁ ସମସ୍ତ କର୍ମକର୍ତ୍ତା ସହମତି ଜଣାଇଥିଲେ । ସମ୍ମିଳନୀର ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର ଅଧିବେଶନ ଯାହା ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁରରେ ହେବାକୁ ଘୋଷିତ ହୋଇଥିଲା, ତାହା ସାମୟିକ ଭାବେ ସ୍ଥଗିତ ନିଷ୍ପତ୍ତି ସହ ପୁଣି ଆସନ୍ତା କିଛି ଦିନ ପରେ ଏହି ବୈଠକ ହେବାକୁ ରହିଥିବା ବେଳେ ଏଥିରେ ଯେପରି ଓଡ଼ିଶାର ମନ୍ତ୍ରୀ ମାନେ ଯୋଗ ଦେବେ ସେ ସଂପର୍କରେ ଯୋଗାଯୋଗ ଏବଂ ଅତିଥି ସଂପର୍କ ନେଇ ଉପଦେଷ୍ଟା ଭୃଗୁ ବକ୍ସିପାତ୍ରଙ୍କୁ ଦାୟିତ୍ୱ ଦେବାକୁ ବୈଠକରେ ସ୍ଥିର ହୋଇଥିଲା । ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଦାସ ଶୁଭେନ୍ଦୁ ବ୍ରହ୍ମା, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂଗଠନ ସଂପାଦକ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଡାହାଣୀ ବିରୋଧୀ ସଚେତନତା କର୍ମଶାଳା




ରାୟଗଡ଼ା, ୨୨।୨(ନିପ୍ର): ଡାହାଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଓ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡାହାଣୀ ସନ୍ଦେହରେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଦଣ୍ଡ, ନାରୀ ନିର୍ଯାତନା, ସାମାଜିକ ବହିଷ୍କାର ଓ ହିଂସା, ହତ୍ୟା ଭଳି ଅମାନୁଷିକ କାଣ୍ଡ ରୋକିବା ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ। ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ଏହାର ମୂଳୋତ୍ପାଟନ କରିବାକୁ ଚେଷ୍ଟା ଜାରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ଏଡିପିଏଚଓ ଡ. ଶ୍ୟାମ ଚରଣ ଗୁରୁ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ଜିଲ୍ଲା ସୁରକ୍ଷା ଅଧିକାରୀ ପ୍ରତିମାରାଣୀ ଦାସ, ଅହଲ୍ୟା ସୁନା, ମୀନତି ପାତ୍ର, ହେନା ରାଣୀ ପ୍ରଧାନ, ହେନବାନୀ ପ୍ରଧାନେ, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ମହିଳା ମଣ୍ଡଳୀର ସଦସ୍ୟା ପ୍ରମୁଖଙ୍କ ସମେତ ୭୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ଅଙ୍ଗନବାଡି କର୍ମୀ, ଆଶା, କିଶୋରୀ ବାଳିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଶେଷଜ୍ଞଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୋଲିସ ହେଲ୍ପ ଲାଇନ, ମହିଳା ହେଲ୍ପ ଲାଇନ୍ - ୧୮୧, ଶିଶୁ ସହାୟତା ହେଲ୍ପ ଲାଇନ୍ - ୧୦୯୮ ସୁଭଦ୍ରା ହେଲ୍ପ ଲାଇନ୍ - ୧୪୬୭୮କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ସଂକଳ୍ପ ହବ ସଂଯୋଜକ ଦିବାକର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ଜୟପୁର,୨୨।୨(ନି ପ୍ର ): ପରମ ପ୍ରେମମୟ ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ସ୍ଥାନୀୟ ଡଙ୍ଗାଗୁଡାସ୍ଥିତ ସତସଙ୍ଗ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା, ପ୍ରଣାମ ଓ ଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳୀ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଘଟିକା ସମୟରେ ସତସଙ୍ଗ ଓ ଭଜନ କୀର୍ତ୍ତନ କରାଯାଇଥିଲା। ଅପରାହ୍ନ ୧ଘଟିକା ସମୟରେ ପ୍ରସାଦ ସେବନ ଓ ୩ଘଟିକା ସମୟରେ ମାତୃ ସମ୍ମିଳନୀ ହୋଇଥିଲା। ଦିବସବ୍ୟାପୀ ସତଦୀକ୍ଷାଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶିର କୁମାର ପରିଜା ପୌରହିତ୍ୟ କରିଥିବା ବେଳେ ନିରଞ୍ଜନ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ବାର୍ଷିକ ବିବରଣୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରିତିକ, ସହ ରିତିକ, କର୍ମୀ ଓ ଦେଢ ହଜାରରୁ ଅଧିକ ଭକ୍ତ ଉପସ୍ଥିତ ଥିଲେ। ସତସଙ୍ଗ ବିହାର ପକ୍ଷରୁ ନରେଶ ମହାକୁଳ ଏବଂ ଉତ୍ସବ କମିଟି ସଭାପତି ବିନୋଦ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀଶ୍ରୀ ଠାକୁରଙ୍କର ସତସଙ୍ଗରେ ଉପସ୍ଥିତଥିବା ଶ୍ରଦ୍ଧାଳୁ ମାନଙ୍କୁ ଠାକୁରଙ୍କର ନିତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉତ୍ସାହିତ କରିବାସହ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା ନ କରି ଠାକୁରଙ୍କୁ ପ୍ରତିଷ୍ଠା କରିବାକୁ କହିଥିଲେ। ନିର୍ମାଣଧିନ ମନ୍ଦିର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବକ୍ତାମାନେ ଠାକୁରଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ ରିତିକ ଶିଶିର ପରିଜା, କପିଳ ମହାକୁଳ,ନିରଞ୍ଜନ ଆଚାର୍ଯ୍ୟ, ଉପେନ୍ଦ୍ର ନାଥ ମିଶ୍ର, ଜଗନ୍ନାଥ ଖଟୁଆ ଯୋଗ ଦେଇଥିଲେ।

# ଏସ୍‌ପି ମାଙ୍ଗାଇ ଆଶ୍ରମ ଏଙ୍ଗେର୍ବାଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ରାୟଗଡ଼ା/ଗୁଣୁପୁର,୨୨।୨(ନିପ୍ର):ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଏଙ୍ଗେର୍ବା ସ୍ଥିତ ଏସ୍ ପି ମାଙ୍ଗାଇ ଆଶ୍ରମ ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି। ଏସ୍ ପି ମାଙ୍ଗାଇ ଆଶ୍ରମ ରେ ବହୁ ଭାଷୀ ଶିକ୍ଷା ଯୋଜନାଚାଲୁ ରହିଥିବାରୁ ଏବଂ ସୌରା ଭାଷାରେ ଶିକ୍ଷା ଦେବା ଅନ୍ୟ ଏକ ମାଧ୍ୟମ ହୋଇ ଥିବା ଦୃଷ୍ଟିରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଉପଲକ୍ଷେ ସରକାର ଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଯଥା ସମ୍ବିଧାନ ର ପ୍ରିଏମ୍ବଲ ବା ପ୍ରସ୍ତାବନା ପଠନ, ଦୈନନ୍ଦିନ ଜୀବନରେ ମାତୃଭାଷା ର ବ୍ୟବହାର ଓ ପ୍ରଚାର ପ୍ରସାର ପାଇଁ ଶପଥ ପାଠ, ନିଜ ମାତୃଭାଷା ରେ ସ୍ୱଲିଖିତ ଗଳ୍ପ, କବିତା ଆବୃତି, ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ବହିରେ ଲିଖିତ ଗଳ୍ପ ଓ କବିତା ପାଠ କରିବା ଇତ୍ୟାଦି ସୌରା ଭାଷା ରେ ହିଁ ସମ୍ପନ୍ନ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।ଏସ୍ ପି ମାଙ୍ଗାଇ ଆଶ୍ରମ ପରିଚାଳନା କମିଟି ର ସଭାପତି ଶ୍ରୀ ରତ୍ନାକର ଶବର ଙ୍କ ସମେତ ସମସ୍ତ ସଦସ୍ୟ, ଅଭିଭାବକ ଓ ଅଭିଭାବିକା, ଏବଂ ଆଶ୍ରମ ର କୁନି କୁନି ପିଲାମାନେ ତଥା ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ମାତୃଭାଷା ଦିବସ କୁ ସଫଳ ରୂପାୟନ ଦେବାରେ ସହାୟକ ସାଜିଥିଲେ। ଆଶ୍ରମ ର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଇନ୍ଦୁପ୍ରଭା ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶବର ସାଂସ୍କୃତିକ ସଙ୍ଘ ପକ୍ଷରୁ ସଭାପତି ଶ୍ରୀ ଚକ୍ରପାଣି ଶବର ଓ ସମ୍ପାଦକ ଶ୍ରୀ ବଳରାମ ଶବର ଉପସ୍ଥିତ ରହି ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଦୁଇ ମୃତ

ଜୟପୁର,୨୨।୨(ନି ପ୍ର): ଜୟପୁର ଉମୁରି ଗ୍ରାମ ୨୬ ନଂ ଜାତୀୟ ରାଜପଥରେ ଭୟଙ୍କର ସଡ଼କ ଦୁର୍ଘଟଣାରେ ଦୁଇ ଯୁବକ ମୃତ ହୋଇଛି।



ଘଟଣାରେ ନବରଙ୍ଗପୁର ପାର୍ଶ୍ୱରୁ ଆସୁଥିବା ଏକ ବୋଲେରୋ ଓଡି୧୦ଏଏ ୦୪୫୬ ଗାଡ଼ିଟି ସାମ୍ନା ପଟ ତଥା ଜୟପୁର ପାର୍ଶ୍ୱରୁ ଆସୁଥିବା ଦୁଇଟି ସ୍କୁଟି ଓଡି୧୦ ଏନ୍ ୭୨୮୨ ଏବଂ ଓଡି୧୦ଏ ୪୭୬୨ କୁ ଧକ୍କା ଦେଇଥିଲା ଫଳରେ ଦୁଇ ଯୁବକ ମୃତ୍ୟୁବରଣ କରିଛନ୍ତି। ଏମିତି ହୃଦୟ ବିଦାରକ ଘଟଣା ଜୟପୁର ସହର ନିକଟସ୍ଥ ଉମୁରି ଗ୍ରାମ ୨୬ ନଂ ଜାତୀୟ ରାଜପଥରେ ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ଉମୁରି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଯୁବକ ଗୁରୁତର ଥିବା ବେଳେ ତାଙ୍କୁ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଥିବା ଯୋଗୁଁ ପରିବାର ଲୋକେ ତାଙ୍କୁ ବିଶାଖାପାଟଣା ମେଡ଼ିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଦୁଇ ଯୁବକ ହେଉଛନ୍ତି ଜଣେ ସ୍ଥାନୀୟ ଉମୁରି ଗ୍ରାମର ବିବେକ ନାୟକ ବୟସ ୩୩ ଏବଂ ଅନ୍ୟ ଜଣେ ଜୟପୁର ନୂଆ ସାହି ପାର୍କ ଲାଇନ୍ ର ଶତିସ କୁମାର ସାହୁ ବୟସ ୩୨ ବୋଲି ଜଣାପଡିଛି। ଏହାକୁନେଇ ଗତକାଲି ମୃତ ବିବେକଙ୍କ ପରିବାର ଲୋକେ କିଛି ସମୟ ପାଇଁ ୨୬ନଂ ଜାତୀୟ ରାଜପଥ ଅବରୋଧ କରି ତାଙ୍କର କ୍ଷତିପୂରଣ ଦାବି କରିଥିଲେ।

# ମିନି ଷ୍ଟାଡିୟମରୁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବି




ରାଇରଙ୍ଗପୁର/ବହଳଦା, ୨୨।୨ (ନିପ୍ର) ମୟୁରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ଅନ୍ତର୍ଗତ ନାରାନପୁର ସ୍ଥିତ ବିଦୁଚାନ୍ଦାନ ମାର୍ଶାଲ ମିନି ଷ୍ଟାଡିୟମ ମଧ୍ୟରେ ଥିବା ୧୧ କେଭି ଓ ୩୩ କେଭି ଯୁକ୍ତ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ପାଁ ଦାବି କରାଯାଛି। ନିକଟରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ଓ ଆଦିବାସୀଙ୍କ ବାହାପର୍ବ (ଫୁଲପୂଜା) ଉତ୍ସବ ଉପଲକ୍ଷେ ଏଠାରେ ହଜାର ହଜାର ଲୋକଙ୍କ ସମାଗମ ଘଟିବ। କିନ୍ତୁ ବିଦ୍ୟୁତ ଖୁଣ୍ଟ ଯୋଗୁ ବିପଦ ରହିଛି। ଉଚ୍ଚ ଭୋଲଟେଜ ସମ୍ପନ୍ନ ଓଭରହେଡ ତାରକୁ ଇନସୁଲେଟର ଅଥବା ପ୍ଲାଷ୍ଟିକ ପାଇପ ଦ୍ୱାରା ଆବୃତ ରିବା ପାଇଁ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଞ୍ଚୀ-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥ କୋଡରେ ରହିଛି ଏହି ମିନିଷ୍ଟାଡିୟମ। ତତ୍କାଳୀନ କ୍ରୀଡାମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଉଦ୍ୟମରେ ସରକାରଙ୍କ ପକ୍ଷରୁ ମିଳିଥିବା ଆର୍ଥିକ ସହାୟତାରେ ଖେଳପଡିଆର ଉନ୍ନତ୍ତିକରଣ ସହିତ ଆଂଶିକ ରୁପେ ପାଚେରି ନିର୍ମାଣ କରାଯଇଛି। ବିଦ୍ୟୁତ ଖୁଣ୍ଟ ଓ ଓଭରହେଡ ତାର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ଠାରୁ ଅନ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନାହାନ୍ତି। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ନେତା ପରେଶଚନ୍ଦ୍ର ମୁଣ୍ଡା ଚେତାବନୀ ଦେଇଛନ୍ତି।

### ଟି-୨୦ ବିଶ୍ୱକପ ସୁପର-୮ ମୁକାବିଲା

# ଶ୍ରୀଲଙ୍କାକୁ ଧରାଶାୟୀ କଲା ଇଂଲଣ୍ଡ




ପାଲେକେଲେ,୨୨।୨(ଏଜେନ୍ସି): ଚଳିତ ଟି-୨୦ କ୍ରିକେଟ ବିଶ୍ୱକପର ସୁପର-୮ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚରେ ଶ୍ରୀଲଙ୍କାକୁ ୯୫ ରନରେ ଅଲଆଉଟ କରି ଇଂଲଣ୍ଡ ବୃହତ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ ପାଲେକେଲେ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରିବା ପରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ବିନିମୟରେ କରିଥିଲା ୧୪୬ ରନ। ଓପନର ଫିଲିପ ସଲ୍ଟ ଏକମାତ୍ର ସଫଳ ବ୍ୟାଟର ଭାବେ ୬୨ ରନ କରିଥିବା ବେଳେ ଅନ୍ୟ ମାନଙ୍କ ପ୍ରଦର୍ଶନ ନୈରାଶ୍ୟ ଜନକ ଥିଲା। ତଥାପି ସମସ୍ତଙ୍କର ଅଳ୍ପ ବହୁତ ଅବଦାନ ବଳରେ ଇଂଲଣ୍ଡ ୧୪୬ ରନ କରି ପାରିଥିଲା। ଶ୍ରୀଲଙ୍କା ପକ୍ଷରୁ ଦୁନିଥ ୱାଲାଗେ ସର୍ବାଧିକ ୩ ଓ ଦିଲସନ ମଦୁଶଙ୍କା ଏବଂ ମାହିଶା ତୀକ୍ଷଣା ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଶ୍ରୀଲଙ୍କା ୧୪୭ ରନ ବିଜୟ ଟାର୍ଗେଟକୁ ପିଛା କରି ୧୬.୨ ଓଭରରେ ୯୫ ରନ କରି ଅଲଆଉଟ ହୋଇ ଯାଇଥିଲା। ଅଧିନାୟକ ଦାସୁନ ଶନକ ସର୍ବାଧିକ ୩୦ ରନ କରିଥିବା ବେଳେ ୭ ଜଣ ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋର ଛୁଇଁ ପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ୱିଲ ଜ୍ୟାକ୍ସ ସର୍ବାଧିକ ୩ ଏବଂ ଜୋଫ୍ରା ଆର୍ଚର, ଲିଆମ ଡଓ୍ୱସନ ଓ ଅଦିଲ ରସିଦ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରି ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ।

## ପଞ୍ଚମ ସଦାନନ୍ଦ ସ୍ୱାଇଁ ସ୍ମାରକୀ ଷ୍ଟେଟ୍ ସ୍କୁଲ ଓପନ ଚେସ: ଅରିଶ ନନ୍ଦ ଚାମ୍ପିଅନ



ଭୁବନେଶ୍ୱର,୨୨।୨(ନି.ପ୍ର): ଓଡିଶା ଷ୍ଟେଟ୍ ଚେସ ଆସୋସିଏସନ ଓ କେଶୁରା ରୟାଲ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ପଞ୍ଚମ ସଦାନନ୍ଦ ସ୍ୱାଇଁ ସ୍ମାରକୀ ଷ୍ଟେଟ୍ ସ୍କୁଲ ଓପନ ଚେସ ଚାମ୍ପିଅନଶିପ ଚଳିତ ଫେବୃଆରୀ ୨୨ ତାରିଖ ଦିନ ସ୍ଥାନୀୟ କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ଠାରେ ଅନୁଷ୍ଠିତ ହୋଇ ଯାଇଛି। କେଶୁରା ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଚାମ୍ପିଅନଶିପକୁ ଉଦଘାଟନ କରିଥିଲେ। ଭୁବନେଶ୍ୱର ଆଇଆଇଟିର ଆସୋସିଏଟ ପ୍ରଫେସର ଡ. ଶ୍ରନିବାସ ରାମାନୁଜମ କାନନ ,ପୂର୍ବତନ ନ୍ୟାସନାଲ ଚେସ ଖେଳାଳି ସଙ୍ଘମିତ୍ରା ସିଂ, ରୟାଲ ପବ୍ଲିକ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଜ୍ଞା ପରମିତା ସାହୁ , ଓଡିଶା ଷ୍ଟେଟ୍ ଚେସ୍ ଆସୋସିଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ସଦାନନ୍ଦ ସ୍ୱାଇଁଙ୍କ ଏକମାତ୍ର କନ୍ୟା ସୁମିତ୍ରା ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଚାରି ରାଉଣ୍ଡ ସମାପ୍ତ ପରେ ଫାଇନାଲ ର୍ୟାଙ୍କିଂ-ଭୁବନେଶ୍ୱର ୟୁନିଟ-୮ ସ୍ଥିତ୍ ଡିଏଭି ପବ୍ଲିକ ସ୍କୁଲର ଅରିଶ ନନ୍ଦ ଗୋସ୍ୱାମୀ ସର୍ବାଧିକ ୩.୦ ପଏଣ୍ଟ ସହିତ ଟିବି୧ ଓ ଟିବି୨ରେ ଅଗ୍ରଣୀ ହାସଲ କରି ଚାମ୍ପିଅନ ହୋଇଥିବା ବେଳେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆୟୁଷ୍ମାନ ବେହେରା, ନୟାପଲ୍ଲୀ ସ୍ଥିତ୍ ନାରାୟଣ ଇ-ଟେକ୍ନୋ ସ୍କୁଲର ଆୟାବନ୍ତ ମହାନ୍ତି , ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ସ୍ୱସ୍ତିକ ବେହରା ଓ ଭୁବନେଶ୍ୱର ୟୁନିଟ-୮ ସ୍ଥିତ୍ ଡିଏଭି ପବ୍ଲିକ ସ୍କୁଲର ଅତିଶ ନନ୍ଦ ଗୋସ୍ୱାମୀ ପ୍ରତ୍ୟେକ ୩.୦ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟ,ତୃତୀୟ,ଚତୁର୍ଥ ଓ ପଞ୍ଚମ ସ୍ଥାନ ପାଇଛନ୍ତି। ଏଜ ଗ୍ରୁପ ପାଇଜ: ୯ ବର୍ଷରୁ କମ ବର୍ଗରେ- ରଚିତ ସେନାପତି ପ୍ରଥମ, ସନ୍ନଭି ପ୍ରେୟାଂଶୀ ଦ୍ୱିତୀୟ, ୧୧ ବର୍ଷରୁ କମ ବର୍ଗରେ ସତଭିକ୍ ମହାନ୍ତି ପ୍ରଥମ, ଅଦଭିକ ମହାନ୍ତି ଦ୍ୱିତୀୟ, ଓ ୧୩ ବର୍ଷରୁ କମ ବର୍ଗରେ ସାଇ କ୍ରିଷ୍ଣା ସାମଲ ପ୍ରଥମ ଓ ଆରିୟାନ ଦାସ୍ ଦ୍ୱିତୀୟ ହୋଇଥିବା ବେଳେ ବାଳିକା ବର୍ଗରେ ସାଏଶା ସାହୁ ପ୍ରଥମ ଓ ହୃଦୟ ଶ୍ରୀନିବାସା ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହା ସହିତ ଶ୍ରଦ୍ଧା ସ୍ୱରୂପ ସାହୁଙ୍କୁ ସ୍ପେଶାଲ ପୁରସ୍କାର ପ୍ରଦାନ କରା ଯାଇଛି।

## ଦିନରେ ଲାଇଟ ଜଳି ବିଦ୍ୟୁତ ଅପଚୟ, ନିଘୋଡ଼ ନିଦରେ ବିଦ୍ୟୁତ କର୍ମଚାରୀ




କଣ୍ଟିଲୋ,୨୨।୨(ନି.ପ୍ର): ମାନ୍ୟବର ରାଜ୍ୟ ସରକାର ରାଜ୍ୟରେ ଆଦୌ ବିଦ୍ୟୁତକାଟ ହେବନାହିଁ ବୋଲି ଘୋଷଣା କରୁଥିଲେ ହେଁ, ଖରା, ବର୍ଷା ଓ ଶୀତ ଏହି ତିନି ଋତୁରେ ବିଦ୍ୟୁ ବିଭାଗ ଦ୍ୱାରା ଅଧିକାଂଶ ସମୟରେ ଅଘୋଷିତ ବିଦ୍ୟୁତ କାଟ ହେଉ ଥିବାରୁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ୍ ବିଭାଗ ଅଧିକାରୀ ମାନେ ବିଦ୍ୟୁତ୍ ସଞ୍ଚୟ ପାଇଁ ବିଦ୍ୟୁତ୍ କାଟ କରୁଥିଲେ ହେଁ, ଏପଟେ ଦିନରାତି ୨୪ ଘଣ୍ଟା ଷ୍ଟ୍ରିଟ ଲାଇଟ୍ ଜଳୁଥିବା ଓ ନିଜ ନିଜର କାର୍ଯ୍ୟାଳୟରେ ଲାଇଟ୍ ନ ଲିଭାଇବା ଓ ପଙ୍ଖା ଅନବରତ ବୁଲାଇ ବିଦ୍ୟୁତ୍ ଅପଚୟ କରୁଥିବାର ସ୍ପଷ୍ଟ ପ୍ରମାଣ ମିଳୁଛି । ଚଳିତ ବର୍ଷ ଫେବୃଆରୀ ମାସ ଅଧାରୁ ଗରମ ଅନୁଭବ ହେଉଥିବାର ଦେଖା ଗଲାଣି । ଆସୁଥିବା ଗ୍ରୀଷ୍ମ ଋତୁ ୪ ମାସ ଭୀଷଣ ଭାବେ ରୌଦ୍ର ତାପ ଯୋଗୁ ସନ୍ ଷ୍ଟ୍ରୋକ ନିଶ୍ଚିତ ଭାବେ ହେବାର ବହୁ ସମ୍ଭାବନା ବୋଲି ପୂର୍ବାନୁମାନ ସର୍ଭେ ରିପୋର୍ଟରୁ କରାଯାଇଛି । ବୁଦ୍ଧିଜୀବୀ ମାନଙ୍କ ମତରେ ଏବେଠାରୁ ବିଦ୍ୟୁ ଅପଚୟ ନ କରି ସଞ୍ଚୟ କରିବା ନିହାତି ଆବଶ୍ୟକଛ ଅଞ୍ଚଳର ଅଧିବାସୀ ମାନଙ୍କର ଦୁର୍ଭାଗ୍ୟ ଯେ,ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସରକାରଙ୍କ ଠାରୁ ମାସକୁ ମାସ ଦରମା ଗ୍ରହଣ କରି ନିଜ ନିଜର କର୍ତ୍ତବ୍ୟକୁ ଭୁଲି ଯାଇ ଅଚିନ୍ତାରେ ନିଘୋଡ଼ ନିଦରେ ଶୋଇ ଯାଇଛନ୍ତିଛ ଯାହା ଫଳରେ ଷ୍ଟ୍ରିଟ ଲାଇଟ୍ କଣ୍ଟିଲୋ ବଜାର ଛକରେ ୨୪ ଘଣ୍ଟା ଜଳିକି ରହୁଛି । ତେଣୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଅଚିନ୍ତା ନିଘୋଡ଼ ନିଦରେ ନ ଶୋଇ ନିଜର କର୍ତ୍ତବ୍ୟ ଠିକ୍ ଭାବେ ସମ୍ପର୍ଣ୍ଣ କରି ଅଯଥା ବିଦ୍ୟୁତ୍ ଅପଚୟକୁ ରୋକିବା ପାଇଁ ବିଦ୍ୟୁତ ବିଭାଗର ଅଧିକାରୀ ଓ ଜିଲ୍ଲାପାଳ ନୟାଗଡ଼ଙ୍କ ନିକଟରେ ଏ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

## ନୂତନ ପଞ୍ଚ୍-ଇଭି ସହିତ ମୁଖ୍ୟଧାରାର ଇଭି ଗ୍ରହଣକୁ ତ୍ୱରାନ୍ୱିତ କରିଛି ଟାଟା-ଇଭି




ମୁମ୍ବାଇ,୨୨।୨ (ଏଜେନ୍ସି): ଇଭି ମୁଖ୍ୟଧାରାକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପରେ, ଟାଟା-ଇଭି, ଭାରତର ଶୂନ୍ୟ ନିର୍ଗମନ ବ୍ୟକ୍ତିଗତ ଗତିଶୀଳତା ସମାଧାନର ଅଗ୍ରଣୀ ପ୍ରଦାନକାରୀ, ଆଜି ଏହାର ଲୋକପ୍ରିୟ ପଞ୍ଚ୍-ଇଭିର ନୂତନ ଅବତାର ଲଞ୍ଚ କରିଛି, ଯାହା ଭାରତରେ ଗଣ ଗ୍ରହଣର ପରବର୍ତ୍ତୀ ଲହର ଆରମ୍ଭ କରିଛିଛ ପ୍ରବେଶ ସ୍ତରର ବୈଦ୍ୟୁତିକ ଗତିଶୀଳତାକୁ ଗଣତାନ୍ତ୍ରିକ କରିବା ପାଇଁ ଡିଜାଇନ୍ କରାଯାଇଥିବା, ନୂତନ ପଞ୍ଚ୍-ଇଭି ଗ୍ରାହକମାନେ କେବଳ ସେମାନଙ୍କର ପ୍ରଥମ ବୈଦ୍ୟୁତିକ କାର ନୁହେଁ ବରଂ ସେମାନଙ୍କର ପ୍ରଥମ ଘରୋଇ କାରରେ ଚାହୁଁଥିବା ସବୁକିଛିକୁ ଏକତ୍ରିତ କରେ, ଇଭି ମାଲିକାନା ସୀମିତ କରୁଥିବା ପ୍ରମୁଖ ପ୍ରତିବନ୍ଧକଗୁଡ଼ିକୁ ସାମଗ୍ରିକ ଭାବରେ ସମ୍ବୋଧିତ କରି - ସୁଲଭତା, ପରିସର ଆତ୍ମବିଶ୍ୱାସ, ଚାର୍ଜିଂ ସୁବିଧା ଏବଂ ବ୍ୟାଟେରୀ ନିଶ୍ଚିତତା ଏହା ଦ୍ୱାରା ସ୍କେଲରେ ମୁଖ୍ୟଧାରାର ଇଭି ଗ୍ରହଣ ପାଇଁ ସମ୍ପୂର୍ଣ୍ଣ ସମୀକରଣ ସମାଧାନ କରେ । ମାତ୍ର ''୯.୬୯ ଲକ୍ଷ (ଏକ୍ସ-ଶୋରୁମ୍, ମୁମ୍ବାଇ) ର ଏକ ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟରେ ଲଞ୍ଚ ହୋଇଛି, ନୂତନ ପଞ୍ଚ୍-ଇଭି, ପ୍ରବେଶ ସ୍ତରର ଛୋଟ କାର ସେଗମେଣ୍ଟରେ ଆସିଆଇ ଅଫରିଂ ସହିତ ଇଭି ମାଲିକାନା ରାସ୍ତା ଉପରେ ମୂଲ୍ୟ ସମାନତାକୁ ଆଣିଥାଏ । ଟାଟା-ଇଭି ମଧ୍ୟ ବାସ୍‌ର ବିକଳ୍ପ ପ୍ରଦାନ କରୁଛି, ଯାହା ''୬.୪୯ ଲକ୍ଷରୁ ଆରମ୍ଭ ହୋଇ ''୨.୬ /kmର ବ୍ୟାଟେରୀ ଇଏମ୍‌ଆଇ ସହିତ ଗ୍ରାହକମାନଙ୍କ ପାଇଁ ଏକ ବିକଳ୍ପ ଆର୍ଥିକ ବିକଳ୍ପକୁ ସକ୍ଷମ କରୁଛି । ନୂତନ Tata Motors Passenger Vehicle Ltd. ଏବଂ Tata Passenger Electric Mobility Ltd.ର ପରିଚାଳନା ନିର୍ଦ୍ଦେଶକ ଶୈଳେଶ ଚନ୍ଦ୍ର କହିଛନ୍ତି, ନୂତନ ପଞ୍ଚ୍-ଇଭି, ପ୍ରତ୍ୟେକ ପରିବାର ପାଇଁ ବୈଦ୍ୟୁତିକ ଗତିଶୀଳତାକୁ ପ୍ରକୃତରେ ସୁଗମ, ବ୍ୟବହାରିକ ଏବଂ ଚିନ୍ତାମୁକ୍ତ କରିଥାଏଛ ୩୫୫ କିଲୋମିଟରର ଏକ ବାସ୍ତବ-ବିଶ୍ୱ ପରିସର, ଦ୍ରୁତ ଚାର୍ଜିଂ କ୍ଷମତା, ଏକ ଜୀବନବ୍ୟାପୀ ଏଚ୍‌ଭି ବ୍ୟାଟେରୀ ୱାରେଣ୍ଟି ଏବଂ ଏକ ଅତ୍ୟନ୍ତ ସୁଲଭ ମୂଲ୍ୟ ବିନ୍ଦୁ ସହିତ, ଏହା ସେହି ମୁଖ୍ୟ ଚିନ୍ତାଗୁଡ଼ିକର ସମାଧାନ କରେ ଯାହା ଏପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ସେମାନଙ୍କର ପ୍ରାଥମିକ କାର ଭାବରେ ଏକ ପ୍ରବେଶ ସ୍ତର ଇଭି ବାଛିବାରୁ ବାଛିବାରେ ବାଧା ଦେଇଛି ।

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଉଦ୍‌ଘାଟିତ, ବିଡାନାସୀ ବିଜୟୀ

ଖଣ୍ଡପଡ଼ା,୨୨।୨ (ନି.ପ୍ର): ଖଣ୍ଡପଡା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୁପେ ଏସଡିପିଓ ମଦନମୋହନ ପ୍ରଧାନ,ବିଡିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେଛଉଦଘାଟନୀ ମ୍ୟାଚରେ ବିଡାନାସି କ୍ଲବ କଟକ, ଭଞ୍ଜନଗର ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ବିଜୟ କୁମାର ମଙ୍ଗରାଜ ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ସରୋଜ କୁମାର ମହାରଣା ଓ ପ୍ରସନ୍ନ ନାୟକଛଚତୁର୍ଥ ରେଫରୀ ଭାବେ ସୁବାସ ବେହେରା ଦାୟିତ୍ୱ ତୁଲାଇଥିଲେ । ଲୋକପ୍ରିୟ ଦିବଂଗତ ଜନନେତା ମହେନ୍ଦ୍ର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୬ ବର୍ଷ ଧରି ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଥିବା ବେଳେ ଆସନ୍ତାକାଲି ସୋମବାର ବଜରଙ୍ଗୀ କ୍ଲବ ଘାଟିକିଆ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ୨ୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକଙ୍କ ସୁତ୍ରରୁ ଜଣାପଡିଛି ।

## ୨୭ରେ ବ୍ରତୋପନୟନ କମିଟି ପକ୍ଷରୁ ନିଶୁଳ୍କ ସମୂହବ୍ରତୋପନୟନ

କଣ୍ଟିଲୋ,୨୨।୨(ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ନି ଶୁଳ୍କ ସମୂହ ବ୍ରତୋପନୟନ ଉତ୍ସବ ଆସନ୍ତା ଫେବୃୟାରୀ ମାସ ୨୭ ତାରିଖ ଶୁକ୍ରବାର ଏକାଦଶୀ ତିଥିରେ କଣ୍ଟିଲୋ ପଞ୍ଚମୁଖୀ ହନୁମାନ ଜିଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ବ୍ରତୋପନୟନ କମିଟି ନିଷ୍ପତି ଅନୁସାରେ ସମାଜରେ ଆର୍ଥିକ ସ୍ତରରେ ଦୁର୍ବଳ ଥିବା ବ୍ରାହ୍ମଣ ପରିବାରରେ ବ୍ରତଘର ହେବାକୁ ଥିବା ୮ ବର୍ଷରୁ ଉର୍ଦ୍ଧ୍ୱ ଯୁବକମାନଙ୍କୁ ଅନୁଷ୍ଠାନ ତରଫରୁ ମାଗଣା ରେ ଅନୁଷ୍ଠାନ ସମସ୍ତ ଖର୍ଚ ବହନକରି ବ୍ରତୋପନୟନ କାର୍ଯ୍ୟ କରିଥାନ୍ତି ଛଯେଉଁ ବ୍ୟକ୍ତି ମାନେ ନି ଶୁଳ୍କ( ମାଗଣା) ରେ ନିଜ ପୁଅ,ନାତି,ଭଣଜା,ପୁତୁରା କିମ୍ବା କୌଣସି ସମ୍ପର୍କୀୟଙ୍କ ପୁଅ ର ବ୍ରତଘର କରିବାକୁ ଚାହୁଁ ଥାଆନ୍ତି ତେବେ, ଅନୁଷ୍ଠାନର ମୁଖ୍ୟ ପରିଚାଳକ ଗୋପାଳ ଚନ୍ଦ୍ର ଅଗ୍ରାଲା ଓ ସମ୍ପାଦକ ଲକ୍ଷ୍ମୀଧର ଚିନେରାଙ୍କ ସହିତ ଯଥା କ୍ରମେ ମୋବାଇଲ ନମ୍ବର ୯୩୪୮ ୯୩୭୫୫୧ ଓ ୯୯୩୭୭୧୫୭୦୦ ରେ ଯୋଗ ଯୋଗ କରିବାକୁ ଅନୁଷ୍ଠାନର ସଭାପତି ଓ ସମ୍ପାଦକ ଜଣାଇଛନ୍ତି।

### ସ୍କୁଲ ଛାତ୍ର ଛାତ୍ରୀଙ୍କ ବିପଦଜନକ ଯାତ୍ରା

## ପରିବହନ ବିଭାଗର ନିର୍ଦ୍ଦେଶକୁ ଖୁଲମ ଖୁଲା ଉଲ୍ଲଘଂନ



ଅସ୍ତରଙ୍ଗ, ୨୨।୨ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ର, ଛାତ୍ରୀ ପାଠପଢିବାକୁ ଗାଡିରେ ବିପଦ ଜନକ ଭାବେ ଯାତାୟାତ କରୁଛନ୍ତିଛ ପ୍ରାୟତଃ ବିଦ୍ୟାଳୟ ଗୁଡିକରେ ସମ୍ପୂର୍ଣ ଛାତ୍ର, ଛାତ୍ରୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛିଛ ଏଭଳି ସମୟରେ ବିପଦଜନକ ଭାବେ ଛାତ୍ର ଛାତ୍ରୀଙ୍କୁ ପରିବହନ କରୁଥିବା ଅଟୋ ଓ ମ୍ୟାଜିକ ଗାଡି ଗୁଡିକ ଉପରେ ନିୟନ୍ତ୍ରଣ ଏବଂ ଯାଞ୍ଚ ହେଉନଥିବାରୁ ବିପଦଜନକ ଅବସ୍ଥାରେ ଛାତ୍ର ଛାତ୍ରୀ ଯାତାୟତ କରୁଛନ୍ତି । ସୂଚନା ଯୋଗ୍ୟ ଯେ ଅର୍ଥ ଲୋଭରେ ଅଟୋ ଓ ଚାରି ଚକିଆ ଯାନ ରେ ଛାତ୍ର ଛାତ୍ରୀଙ୍କୁ ବିପଦଜନକ ଭାବେ ପ୍ରତିଦିନ ପରିବହନ କରାଯାଉଛି । ପ୍ରାୟେ ଗାଡିର ଫିଟନେସ ଅଛି କି ନାହିଁ ଯାଞ୍ଚ କରାଯାଉ ନାହିଁ । ଅଟୋ ଚଳାଉଥିବା ଡ୍ରାଇଭର ର ଲାଇସେନ୍ସ ରହିଛି କି ନାହିଁ ତାହାକୁ ବି କେହି ଯାଞ୍ଚ କରୁନାହାନ୍ତି। ନିୟମ ଅନୁସାରେ ଗୋଟିଏ ଅଟୋରେ ୫ଜଣ ଛାତ୍ର ଛାତ୍ରୀ ଙ୍କ ନେବାର ପ୍ରାବଧାନ ଥିବା ବେଳେ ସ୍ଥଳ ବିଶେଷରେ ଗୋଟିଏ ଅଟୋରେ ୧୦ ଜଣରୁ ଅଧିକ ପିଲା ନେଉଥିବା ଦେଖିବାକୁ ମିଳୁଛି । କାକଟପୁର, ଅସ୍ତରଙ୍ଗ, ନୂଆଗଡ ଥାନା ଅଧିକାରୀ, ପୁରୀ ଏସ୍ପି, ଆରଟିଓ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି । ବିଶେଷ କରି ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ସକାଳ ୬ଘ ୧୫ ମିନିଟରୁ ୭ଘ ୩୦ମିନିଟ ଓ ଅପରାହ୍ନରେ ୧୨ ଘରୁ ୨ଘଣ୍ଟିକା ଏବଂ ସରକାରୀ ବିଦ୍ୟାଳୟ ସକାଳ ୮ଘ ୩୦ମିନିଟରୁ ୧୦ଘ ୩୦ମିନିଟ ଓ ଅପରାହ୍ନ ୪ଘ ରୁ ୫ଘ ୩୦ମିନିଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ଏକ କାଳୀନ ଦୁଇ ତିନିଟି ଯାଞ୍ଚ ଟିମ୍ କରି ଦୁଇ ତିନି ଦିନ ଚଢ଼ଉ କରାଗଲେ କିଛି ମାତ୍ରାରେ ଅଘଟଣକୁ ପ୍ରତିହତ କରାଯାଇପାରନ୍ତା । ସ୍କୁଲ ଛାତ୍ର ଛାତ୍ରୀପରିବହନ କରୁଥିବା ଅଟୋ ସହିତ ଭ୍ୟାନ ଓ ଟାଟା ମ୍ୟାଜିକ ଇତ୍ୟାଦି ବି ତନଖି ହେବା ଆବଶ୍ୟକ । କେଉଁ ଗାଡ଼ିରେ କେତେ ପିଲାଙ୍କୁ ନେଇ ପାରିବେ ସେଥି ନିମନ୍ତେ ଆରଟିଓ ନିର୍ଦ୍ଦେଶନାମା ରହିଛି । ଯଦି ଏହା ପ୍ରତି ଦୃଷ୍ଟି ନ ଦିଆଯାଏ ଆଗାମୀ ଦିନରେ କିଛି ଅଘଟଣ ହେଲେ ଦାୟି କିଏ ରହିବେ।

## ସୃଜନ କଳାର ବିକାଶ ହିଁ ସଫଳତା ର ଚାବିକାଠୀ

ନିମାପଡ଼ା,୨୨।୨( ନି.ପ୍ର): ସ୍ଥାନୀୟ ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା ମୋ ଆଶାର ଶୀତ ଆସର ଓ ସୃଜନୀ କର୍ମଶାଳା ଆଜି ସ୍ଥାନୀୟ ବାବା ବୁଦ୍ଧନାଥଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଗ୍ରୁପର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନଙ୍କ ମଧ୍ୟରେ ଗଳ୍ପ କବିତା ପାଠ, ଚିତ୍ରାଙ୍କନ,ଛବି ଦେଖି ଗଳ୍ପ ଓ କବିତା ରଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ଡ଼.ରବୀନ୍ଦ୍ର ନାଥ ପାଢ଼ୀ,ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ,ବସନ୍ତ ସ୍ୱାଇଁ,ଶିକ୍ଷୟିତ୍ରୀ ଗୌରୀ ପ୍ରିୟା ନନ୍ଦ,ଉତ୍କଳ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ସୃଜନ କଳା ଓ ବୁଦ୍ଧିମତାର ବିକାଶ ପାଇଁ ବହି ଓ ପତ୍ର ପତ୍ରିକା ପଠନର ଖୁବ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିବା ସହ ଅଭିଭାବକ ମାନେ ନିଜର ପିଲାମାନଙ୍କୁ ପଠନ ମନସ୍କ ପାଇଁ ବିଭିନ୍ନ ପତ୍ର ପତ୍ରିକା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ପିପିଲି, ୨୨।୨ (ନି.ପ୍ର): ପୁରୀ ଜିଲ୍ଲା ପିପିଲି ଦଣ୍ଡମୁକୁନ୍ଦପୁର ଆପଣମାନେ ଅନେକ ମଠ ମନ୍ଦିର ପ୍ରତିଷ୍ଠା ଉତ୍ସବ ସାଙ୍ଗକୁ ଯଜ୍ଞ ଉତ୍ସବରେ ସାମିଲ ହୋଇଥିବେ । ଆପଣ ଦେଖିବେ ଗୋଟିଏ କି ଦୁଇଟି ନୁହେଁ ୧୪୧ କୁଣ୍ଡରେ ମା' ବଗଳାମୁଖୀଙ୍କ ଉଦ୍ଦେଶ୍ୟରେ କରାଯାଇଛି । ସାତ ଦିନ ଧରି ଚାଲିଥିବା ଏହି ଉତ୍ସବରେ ରାଜ୍ୟ ଏବଂ ବାହାରୁ ଆସିଥିବା ଏକ ହଜାରରୁ ଉର୍ଦ୍ଧ୍ୱ ସାଧୁ ସନ୍ୟାସ ଯୋଗ ଦେଇ ମା' ଙ୍କ ଆବହାନ କରିଥିଲେ । ସାଧାରଣ ଭକ୍ତଙ୍କ ଠାରୁ ଆରମ୍ଭ କରି ସାଧୁ ସନ୍ୟାସି ଏବଂ ରାଜନୈତିକ ବ୍ୟକ୍ତି ବିଶେଷ ଙ୍କ ଆଗମନରେ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ । କରୁଣା ମୟୀ ଅଭୟ ଦାୟିନି ଛ ଭକ୍ତର ସୁଖ ଦୁଃଖର ସେ ଭରସା ମା' ବଗଳାମୁଖୀ ଛ ପ୍ରତିଟି ସମୟରେ ସେ ଭକ୍ତଙ୍କ ସମସ୍ୟାକୁ ଦୂର କରିଥାଏ ସେଥିପାଇଁ ଭକ୍ତଙ୍କ ମନରେ ରହିଛି ଅଗାଧ ବିଶ୍ୱାସ । ମା' ଙ୍କ ନିକଟରେ ଯିଏ ଯେତେବେଳେ କୌଣସି କାର୍ଯ୍ୟରେ ଆସିଥାଏ ମା' ତାହାର କାର୍ଯ୍ୟ ସମ୍ପାଦନ କରିଥାଏ । ସେଥିପାଇଁ ମା' ଙ୍କ ପାଖକୁ ଛୁଟି ଆସିଥାନ୍ତି ବହୁ ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁ । ପ୍ରଥମ ଥର ପାଇଁ ମା' ଙ୍କ ନିକଟରେ କରାଯାଉଛି ୧୪୧ କୁଣ୍ଡିୟ ନିଖିଳ ବ୍ରହ୍ମାଣ୍ଡ ଗାୟତ୍ରୀ ଗୋମାତା ବିଶ୍ୱ ଶାନ୍ତି ମହାଯଜ୍ଞ । ଯେଉଁଥିରେ ସାମିଲ ହୋଇଛନ୍ତି ରାଜ୍ୟ ଏବଂ ରାଜ୍ୟ ବାହାରରୁ ଏକ ହଜାରରୁ ଉର୍ଦ୍ଧ୍ୱ ସାଧୁ ସନ୍ୟାସି । ପିପିଲି ଦାଣ୍ଡମୁକୁନ୍ଦପୁରୁ ବସନ୍ତ ବାଟିକା ରେ ୧୦ଏକର ଜାଗାରେ ଅନୁଷ୍ଠିତ ହୋଇଛି ଏହି ବିଶାଳ ବିଶ୍ୱ କଲ୍ୟାଣ ୧୪୧ ଟି କୁଣ୍ଡଯଜ୍ଞ । ଏହି ଯଜ୍ଞ ରେ ସନ୍ୟାସୀମାନେ ଯଜ୍ଞ କୁଣ୍ଡରେ ଆହୁତି ଦେବା ସହିତ ଓଁ କାର ସାଙ୍ଗକୁ ଘୃତ ଯଜ୍ଞରେ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ । ପୂର୍ଣ୍ଣଚନ୍ଦ୍ର ମିଶ୍ର – ମୁଖ୍ୟ ପଣ୍ଡିତ ଏକ ସଙ୍ଗରେ ୧୪୧ ଯଜ୍ଞ ବେଦୀରେ ସୂର୍ଯ୍ୟପୂଜା ,ଗୋ ପୂଜା, ଶାଳ ପୂଜା, ଦେବତା ଅର୍ଚ୍ଚନ ଅଗ୍ନୀସ୍ଥାପନ ,ରୁଦ୍ରାଭିଷେକ, ଚଣ୍ଡୀପାଠ, ଗୀତାପାଠ, ଗୁରୁ ପୂଜା, ପଞ୍ଚ ମହାପୁରୁଷଙ୍କ ଅର୍ଚ୍ଚନ ଆଦି ଏକ ସମୟରେ୭୭୦ ଜଣ ବ୍ରାହ୍ମଣ ପଣ୍ଡିତ ଙ୍କ ମନ୍ତ୍ର ଉଚ୍ଚାରଣରେ ସମଗ୍ର ଅଂଚଳ ମୁଖରିତ ହୋଇ ଉଠିଥିଲା ଛ ମା'ବଗଳାମୁଖୀଙ୍କ ମନ୍ଦିର ଚତୁପାର୍ଶ୍ୱରେ ଆଧ୍ୟାତ୍ମିକ ବାତାବରଣରେ ପରିପୂର୍ଣ୍ଣ ହୋଇଥିଲା ।

## ମାତୃଭାଷା ଦିବସ ପାଳିତ

କଟକ, ୨୨।୨ (ନି.ପ୍ର): ମହାନଦୀବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ପ୍ରତିମା ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷା ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ଦାଶ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ମାତୃଭାଷା ପ୍ରମୁଖ ନିତମ୍ବିନୀ ମହାନ୍ତି ଉତ୍ସବ ପାଳନର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ବରିଷ୍ଠ ଆଚାର୍ଯ୍ୟ ଜୟଶ୍ରୀ ସ୍ୱାଇଁ ଓ ଆଚାର୍ଯ୍ୟା ସ୍ନିଗ୍ଧାରାଣୀ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁମାନଙ୍କ ମଧ୍ୟରେ ସାହିତ୍ୟିକମାନଙ୍କର ବେଶ ପ୍ରଦର୍ଶନ, ଢ଼ଗଢ଼ମାଳୀ, ରୁଢ଼ି ପ୍ରୟୋଗ, କବିତା ଆବୃତ୍ତି, ଅନ୍ତାକ୍ଷରୀ, ନୃତ୍ୟାଭିନୟ ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା ।

## କର୍ପୋରେଟ ସଷ୍ଟେନବିଲିଟି ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ଉତ୍‌ଥାନ

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): କର୍ପୋରେଟ ସଷ୍ଟେନବିଲିଟି ମୂଲ୍ୟାଙ୍କନ (ସିଏସଏ)ରେ ଜିନ୍ଦଲ ଷ୍ଟିଲର ଉଲ୍ଲେଖନୀୟ ଉତ୍ଥାନ ହୋଇଛି । ୨୦୨୫ ବର୍ଷରେ ଉତ୍ତମ ପ୍ରଦର୍ଶନ ପାଇଁ ସିଏସଏ ସ୍କୋର ୪୨ ପଏଣ୍ଟ ବୃଦ୍ଧି ପାଇ ୭୨ରେ ପହଞ୍ଚିଛି ଏବଂ କମ୍ପାନୀକୁ ୨୦୨୬ ସଷ୍ଟେନେବିଲିଟି ଇୟରବୁକରେ ଏକ ଇୟରବୁକ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ବିଶ୍ୱର ୯୨୦୦ ରୁ ଅଧିକ କମ୍ପାନୀର ମୂଲ୍ୟାଙ୍କନ କରାଯାଇ, ୫୯ଟି ଶିଳ୍ପର ୮୪୮ ଟି କମ୍ପାନୀକୁ ଚୟନ କରାଯାଇଛି । ଇସ୍ପାତରେ, ୧୨୯ଟି ମୂଲ୍ୟାଙ୍କିତ କମ୍ପାନୀ ମଧ୍ୟରୁ ୧୧ଟି କମ୍ପାନୀକୁ ଅନ୍ତର୍ଭୁକ୍ତ କରାଯାଇଛି ଛ ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ଉତ୍ଥାନ ଜିନ୍ଦଲ ଷ୍ଟିଲର ଶକ୍ତିଶାଳୀ ପ୍ରଶାସନ ବ୍ୟବସ୍ଥା, ସୁସଂଗଠିତ ଓ ପାରଦର୍ଶୀ ସୂଚନା ପ୍ରକାଶନ ପ୍ରଣାଳୀ, ଉନ୍ନତ ସାମାଜିକ ପ୍ରଦର୍ଶନ ଏବଂ ସୁଦୃଢ଼ ଜଳବାୟୁ ନିରୀକ୍ଷଣ ବ୍ୟବସ୍ଥାକୁ ପ୍ରତିଫଳିତ କରେ । ଜିନ୍ଦଲ ଷ୍ଟିଲ୍ ଏହାର ସାର୍ବଜନୀନ ସୂଚନା ଅଂଶୀଦାର ହାରକୁ ୯୬ ପ୍ରତିଶତ ବୃଦ୍ଧି କରିଛି । କମ୍ପାନୀ 'ଟ୍ରାନ୍ସପାରେନ୍ସି ଏବଂ ରିପୋର୍ଟିଂ' ରେ ଶତ ପ୍ରତିଶତ ନମ୍ବର ହାସଲ କରିଛି, ଯେତେବେଳେ କି ଶିଳ୍ପର ହାରାହାରି ମାତ୍ର ୪୬ । ୨୦୨୫ ଆର୍ଥିକ ବର୍ଷରେ ଦ୍ୱିମୁଖୀ ଆକଳନ କରିବା ସହ ଜୈବ ବିବିଧତା ସମ୍ପର୍କିତ ଆଶଙ୍କାର ସମୀକ୍ଷା, ପରିବେଶ ସମ୍ପର୍କିତ ଆଶଙ୍କା ସହ ବ୍ୟବସାୟିକ ଆଶଙ୍କା ପରିଚାଳନାକୁ କମ୍ପାନି ପକ୍ଷରୁ ସମ୍ମନ୍ୱିତ ଭାବେ ଆକଳନ କରାଯାଇଛି । ଆର୍ଥିକ ବର୍ଷ ୨୦୨୫ ରେ, କମ୍ପାନୀ ଜୈବ ବିବିଧତା ଏବଂ ଜଳବାୟୁ ରିସ୍କ ମ୍ୟାନେଜମେଣ୍ଟକୁ ଏହାର ବ୍ୟବସାୟ ମଡେଲରେ ସମ୍ମିଳିତ କରିଛି । ଇସ୍ପାତ ଭଳି ଏକ କଠିନ କ୍ଷେତ୍ରରେ ଥିବା ସତ୍ତ୍ୱେ , କମ୍ପାନୀ 'ପରିବେଶ ନୀତି'ରେ ୯୯/୧୦୦ ଏବଂ 'କ୍ଲାଇମେଟ୍ ଗଭର୍ନାନ୍ସ'ରେ ୧୦୦/୧୦୦ ସ୍କୋର କରିଛି । ଜିନ୍ଦଲ ଷ୍ଟିଲ୍ ୨୦୪୭ ସୁଦ୍ଧା 'ନେଟ୍-ଶୂନ୍ୟ' (ଶୂନ୍ୟ କାର୍ବନ ନିର୍ଗମନ) ହାସଲ କରିବା ଏବଂ ୨୦୩୦ ସୁଦ୍ଧା ୩୦% କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ପ୍ରତିବଦ୍ଧ । ଜିନ୍ଦଲ ଷ୍ଟିଲ ଲିମିଟେଡର ପ୍ରେସିଡେଣ୍ଟ ଏବଂ ହେଡ୍ - ସଷ୍ଟେନେବିଲିଟି ଏବଂ ଡିକାର୍ବୋନାଇଜେସନ୍ ନବୀନ ଅହ୍ଲାୱତ କହିଛନ୍ତି, ଏହି ସ୍ୱୀକୃତି ଆମ ଟିମ୍ର କଠିନ ପରିଶ୍ରମର ଫଳ । ଆମେ ଆମର ରିପୋର୍ଟିଙ୍ଗ୍ ଗୁଣବତ୍ତା ଉନ୍ନତ କରିବା ସହିତ ସଷ୍ଟେନେବିଲିଟିକୁ ବ୍ୟବସାୟର ମୂଳ ଅଂଶ କରିବାରେ ଗୁରୁତ୍ୱ ଦେଉଛୁ । ଆମେ ପାରଦର୍ଶୀ ଉପାୟରେ କମ୍ କାର୍ବନ ଉତ୍ସର୍ଜନ ଥିବା ଏବଂ ସୁରକ୍ଷିତ ଇସ୍ପାତ ବ୍ୟବସାୟ ଜାରି ରଖିବୁ । ଜିନ୍ଦଲ ଷ୍ଟିଲ ଭାରତ ପ୍ରମୁଖ ସମନ୍ୱିତ ଇସ୍ପାତ ନିର୍ମାତାଙ୍କ ମଧ୍ୟରୁ ଗୋଟିଏ ଯାହା ନିଜର ଆୟତନ, ସାମର୍ଥ୍ୟ, ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ପାଇଁ ସୁପରିଚିତ । ଖଣିରୁ ଧାତୁ ମଡେଲରେ କାର୍ଯ୍ୟ କରୁଥିବା ଜିନ୍ଦଲ ଷ୍ଟିଲ ନିଜସ୍ୱ ଖଣି ସମ୍ବଳ, ଉନ୍ନତ ବିର୍ନିମାଣ କ୍ଷମତା ଓ ବୈଶ୍ୱିକ ବିତରଣ କ୍ଷମତାର ବ୍ୟବହାର କରି ଉଚ୍ଚମାନର ଇସ୍ପାତ ନିର୍ମାଣକୁ ସୁନିଶ୍ଚିତ କରିଥାଏ । ୧୨ ବିଲିୟନ ଆମେରିକୀୟ ଡଲାରର ନିବେଶ ସହ ଅନୁଗୁଳ, ରାୟଗଡ଼ ଓ ପତ୍ରାତୁ ରେ ଅତ୍ୟାଧୁନିକ ଜ୍ଞାନକୌଶଳସମ୍ପନ୍ନ ପ୍ଲାଣ୍ଟରେ ଉତ୍ପାଦନ ହେଉଛି । ଏହା ସହିତ ସମଗ୍ର ଭାରତ ତଥା ଦକ୍ଷିଣ ଆଫ୍ରିକାରେ ମଧ୍ୟ ବ୍ୟାବସାୟିକ ଭିତ୍ତିଭୂମି ରହିଛି ।

# ଓକେସିଏଲ୍‌ର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୨୨।୨ (ନି.ପ୍ର): ଘରେ ଘରେ ଓଏସ-ସିଆଇଟି - ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତା, ପ୍ରତ୍ୟେକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ଶପଥ ଆହ୍ୱାନ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟରତ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍)ର ବାର୍ଷିକ ମିଟ୍-୨୦୨୬, ତା-୨୧ ଫେବୃଆରୀ ୨୦୨୬ (ଶନିବାର) ଦିନ ଭୁବନେଶ୍ୱରର ରେଳ ଅଡିଟୋରିଅମ୍‌ରେ ଆୟୋଜିତ ହୋଇଥିଲା । ଏହି ଅବସରରେ ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ କାର୍ଯ୍ୟ ବିଭାଗ, ଓଡ଼ିଶା ସରକାର, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେଛ ସେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ ସାକ୍ଷର ରାଜ୍ୟରେ ପରିଣତ କରିବା ପାଇଁ ତାଙ୍କର ଦୃଷ୍ଟିକୋଣ ଓ ରୋଡମ୍ୟାପ ପ୍ରସ୍ତୁତ କରିଥିଲେଛ ନିଜର କରକମଳରେ ଓକେସିଏଲ ଦୁଇଟି ପ୍ରୋଗ୍ରାମ( OS-ACIT, Internship Portal ) କୁ ଆନୁଷ୍ଠାନିକ ଭାବରେ ଉଦଘାଟିତ କଲେ , ଯାହାକି ଆଗାମୀ ଓଡ଼ିଶାର ଯୁବପିଢ଼ିଙ୍କୁ ଏକ ନୂତନ ଦିଗ ପାଇଁ ମାର୍ଗଦର୍ଶକ ହେବ । କାର୍ଯ୍ୟକ୍ରମଟି ଡ଼. ପ୍ରଦୀପ କୁମାର ରାଉତ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓସିଏସି) ଏବଂ ବିଶେଷ ସଚିବ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ସେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଏକ ହଜାରରୁ ଅଧିକ ନିର୍ଦ୍ଦେଶକ, କେନ୍ଦ୍ରମୁଖ୍ୟମାନଙ୍କୁ ସମ୍ବୋଧିତ କରି କ୍ୱରଇକ ଙ୍କ ୨୦୨୫ ମସିହାର ସାର୍ଥକ କାର୍ଯ୍ୟଦକ୍ଷତା ପାଇଁ ସମସ୍ତ ହିତଧାରୀଙ୍କ ଏକତ୍ର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଡ଼. ମନୋରଞ୍ଜନ ପୁଥାଳଙ୍କ ଦୃଢ଼ ନେତୃତ୍ୱ ଓ ପରାମର୍ଶରେ ଆଗାମୀ ବର୍ଷରେ ନୂତନ ସଫଳତାର ଶିଖରକୁ ସ୍ପର୍ଶ କରିବ । ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା କେନ୍ଦ୍ରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ଏବଂ ତାଙ୍କର କରକମଳରେ ଓକେସିଏଲ ସଫଳ ଯାତ୍ରାର ଭିଡ଼ିଓକୁ ଉଦଘାଟିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୋପାଳ, ମଧ୍ୟପ୍ରଦେଶସ୍ଥିତ ନାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଟିଚର୍ସ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଏନ୍‌ଆଇଟିଟିଇଆର୍) ର ଡ଼. ସୁମନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ ଏବଂ ସେ ସମସ୍ତ କ୍ୱରଇକ ନେଟ୍‌ୱର୍କ ସଦସ୍ୟଙ୍କୁ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ । ଓକେସିଏଲ୍‌ର ପ୍ରବନ୍ଧନ ନିର୍ଦ୍ଦେଶକ ଡ଼. ମନୋରଞ୍ଜନ ପୁଥାଳ କହିଥିଲେ ଯେ, ସମଗ୍ର ରାଜ୍ୟରେ ଥିବା ୮୫୦ରୁ ଅଧିକ ଅନୁମୋଦିତ ଶିକ୍ଷା କେନ୍ଦ୍ରମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ହିଁ ନିଗମର ସଫଳତାର ମୂଳ ଆଧାର । ସେ ସୂଚନା ଦେଇଥିଲେ ଯେ, ଓଡ଼ିଶାର ପ୍ରତ୍ୟେକ ଘରକୁ ଡିଜିଟାଲ୍ ସାକ୍ଷରତା ପହଞ୍ଚାଇବା ଓକେସିଏଲ୍‌ର ଲକ୍ଷ୍ୟ । ୨୦୩୦ ସୁଦ୍ଧା ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ବିସ୍ତାର କରି ୨,୫୦୦ରୁ ଅଧିକ କେନ୍ଦ୍ର ସ୍ଥାପନା କରିବା ଏବଂ ପ୍ରତିବର୍ଷ ୫ ଲକ୍ଷରୁ ଅଧିକ ଶିକ୍ଷାର୍ଥୀଙ୍କୁ କୃତ୍ରିମ ବୁଦ୍ଧିମତା ସହ ଡିଜିଟାଲ୍ ସାକ୍ଷରତା ପ୍ରଦାନ କରିବାର ଲକ୍ଷ୍ୟ ଧାରଣ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ AI for All ଏବଂ AI for Good ଆହ୍ୱାନକୁ ମନେ ରଖି ଓକେସିଏଲ୍‌ର ଏହି ବର୍ଷର ସଙ୍କଳ୍ପ ଘୋଷଣା କରିଛି । ଘରେ ଘରେ ଓଏସ-ସିଆଇଟି - ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତା, ପ୍ରତ୍ୟେକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା । ୨୦୨୫ ବର୍ଷ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓକେସିଏଲ୍‌ର ଉଚ୍ଚ କାର୍ଯ୍ୟଦକ୍ଷ ଜିଲ୍ଲା ଲିଡ୍ କୋ-ଅର୍ଡିନେଟର ଏବଂ ଅନୁମୋଦିତ ଲର୍ଣ୍ଣିଂ ସେଣ୍ଟରଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଏମ୍‌କେସିଏଲ୍)ର ନେଟ୍‌ୱାର୍କ ହେଡ୍ ଅତୁଲ ପାଟୋଡି ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଓକେସିଏଲ୍‌ରର ପ୍ରମୁଖ ଓଏସ୍-ସିଆଟି କାର୍ଯ୍ୟକ୍ରମର ଉନ୍ନତ ସଂସ୍କରଣ, ଇ-ସ୍କୁଲ୍ ପ୍ରୟାସ ଓ ନୂତନ ପ୍ରଯୁକ୍ତିମୂଳକ ପରିକଳ୍ପନା ସମ୍ବନ୍ଧୀୟ ବିଶେଷ ପ୍ରସ୍ତୁତିକରଣ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମ ଉତ୍ସାହମୟ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା ।

# ୧୬ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ବ୍ୟାନ ହେବ ସ୍ମାର୍ଟଫୋନ

**ବେଙ୍ଗାଲୁରୁ, ୨୨।୨ (ଏଜେନ୍ସି):** ନିକଟରେ ଭାରତର ଏଆଇ ସମିଟକୁ ଆସି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ସୋସିଆଲ୍ ମିଡିଆର ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ଏବଂ ଅନ୍ୟ ଦେଶ ଭଳି ଭାରତରେ ବି ଏହାକୁ ପିଲାଙ୍କ ପାଇଁ ବ୍ୟାନ୍ କରାଯାଉ ବୋଲି ପରାମର୍ଶ ଦେଇଥିଲେ। ଏବେ କର୍ଣ୍ଣାଟକ କଂଗ୍ରେସ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି। ସୋସିଆଲ୍ ମିଡିଆ ନିଶାର ଖରାପ ପ୍ରଭାବକୁ ଦେଖି ୧୬ ବର୍ଷର କମ ବୟସର ପିଲାଙ୍କ ସ୍ମାର୍ଟଫୋନ୍ ବ୍ୟାନ କରିବାକୁ ଚିନ୍ତା କରୁଛନ୍ତି କର୍ଣ୍ଣାଟକର ସିଦ୍ଧରମେୟା ସରକାର।

ଏନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ଯେ ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି ଏବଂ କ୍ୟାମ୍ପସରେ ନାବାଳକମାନଙ୍କ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ କଟକଣା ଲଗାଯିବା ଉଚିତ କି ନାହିଁ ସେ ବିଷୟରେ ରାଜ୍ୟ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାଇସ୍ ଚାନ୍ସେଲରମାନଙ୍କଠାରୁ ମତାମତ ମଗାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି "ଆଜି ଆମେ ଏହା ଉପରେ ଆଲୋଚନା କରୁଛୁ, ଏବଂ ଯେହେତୁ ଆପଣମାନେ ସମସ୍ତେ ଏଠାରେ ଭାଇସଚାନ୍ସେଲର ଅଛନ୍ତି, ତେଣୁ ଏନେଇ ମୁଁ ଆପଣଙ୍କ ମତାମତ ଚାହୁଁଛି। ପିଲାମାନେ ନିଶାଦ୍ରବ୍ୟର ଶିକାର ହେଉଛନ୍ତି। ତା' ଛଡ଼ା, ଅଷ୍ଟ୍ରେଲିଆ ପରି ବିଭିନ୍ନ ଦେଶରେ ବି ଛାତ୍ରମାନଙ୍କ ପାଇଁ ମୋବାଇଲ୍ ଫୋନ୍ ନିଷେଧ କରିବା ପାଇଁ ଆଲୋଚନା ହେଉଛି। ତେଣୁ ମୁଁ ଏହା ଉପରେ ଆପଣଙ୍କର ମତାମତ ଚାହୁଁଛି। ଆମେ ଏହା ଉପରେ ନଜର ରଖିଛୁ।"




ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୋସିଆଲ ମିଡିଆ ପ୍ରତି ବଢୁଥିବା ଆଗ୍ରହକୁ ଦେଖି ଚେତାବନୀ ଦେଇଛନ୍ତି ଏବଂ କହିଛନ୍ତି ଯେ ଅତ୍ୟଧିକ ଏକ୍ସପୋଜର ବ୍ୟବହାରକୁ ପ୍ରଭାବିତ କରୁଛି। ଶିକ୍ଷା ରେଜଲ୍ଟ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ନିଶା ସେବନ ପ୍ରତି ବିପଦ ମଧ୍ୟ ବୃଦ୍ଧି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, କର୍ଣ୍ଣାଟକର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି/ବିଟି ମନ୍ତ୍ରୀ ପ୍ରିୟଙ୍କ ଖଡ଼ଗେ ମଧ୍ୟ ଶୁକ୍ରବାର ବିଧାନସଭାରେ ଏନେଇ ଚିନ୍ତା ବ୍ୟକ୍ତ କରିଥିଲେ। ଏବଂ କହିଥିଲେ ଯେ ଆମେ ବିଶେଷକରି ପିଲାମାନଙ୍କ ଦ୍ୱାରା ଏଆଇ ଏବଂ ସୋସିଆଲ ମିଡିଆର ବ୍ୟବହାର ସିମୀତ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରୁଛୁ। ଭାରତର ଗୋଆ ଓ ଆନ୍ଧ୍ର ପ୍ରଦେଶର ମଧ୍ୟ ସମାନ ସ୍ଥିତି ନେଇ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଆନ୍ଧ୍ରପ୍ରଦେଶ ଏନେଇ ଆଇନ ଆଣିପାରେ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ ନାରା ଲୋକେଶ ସୂଚନା ଦେଇଛନ୍ତି।

## ସରଣ୍ଡାରେ ଆଇଇଡି ବିସ୍ଫୋରଣ, ୨ ଯବାନ ଆହତ



**ଝାଡ଼ଖଣ୍ଡ, ୨୨।୨ (ଏଜେନ୍ସି):** ଶନିବାର ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାରେ ମାଓ ବିରୋଧୀ ଅଭିଯାନ ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ସରଣ୍ଡାର ଘନ ଜଙ୍ଗଲରେ ନକ୍ସଲମାନଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ବିସ୍ଫୋରଣ ହେବାରୁ ସିଆରପିଏଫର ୨୦୯ତମ କୋବ୍ରା ବାଟାଲିୟନର ୨ ଜଣ ସୈନିକ ଆହତ ହୋଇଛନ୍ତି । ଆହତ ସୈନିକଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଛୋଟା ନାଗରା ପୋଲିସ ଷ୍ଟେସନ ଅଞ୍ଚଳର ଚାଦ୍ରି ଡେରା ଗାଁ ନିକଟରେ ଏହି ଘଟଣା ଘଟିଛି । ଜିଲ୍ଲା ପୋଲିସ ଏବଂ ସିଆରପିଏଫର ଏକ ଟିମ୍ ଏହି ବିଦ୍ରୋହୀ ପ୍ରଭାବିତ ଅଞ୍ଚଳରେ ପ୍ରତିବନ୍ଧିତ ସଂଗଠନ ଭାକପା (ମାଓବାଦୀ)ର କ୍ୟାଡରଙ୍କ ବିରୋଧରେ ଏକ ସର୍ଚ୍ଚ ଅପରେସନ୍ କରୁଥିଲେ । ସେହି ସମୟରେ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ଏକ ପ୍ରେସର ଆଇଇଡି ଉପରେ ସୁରକ୍ଷା କର୍ମୀମାନେ ପାଦ ଦେଇଥିଲେ । ଯାହା ଫଳରେ ଭୟଙ୍କର ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ପରେ ତୁରନ୍ତ ଆହତ ସୈନିକମାନଙ୍କୁ ଜଙ୍ଗଲରୁ ବାହାରକୁ ଆଣି ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ସେମାନଙ୍କ ଉନ୍ନତ ଚିକିତ୍ସା ପାଇଁ ହେଲିକପ୍ଟର ମାଧ୍ୟମରେ ରାଞ୍ଚିକୁ ନିଆଯାଇଥିଲା ।

ଅନ୍ୟପଟେ ଆକ୍ରମଣ ପରେ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି କମ୍ବିଂ ଅପରେସନକୁ ଜୋରଦାର କରିଛି । ଜିଲ୍ଲା ପ୍ରଶାସନ ସ୍ଥାନୀୟ ଗ୍ରାମବାସୀଙ୍କୁ ବିନା କାରଣରେ ଜଙ୍ଗଲ ଭିତରକୁ ନ ଯିବାକୁ ଏବଂ କୌଣସି ସନ୍ଦିଗ୍ଧ ଜିନିଷ କିମ୍ବା ଗତିବିଧି ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ନିବେଦନ କରିଛି ।

## ଯୌନ ନିର୍ଯାତନା: ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

**ଲକ୍ଷ୍ନୌ, ୨୨।୨ (ଏଜେନ୍ସି):** ଉତ୍ତରାଖଣ୍ଡ ବଦ୍ରିନାଥସ୍ଥିତ ଜ୍ୟୋର୍ତିମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ଶିଶୁ ଯୌନ ନିର୍ଯ୍ୟାତନା ମାମଲା ରୁଜୁ କରିବାକୁ ଆହ୍ଲାବାଦସ୍ଥିତ ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଶାକୁମ୍ବରୀ ପୀଠାଧୀଶ୍ୱର ଆଶୁତୋଷ ବ୍ରହ୍ମଚାରୀ ମହାରାଜ ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲାବେଳେ ଶନିବାର ଶୁଣାଣି ହୋଇଥିଲା। ଏହାପରେ ସମ୍ପୃକ୍ତ ଅଦାଲତ ଅଭିମୁକ୍ତେଶ୍ୱରାନନ୍ଦ ଏବଂ ତାଙ୍କ ଶିଷ୍ୟ ସ୍ୱାମୀ ମୁକୁନ୍ଦାନନ୍ଦ ଗିରିଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଘଟଣାର ଯାଞ୍ଚ କରି ତୁରନ୍ତ ରିପୋର୍ଟ ଦେବାକୁ କୋର୍ଟ କହିଛନ୍ତି।



## ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୧୭ ମୃତ

**ପାକିସ୍ତାନ, ୨୨।୨ (ଏଜେନ୍ସି):** ପାକିସ୍ତାନ ଆଫଗାନିସ୍ତାନ ଉପରେ ଏକ ବଡ଼ ଏୟାରଷ୍ଟ୍ରାଇକ୍ କରିଛି । ପାକିସ୍ତାନ ପୁଣି ଥରେ ଆଫଗାନିସ୍ତାନରେ ପଶି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଆକ୍ରମଣଗୁଡ଼ିକ ଆଫଗାନିସ୍ତାନର ଘନି ଖେଲୋ ଏବଂ ଗରଦା ସାମିଆ ଜିଲ୍ଲାରେ ହୋଇଥିବା ଜଣାପଡିଛି । ଯେଉଁ ଆକ୍ରମଣରେ ସାଧାରଣ ନାଗରିକଙ୍କ ଆବାସିକ ଅଞ୍ଚଳକୁ ଟାର୍ଗେଟ କରାଯାଇଛି । ଫଳରେ ୧୭ ଜଣ ଆଫଗାନିସ୍ତାନ ନାଗରିକଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ପାକିସ୍ତାନୀ ସେନା ଏକ ବିମାନ ଆକ୍ରମଣ ସମୟରେ ପାକଟିକାର ବାରମଲ୍ ଜିଲ୍ଲାରେ ଏକ ମଦ୍ରାସାକୁ ଟାର୍ଗେଟ କରିଥିଲା । ଏହି ଆକ୍ରମଣରେ ମଦ୍ରାସା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା। ଉରଗୁନ୍ ଜିଲ୍ଲା ସହିତ ନଙ୍ଗରହାରର ଖୋଗିଆନି, ବେହସୁଦ୍ ଏବଂ ଘନି ଖେଲ ଜିଲ୍ଲାରେ ମଧ୍ୟ ଏୟାରଷ୍ଟ୍ରାଇକ୍ କରିଥିଲା ।



ଏହାରି ମଧ୍ୟରେ ଆଫଗାନିସ୍ତାନ ସୀମା ଆରପାରିରେ ୭ଟି ଆତଙ୍କବାଦୀ ଶିବିର ଏବଂ ଆଡ୍ଡାକୁ ଟାର୍ଗେଟ କରି ବିମାନ ଆକ୍ରମଣ କରିଛି ବୋଲି ପାକିସ୍ତାନ ଦାବି କରିଛି । ପାକିସ୍ତାନ କହିଛି ଯେ, ଏହି ଆଡ୍ଡାଗୁଡ଼ିକ ତେହରିକ-ଏ-ତାଲିବାନ ପାକିସ୍ତାନ ଏବଂ ଇସଲାମିକ୍ ଷ୍ଟେଟ୍-ଖୋରାସାନ ସହିତ ଜଡିତ ବ୍ୟକ୍ତିମାନଙ୍କର ଥିଲା । ଆହୁରି ମଧ୍ୟ ପାକିସ୍ତାନ କହିଛି ଯେ, ଇସଲାମାବାଦ, ବାଜୌର ଏବଂ ବାନ୍ନୁର ଇମାମ ବାରଗାରେ ହୋଇଥିବା ବିସ୍ଫୋରଣ ସମେତ ସମ୍ପ୍ରତି ଆତ୍ମଘାତୀ ଆକ୍ରମଣର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଅନ୍ୟପଟେ ପାକିସ୍ତାନ ଦୀର୍ଘ ସମୟ ଧରି ଅନ୍ତର୍ଜାତୀୟ ଯାଞ୍ଚର ସମ୍ମୁଖୀନ ହୋଇଆସୁଛି ।

## ତାରିକ ରହମାନ ଆସିବା ପରେ ଭାରତ ପାଇଁ ସୁଧୁରୁଛି ସମ୍ପର୍କ

**ନୂଆଦିଲ୍ଲୀ/ଢାକା, ୨୨।୨ (ଏଜେନ୍ସି):** ନୂତନ ସରକାର ଗଠନ ହେବା ସହିତ, ବାଂଲାଦେଶ ଭାରତ ସହିତ ସମ୍ପର୍କ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛି। ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ ରବିବାର କହିଛନ୍ତି ଯେ ସୋମବାରଠାରୁ ଭାରତରେ ଥିବା ବାଂଲାଦେଶୀ କୂଟନୈତିକ ମିଶନରେ ପର୍ଯ୍ୟଟକ ଭିଜା ସେବା ପୁନର୍ବାର ଆରମ୍ଭ ହେବ।



ସୁରକ୍ଷା କାରଣ ଦର୍ଶାଇ ବାଂଲାଦେଶ ସରକାର ଭାରତରେ ଥିବା ଏହାର କୂଟନୈତିକ ମିଶନରେ ପର୍ଯ୍ୟଟକ ଭିଜା ସେବା ସ୍ଥଗିତ ରଖିଥିଲେ। ତଥାପି, ନିର୍ବାଚନ ପରେ ପରିସ୍ଥିତି ବଦଳି ଯାଇଛି ଏବଂ ସୋମବାରଠାରୁ ଭିଜା ସେବା ସମ୍ପୂର୍ଣ୍ଣ ଭାବରେ ପୁନଃ ଆରମ୍ଭ ହେବ।

ଅଧିକାରୀ କହିଛନ୍ତି, 'ଦିଲ୍ଲୀରେ ଥିବା ବାଂଲାଦେଶ ହାଇକମିଶନ ଏବଂ ଗୁଆହାଟି, ଅଗରତାଲା, ମୁମ୍ବାଇ ଏବଂ କୋଲକାତା ଭଳି ବିଭିନ୍ନ ଭାରତୀୟ ସହରଗୁଡ଼ିକରେ ଥିବା ଆମର କୂଟନୈତିକ ମିଶନରେ ଅନ୍ୟାନ୍ୟ ଭିଜା ସେବା ଜାରି ରହିଥିଲା। ଯଦିଓ ପର୍ଯ୍ୟଟକ ଭିଜା ସାଧାରଣତଃ ସ୍ଥଗିତ ରଖାଯାଇଥିଲା, ସେଗୁଡ଼ିକୁ ଜରୁରୀକାଳୀନ ପରିସ୍ଥିତିରେ ପ୍ରଦାନ କରାଯାଉଥିଲା। ଆମେ ଆନୁଷ୍ଠାନିକ ଭାବରେ ବନ୍ଦ ଘୋଷଣା କରିନାହୁଁ।'

ତଥାପି, ବାଂଲାଦେଶରେ ଫେବୃଆରୀ ୧୨ରେ ଅନୁଷ୍ଠିତ ନିର୍ବାଚନକୁ ଦୃଷ୍ଟିରେ ରଖି, ବାଂଲାଦେଶ ସରକାର ଜାନୁଆରୀ ୧୫ରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ପର୍ଯ୍ୟଟକ ଭିଜା ସ୍ଥଗିତ ରଖିବାକୁ ଭାରତରେ ଥିବା ଏହାର ଦୂତାବାସଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଜରୁରୀକାଳୀନ ପରିସ୍ଥିତିରେ ଭିଜା ଜାରି କରାଯାଇଥିଲା। ଭୁଟାନ ଏବଂ ନେପାଳ ଭଳି ଦେଶଗୁଡ଼ିକୁ ମଧ୍ୟ ସେବା ସମ୍ପୂର୍ଣ୍ଣ ଭାବରେ ସ୍ଥଗିତ କରାଯାଇଥିଲା।

# ଗ୍ରୀନଲ୍ୟାଣ୍ଡକୁ ବିରାଟ ହସ୍ପିଟାଲ ବୋଟ୍ ପଠାଇଲା ଆମେରିକା

**ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି):** ଗ୍ରୀନଲ୍ୟାଣ୍ଡକୁ ହସ୍ପିଟାଲ ବୋଟ୍ ପଠାଇଲା ଆମେରିକା। ଏହା ରୋଗଗ୍ରସ୍ତ ଏବଂ ପର୍ଯ୍ୟାପ୍ତ ଯତ୍ନ ନେଉନଥିବା ଲୋକଙ୍କୁ ସହାୟତା କରିବା ପାଇଁ ଯାଉଛି ବୋଲି କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ସେ ଲେଖିଛନ୍ତି, ଲୁଇସିଆନାର ରାଜ୍ୟପାଳ ଜେଫ୍ ଲ୍ୟାଣ୍ଡ୍ରିଙ୍କ ନେତୃତ୍ୱରେ ଆମେ ଅସୁସ୍ଥ ଥିବା ଏବଂ ସେଠାରେ ଯତ୍ନ ନିଆଯାଉନଥିବା ଅନେକ ଲୋକଙ୍କ ଯତ୍ନ ନେବା ପାଇଁ ଗ୍ରୀନଲ୍ୟାଣ୍ଡକୁ ଏକ ହସ୍ପିଟାଲ ବୋଟ୍ ପଠାଇବାକୁ ଯାଉଛୁ। ଏହା ବାଟରେ ଅଛି।

ଏହି ପୋଷ୍ଟ ସହିତ ଏକ ଚିତ୍ର ଥିଲା ଯେଉଁଥିରେ ୟୁଏସ୍‌ଏନ୍‌ଏସ୍ ମେର୍‌ସି, ଏକ ପ୍ରସିଦ୍ଧ ନୌସେନା ହସ୍ପିଟାଲ ଜାହାଜକୁ ଦର୍ଶାଯାଇଥିଲା। ମାନବିକ ପଦକ୍ଷେପ ଡିସେମ୍ବରରେ ଲୁଇସିଆନା ରାଜ୍ୟପାଳ ଜେଫ୍ ଲ୍ୟାଣ୍ଡ୍ରିଙ୍କୁ ଆର୍କଟିକ ଅଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ଦୂତ ଭାବରେ ନିଯୁକ୍ତ କରିବାର ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପରେ ଆସିଛି। ଏହି ଅଞ୍ଚଳରେ ଚିକିତ୍ସା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଲ୍ୟାଣ୍ଡ୍ରିଙ୍କ ସହ ସହଭାଗୀତାରେ ଏହି ପ୍ରୟାସ ସମନ୍ୱିତ କରାଯାଉଛି।



ଲୁଇସିଆନା ରାଜ୍ୟପାଳ ଜେଫ୍ ଲ୍ୟାଣ୍ଡ୍ରି ମଧ୍ୟ ଏକ୍ସରେ ପ୍ରତିକ୍ରିୟା ପ୍ରକାଶ କରି ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ କହିଥିଲେ ଯେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କ ସହିତ କାମ କରିବାକୁ ଗର୍ବିତ। ତଥାପି, ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ପ୍ରକୃତ ପ୍ରକୃତି ଏବଂ ମିଶନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅସ୍ପଷ୍ଟ ରହିଛି। ଗତ ମାସରେ, ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ ନାଟୋ ମୁଖ୍ୟଙ୍କ ସହ ଆଲୋଚନା ସମୟରେ ଗ୍ରୀନଲ୍ୟାଣ୍ଡ ସହ ଜଡିତ ଭବିଷ୍ୟତର ଚୁକ୍ତିର ଢାଞ୍ଚା ଗଠନ କରିଛନ୍ତି।

ଟ୍ରମ୍ପ ବାରମ୍ବାର ୱାଶିଂଟନ୍ ପାଇଁ ଗ୍ରୀନଲ୍ୟାଣ୍ଡର ରଣନୈତିକ ଗୁରୁତ୍ୱ ଦେଉଥିବା ଏବଂ ଆର୍କଟିକ ଦ୍ୱୀପକୁ ଆମେରିକା କିଣିପାରିବ ବୋଲି ଏକ ସମ୍ପତ୍ତି ଭାବରେ ବର୍ଣ୍ଣନା କରିଛନ୍ତି। ଏହା ଡେନମାର୍କକୁ ଗ୍ରୀନଲ୍ୟାଣ୍ଡ ଉପରେ ଏହାର ଆଇନଗତ ସାର୍ବଭୌମତ୍ୱ ପୁନଃନିର୍ଦ୍ଦେଶ କରିବାକୁ ପ୍ରେରଣା ଦେଇଛି। ଜାନୁଆରୀରେ ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମରେ, ଟ୍ରମ୍ପ ପୁଣି ଥରେ ଏହି ଅଞ୍ଚଳ ଉପରେ ଆମେରିକୀୟ ନିୟନ୍ତ୍ରଣ ପାଇଁ ଚାପ ପକାଇଥିଲେ। ବ୍ୟବସାୟ ଏବଂ ରାଜନୈତିକ ନେତାମାନଙ୍କୁ ସମ୍ବୋଧିତ କରି, ସେ କହିଥିଲେ ଯେ ଯୁକ୍ତରାଷ୍ଟ୍ର ବ୍ୟତୀତ କୌଣସି ରାଷ୍ଟ୍ର କିମ୍ବା ରାଷ୍ଟ୍ର ଗୋଷ୍ଠୀ ଗ୍ରୀନଲ୍ୟାଣ୍ଡକୁ ସୁରକ୍ଷିତ ରଖିବାରେ ସକ୍ଷମ ହେବା ସ୍ଥିତିରେ ନାହିଁ, ନାଟୋ ସହଯୋଗୀମାନଙ୍କୁ ସେମାନଙ୍କର ଦାୟିତ୍ୱ ପୂରଣ କରିବାରେ ବିଫଳ ହେବାର ଅଭିଯୋଗ କରିଥିଲେ। ଏହି ସମୟରେ, ଗ୍ରୀନଲ୍ୟାଣ୍ଡ ଏବଂ ଡେନମାର୍କର ଅଧିକାରୀମାନେ କହିଛନ୍ତି ଯେ ଏହି ଅଞ୍ଚଳ ବିକ୍ରୟ ପାଇଁ ନୁହେଁ।

## ୱାଶିଂଟନ ଡିସିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ଟ୍ରମ୍ପ

**ୱାଶିଂଟନ, ୨୨।୨ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ ଡିସିରେ ଜରୁରୀକାଳୀନ ଘୋଷଣାକୁ ଅନୁମୋଦନ କରିଛନ୍ତି। ସ୍ୱେରେଜ ପାଇପ୍ ଫାଟିବା ପରେ ପୋଟୋମାକ୍ ନଦୀରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ଏବଂ ପରିସ୍ଥିତି ଜଟିଳ ରହିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଫେଡେରାଲ୍ ଜରୁରୀକାଳୀନ ପରିଚାଳନା ଏଜେନ୍ସି (ଏଫଇଏମଏ) ଏକ ପ୍ରେସ୍ ରିଲିଜ୍ ରେ କହିଛି ଯେ ଜାନୁଆରୀ ୧୯ ତାରିଖରୁ ସ୍ୱେରେଜ୍ ଲାଇନ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କୋଲମ୍ବିଆ ଜିଲ୍ଲାକୁ ଫେଡେରାଲ୍ ବିପର୍ଯ୍ୟୟ ସହାୟତା ଯୋଗାଇ ଦିଆଯିବ।



ଏଫଇଏମଏ କହିଛି ଯେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପରେ ସମସ୍ତ ପ୍ରୟାସକୁ ସମନ୍ୱୟ କରିବା ପାଇଁ ଏଜେନ୍ସିକୁ ଅଧିକାର ମିଳିଛି। ଏହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ କଷ୍ଟକୁ ଦୂର କରିବା, ଜୀବନ ରକ୍ଷା କରିବା, ସମ୍ପତ୍ତିର ସୁରକ୍ଷା କରିବା ଏବଂ ଜନସ୍ୱାସ୍ଥ୍ୟ ଓ ନିରାପତ୍ତା ସୁରକ୍ଷା କରିବା। ଏହି ସହାୟତା କୋଲମ୍ବିଆ ଜିଲ୍ଲା, ମେରିଲ୍ୟାଣ୍ଡ ଓ ଭର୍ଜିନିଆର ସେହି ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯିବ ଯେଉଁଠାରେ ଜିଲ୍ଲା ପ୍ରଶାସନିକ ଦାୟିତ୍ୱରେ ଅଛି। ୱାଶିଂଟନ୍, ଡିସିର ମେୟର ମୁରିଏଲ୍ ବାଉସର୍ ଶୁକ୍ରବାର ଦିନ ପୁନରାବୃତ୍ତି କରି କହିଛନ୍ତି, ସ୍ୱେରେଜ୍ ଲାଇନ୍ ଫାଟିବା ପାନୀୟ ଜଳକୁ ପ୍ରଭାବିତ କରିନାହିଁ। ରିପୋର୍ଟ ଅନୁଯାୟୀ ଜାନୁଆରୀ ୧୯ ତାରିଖରେ, ଡିସି ୱାଟର ଦ୍ୱାରା ପରିଚାଳିତ ଏକ ପ୍ରମୁଖ ସ୍ୱେରେଜ୍ ପାଇପଲାଇନର ଏକ ଅଂଶ, ଯାହାକୁ ପୋଟୋମାକ୍ ଇଣ୍ଟରସେପ୍ଟର କୁହାଯାଏ, ତାହା ଫାଟି ଯାଇଥିଲା, ଯାହା ଫଳରେ ୨୦୦ ମିଲିୟନ୍ ଗ୍ୟାଲନରୁ ଅଧିକ ସ୍ୱେରେଜ୍ ପୋଟୋମାକ୍ ନଦୀରେ ନିର୍ଗତ ହୋଇଥିଲା। ଫେବୃଆରୀ ୧୮ ତାରିଖରେ, ମେୟର ବାଉସର୍ ଫେଡେରାଲ୍ ସହାୟତା ପାଇବା ପାଇଁ ଏକ ମାସ ଧରି ଚାଲିଥିବା ଘଟଣାକୁ ସ୍ଥାନୀୟ ସାଧାରଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ।

## ମହିଳାଙ୍କ ପେଟରେ ରହିଗଲା କଇଁଚି, ୪ ବର୍ଷ ପରେ ଜଣାପଡ଼ିଲା

**ଥିରୁଅନନ୍ତପୁରମ୍, ୨୨।୨ (ଏଜେନ୍ସି):** କେରଳର ଏକ ମେଡିକାଲ୍ କଲେଜରେ ଅସ୍ତ୍ରୋପଚାର ସମୟରେ ଜଣେ ମହିଳାଙ୍କ ପେଟରେ କଇଁଚି ଛାଡି ଦିଆଯିବା ଘଟଣା ରାଜନୈତିକ ବିବାଦ ସୃଷ୍ଟି କରିଛି। ମେ ୨୦୨୧ରେ, ପୁନ୍ନାପ୍ରାର ବାସିନ୍ଦା ଉଷା ଯୋସେଫ (୫୧) ଗର୍ଭାଶୟ ଟ୍ୟୁମର ଅପରେସନ ପାଇଁ ଆଲାପୁଝା ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଥିଲେ ।

ଅସ୍ତ୍ରୋପଚାର ପରେ ମହିଳାଙ୍କ ପେଟରେ ଲଗାତାର ଯନ୍ତ୍ରଣା ହେଉଥିଲା । କିନ୍ତୁ ଚାରି ବର୍ଷ ପରେ ଏକ ପରୀକ୍ଷାରୁ ଜଣାପଡିଲା ଯେ, ତାଙ୍କ ପେଟ ଭିତରେ ସର୍ଜିକାଲ ଫୋରସେପ୍ସ ରହିଛି। ବିରୋଧୀ ଦଳଗୁଡ଼ିକ ଏବେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଘଟଣାକୁ ବିରୋଧ କରି ଶନିବାର କଂଗ୍ରେସ ଏବଂ ଯୁବ କଂଗ୍ରେସ କର୍ମୀମାନେ ରାଜ୍ୟବ୍ୟାପୀ ପ୍ରତିବାଦ କରିଥିଲେ। ପ୍ରତିବାଦ ଏତେ ହିଂସାତ୍ମକ ଥିଲା ଯେ, ପ୍ରଦର୍ଶନକାରୀମାନେ ଥିରୁଅନନ୍ତପୁରମରେ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜଙ୍କ ସରକାରୀ ବାସଭବନ ପରିସରରେ ପ୍ରବେଶ କରିଥିଲେ। କର୍ମୀମାନେ ମନ୍ତ୍ରୀଙ୍କ ଘରର ଦ୍ୱାରରେ ଫୁଲମାଳ ଟାଙ୍ଗି ତାଙ୍କ ଇସ୍ତଫା ଦାବି କରିଥିଲେ। ବୀଣା ଜର୍ଜ କହିଛନ୍ତି ଯେ ବିରୋଧୀ ଦଳ ନେତା ଭିଡି ଶତିସନଙ୍କ ନିର୍ଦ୍ଦେଶରେ ଏହି ପ୍ରତିବାଦ କରାଯାଉଛି ଏବଂ ଏହା ତାଙ୍କ ଉପରେ ଆକ୍ରମଣ କରିବାର ଏକ ଷଡ଼ଯନ୍ତ୍ର।

ଭିଡି ଶତିସନ୍ ଏହି ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ସରକାର ନିଜର ବିଫଳତା ଏବଂ ଚିକିତ୍ସା ଅବହେଳାକୁ ଲୁଚାଇବା ପାଇଁ ଏକ ଷଡ଼ଯନ୍ତ୍ର ରଚନା କରୁଛନ୍ତି। ସେପଟେ ଶନିବାର କୋଚିର ଏକ ଘରୋଇ ହସ୍ପିଟାଲରେ ଉଷା ଯୋଶେଫଙ୍କର ଆଉ ଏକ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାଙ୍କ ପେଟରୁ ସୁରକ୍ଷିତ ଭାବରେ ଫୋରସେପ୍ସ ବାହାର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି।

## ରାଜସ୍ଥାନରେ ଘୋଡ଼ା ଉପରେ ବ୍ଲିଙ୍କିଟ୍ ଡେଲିଭରି

**ଜୟପୁର, ୨୨।୨ (ଏଜେନ୍ସି):** ରାଜସ୍ଥାନରେ, ଯେଉଁଠାରେ ଘୋଡ଼ା ଏବଂ ଓଟଙ୍କୁ ପରମ୍ପରା, ଗର୍ବ ଏବଂ ବୀରତ୍ୱର ପ୍ରତୀକ ଭାବରେ ବିବେଚନା କରାଯାଏ, ସେଠାରେ ଏକ ଭିଡ଼ିଓ ସାମ୍ନାକୁ ଆସିଛି ଯାହା ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟାକୁ ଏକ ଅବିକଳ ମିଶ୍ରଣ କରିଥାଏ। ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଥିବା ଏକି ଭିଡିଓରେ, ଜଣେ ବୃଦ୍ଧ ବ୍ୟକ୍ତି ଘୋଡା ଚଢି ଏକ ବ୍ଲିଙ୍କିଟ ବ୍ୟାଗ ଧରି ଆସୁଥିବାର ଦେଖାଯାଉଛି। ଡେଲିଭରି ବଏମାନେ ସାଧାରଣତଃ ବାଇକ କିମ୍ବା ସ୍କୁଟରରେ ସାମଗ୍ରୀ ପହଞ୍ଚାଇଥାନ୍ତି, କିନ୍ତୁ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ। ଭିଡିଓଟି ଦେଖିବା ପରେ, ଲୋକଙ୍କ ପାଖରେ ଗୋଟିଏ ଧାଡ଼ି ରହିଯାଏ: 'ପ୍ରଧାନ, ଏଠାରେ ଯୁବକମାନେ ଘୋଡା ଚଢିପାରିବେ ନାହିଁ, ଏବଂ ବୃଦ୍ଧମାନେ ଘୋଡା ଚଢି ବ୍ଲିଙ୍କିଟ ପହଞ୍ଚାଇ ଦେଉଛନ୍ତି।' ଏହି କାରଣରୁ ଭିଡିଓଟି ଇଣ୍ଟରନେଟରେ ଆଲୋଚନାର ଏକ ଚମତ୍କାର ବିଷୟ ପାଲଟିଛି। ଭାଇରାଲ ଭିଡିଓରେ, ପାରମ୍ପରିକ ରାଜସ୍ଥାନୀ ପୋଷାକ ପିନ୍ଧିଥିବା ଜଣେ ବୃଦ୍ଧ ବ୍ୟକ୍ତି ଘୋଡା ଚଢି ତାଙ୍କ ପିଠିରେ ଏକ ହଳଦିଆ ବ୍ଲିଙ୍କିଟ ଡେଲିଭରି ବ୍ୟାଗ ଝୁଲାଇ ଦେଇଛନ୍ତି। ରାସ୍ତା ପାର୍ଶ୍ୱ ଦେଇ ଯାଉଥିବା ଜଣେ ବ୍ୟକ୍ତି ଏହି ଦୃଶ୍ୟକୁ ନିଜ ମୋବାଇଲ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡିଓଟି ଶୀଘ୍ର ଭାଇରାଲ ହୋଇଛି। ଭିଡିଓରେ, ବୃଦ୍ଧ ବ୍ୟକ୍ତି ଯେଉଁ ଆଡମ୍ବରରେ ଡେଲିଭରି କରିବାକୁ ଯାଉଛନ୍ତି ତାହା ଏପରି ମନେ ହେଉଛି ଯେପରି ସେ କିଛି ସାମଗ୍ରୀ ଡେଲିଭରି କରିବାକୁ ଯାଉନାହାଁନ୍ତି ବରଂ ଜଣେ ବୃଦ୍ଧା କନ୍ୟାକୁ ନେବାକୁ ଯାଉଛନ୍ତି। ଏହି ଭିଡିଓଟି ରାଜସ୍ଥାନର ଏକ ଗ୍ରାମାଞ୍ଚଳର ବୋଲି କୁହାଯାଉଛି, ଯେଉଁଠାରେ ରାସ୍ତାଗୁଡ଼ିକ କଚ୍ଚା ଏବଂ ବାଇକ ସଂଯୋଗ କଷ୍ଟକର। ଏପରି ପରିସ୍ଥିତିରେ, ଘୋଡା ବ୍ୟବହାର କରିବା ଏକ ଆବଶ୍ୟକତା ଏବଂ ସ୍ଥାନୀୟ ସଂସ୍କୃତିର ଏକ ଅଂଶ ହୋଇପାରେ। ତଥାପି, ଏହା ପ୍ରକୃତରେ ଡେଲିଭରି କି ଏକ ହାସ୍ୟରସପୂର୍ଣ୍ଣ ଭିଡିଓ ତାହା ବିଷୟରେ କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ।




# ବାଲିରୁ ବାହାରି ଆସିଲା ୫୦୦ ବର୍ଷ ପୁରୁଣା ଜାହାଜ

## ସୁନା ଏବଂ ରୁପା ମୁଦ୍ରା ବାହାର କରି ଅଣନିଶ୍ୱାସୀ ହୋଇଗଲେ ଶ୍ରମିକ

**ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି):** କଳ୍ପନା କରନ୍ତୁ... ଯଦି ବିଶ୍ୱର ସବୁଠାରୁ ନିର୍ଜନ ମରୁଭୂମିରେ ହଠାତ୍ ଏକ କାଠ ବିମ୍ ବାହାରି ଆସିଲା, ଯାହା ସିଧାସଳଖ ୫୦୦ ବର୍ଷ ପୁରୁଣା ରତ୍ନଭଣ୍ଡାରକୁ ନେଇଗଲା ଅବିଶ୍ୱାସ ହେଲେ ବି ସତ। ନାମିବିଆର ସ୍ୱର୍ଜେବିଟ୍ ମରୁଭୂମିରେ ମଧ୍ୟ ସମାନ ଘଟଣା ଘଟିଛି, ଯେଉଁଠାରେ ହୀରା ଖୋଳୁଥିବା ଖଣି ଶ୍ରମିକମାନେ ଇତିହାସର ଦ୍ୱାର ଖୋଲି ଦେଇଥିଲେ। ବାଲି ଖୋଳୁ ଖୋଳୁ ବାହାରିଲା ଜାହାଜ। ଏହା ସାରା ବିଶ୍ୱର ପ୍ରତ୍ନତତ୍ତ୍ୱବିଦମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏହା ହେଉଛି ୧୬ ଶତାବ୍ଦୀର ପର୍ତ୍ତୁଗୀଜ୍ ଜାହାଜ...ବମ୍ ଯୀଶୁ।

ଇତିହାସବିଦମାନେ କୁହନ୍ତି ଯେ ଏହି ଜିନିଷଗୁଡ଼ିକ ଭାରତ ଏବଂ ଆଫ୍ରିକାକୁ ସମୁଦ୍ର ପଥ ଉପରେ ୟୁରୋପର ରାଜତ୍ୱ କାଳରେ ଆନ୍ତର୍ଜାତୀୟ ବାଣିଜ୍ୟର ଜୀବନ୍ତ ପ୍ରମାଣ। ସ୍କେଲିଟନ ଉପକୂଳକୁ ଜାହାଜ ପାଇଁ ଏକ କବରସ୍ଥାନ ବୋଲି ବିବେଚନା କରାଯାଏ। ଡାକ୍ତର ଡାଏଟର ନୋଲିଙ୍କ ଅନୁସାରେ, ବମ୍ ଯୀଶୁ ଏକ ଭୟଙ୍କର ଝଡ଼ରେ ଭାସି ଯାଇଥିଲା, ପଥରରେ ମାଡ଼ ହୋଇଥିଲା। ଏବଂ ଉପକୂଳରୁ ବୁଡ଼ି ଯାଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଭଗ୍ନାବଶେଷରେ କୌଣସି ମାନବ ଅବଶେଷ ମିଳିଲା ନାହିଁ, ଅର୍ଥାତ୍ ବିମାନ କର୍ମଚାରୀମାନେ ସମୁଦ୍ରରେ ଭାସି ଯାଇଥିବେ କିମ୍ବା ବାଲିରେ ହୋଇଯାଇଥିବେ।

ଅନୁଯାୟୀ, ନାମିବ୍ୟା ମରୁଭୂମିର ଅତ୍ୟନ୍ତ ଶୁଷ୍କ ବାଲି ତଳେ ସଂରକ୍ଷିତ ବମ୍ ଯୀଶୁ ନାମକ ଏହି ପର୍ତ୍ତୁଗୀଜ୍ ଜାହାଜଟି ୭ ମାର୍ଚ୍ଚ ୧୫୩୩ରେ ପର୍ତ୍ତୁଗାଲର ଲିସବନରୁ ଭାରତ ଅଭିମୁଖେ ଯାତ୍ରା କରିଥିଲା। ତାପରେ ହଠାତ୍ ରାସ୍ତାରେ ଅଦୃଶ୍ୟ ହୋଇଯାଇଥିଲା। ବର୍ଷ ବର୍ଷ ଧରି ଖୋଜାଖୋଜି କରିବା ସତ୍ତ୍ୱେ, ଜାହାଜଟି କେବେ ମିଳିଲା ନାହିଁ।

ଶେଷରେ, ୨୦୦୮ରେ, ହୀରା ଖଣି ସମୟରେ ନାମିବ୍ୟା ମରୁଭୂମିରେ ଏହାର ଭଗ୍ନାବଶେଷ ଆବିଷ୍କୃତ ହୋଇଥିଲା। ବମ୍ ଯୀଶୁ ୨,୦୦୦ ରୁ ଅଧିକ ସୁନା ମୁଦ୍ରା, ୨୨ ଟନ୍ ତମ୍ବା ଇଙ୍ଗଟ୍ ଏବଂ ଡଜନ ଡଜନ ପଶ୍ଚିମ ଆଫ୍ରିକୀୟ ହାତୀଦାନ୍ତ ବହନ କରୁଥିଲେ, ଯାହା ୟୁରୋପ, ଆଫ୍ରିକା ଏବଂ ଏସିଆ ମଧ୍ୟରେ ପ୍ରାୟ ଅକ୍ଷତ ମାଲବାହୀ ପ୍ରଣାଳୀକୁ ପ୍ରକାଶ କରିଥିଲା। ଏହା ବିଶ୍ୱାସ କରାଯାଏ ଯେ କେପ୍ ଅଫ୍ ଗୁଡ୍ ହୋପ୍ ନିକଟରେ ଏକ ଭୟଙ୍କର ଝଡ଼ ଦ୍ୱାରା ଜାହାଜଟି ରାସ୍ତାରୁ ଉଡ଼ିଯାଇଥିଲା ଏବଂ ଶତାବ୍ଦୀ ଧରି ସମ୍ପୂର୍ଣ୍ଣ ବାଲିରେ ଘୋଡ଼ାଇ ହୋଇ ରହିଥିଲା। ଶହ ଶହ ବର୍ଷ ପରେ, ଯେତେବେଳେ ପାଣି କମିଗଲା, ଭଗ୍ନାବଶେଷ ଆବିଷ୍କୃତ ହୋଇଥିଲା।

ୟୁନେସ୍କୋ ନିୟମ ଅନୁଯାୟୀ, ଏହି ଧନ ସମ୍ପତ୍ତି ଏବେ ଆନୁଷ୍ଠାନିକ ଭାବରେ ନାମିବ୍ୟାର। ପର୍ତ୍ତୁଗାଲ ମଧ୍ୟ ଏହାକୁ ଉପନିବେଶ-ଉତ୍ତର ସହଭାଗୀତାର ଉଦାହରଣ ଭାବରେ ଦାବି କରିବାକୁ ମନା କରିଦେଇଛି। ନାମିବ୍ୟା ଏବେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟରେ ଏହି ଅନନ୍ୟ ଆବିଷ୍କାର ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛି।

INS MEMBER

Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001

Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.

Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com

ସମ୍ପାଦକ– ସୁରେଶ ପରିଡ଼ା

Editor - Suresh Parida